କଟକ
ଗୁରୁବାର ୧୨ ମାର୍ଚ୍ଚ, ୨୦୨୬
ପ୍ରାତଃ ସଂସ୍କରଣ

March 12 2026 Cuttack
Vol - XXIII, Issue - 339
Price: Rs.5/- ( 8 + 4 Pages)
e-mail : pratidin.daily@gmail.com


Postal Regd. No: BN /134/24-26
RNI No- ODIODI/2003/10995


# ପ୍ରତିଦିନ


www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ






FOR MBO TRADE INQUIRY:
DISTRIBUTOR // M/S SUNCITY // MR. BINOD AGARWAL - 9937171510 // MR. PRAVIN (BUNTY) - 9437582191
SPYKAR // MR. HEMANT - 9321414533

SPYKAR.COM



# ସାଉଥ୍‌ର ନମ୍ବର ୱାନ୍ ହିରୋଇନଙ୍କ ସହ ରୋମାନ୍ସ କରିବେ ସଲମାନ୍ ଖାନ୍

ଅଭିନେତା ସଲମାନ ଖାନ ତାଙ୍କର ଅପକମିଙ୍ଗ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗାଲୱାନ୍' ପାଇଁ ବହୁତ୍ ବ୍ୟସ୍ତ ଅଛନ୍ତି । ଏହି ସମୟରେ, ସଲମାନ ଖାନଙ୍କ ଆଉ ଏକ ପ୍ରୋଜେକ୍ଟ ସମ୍ପର୍କରେ ଅପଡେଟ୍ ଆସିଛି । ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଅଭିନେତା ଜଣାଶୁଣା ଫିଲ୍ମ ମେକର ଯୋଡ଼ି ରାଜ୍ ଏବଂ ଡିକେଙ୍କ ସହ ସହଯୋଗ କରିବାକୁ ଯୋଜନା କରୁଛନ୍ତି । ସାମ୍ନାକୁ ଆସିଥିବା ଆଉ ଏକ ରିପୋର୍ଟ ଅନୁଯାୟୀ, ସୁପରଷ୍ଟାର ତାଙ୍କର ଆଗାମୀ ସୁପରହିରୋ ଫିଲ୍ମ ପାଇଁ ନିର୍ଦ୍ଦେଶକଙ୍କ ସହ କଥାବାର୍ତ୍ତା ହେଉଛନ୍ତି ।

ବର୍ତ୍ତମାନ୍ ରାଜ୍ ଏବଂ ଡିକେଙ୍କ ସହ ସଲମାନଙ୍କ ସହଯୋଗକୁ ନେଇ ଅପଡେଟ୍ ଆସିଛି । ରିପୋର୍ଟ ଅନୁସାରେ ଏହି ସୁପରହିରୋ ଫିଲ୍ମରେ ସଲମାନଙ୍କ ସହ ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥପ୍ରଭୁଙ୍କୁ କାଷ୍ଟ କରାଯିବ । ରିପୋର୍ଟ ଅନୁସାରେ ସଲମାନ ଖାନ ଗତ ତିନି ମାସ ଧରି ରାଜ ଏବଂ ଡିକେଙ୍କ ସହ ଏକ ବଡ଼ ବଜେଟ୍ ଫିଲ୍ମ ବିଷୟରେ ଆଲୋଚନା କରୁଛନ୍ତି ଯେଉଁଥିରେ ସଲମାନ ଜଣେ ସୁପରହିରୋ ଭୂମିକାରେ ନଜର ଆସିବେ । ଏହି ସମୟରେ, ଏବେ ଖବର ଆସିଛି ଯେ ଏହି ଫିଲ୍ମରେ ସଲମାନ ଖାନଙ୍କ ବିପକ୍ଷରେ ରାଜଙ୍କ ପତ୍ନୀ ଏବଂ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ କାଷ୍ଟ କରାଯାଉଛି ।

ରାଜ ଏବଂ ଡିକେଙ୍କ ସହିତ ସଲମାନଙ୍କ ଆଗାମୀ ପ୍ରୋଜେକ୍ଟ ପାଇଁ ସାମନ୍ଥାଙ୍କ ନାମ ସବୁଠାରୁ ଆଗରେ ରହିଛି। ରିପୋର୍ଟରେ ଆହୁରି ମଧ କୁହାଯାଇଛି ଯେ ସାମନ୍ଥା ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି । ନିର୍ମାତାମାନେ ତାଙ୍କ ସହିତ ଭଲ ସମ୍ପର୍କ ରଖିଛନ୍ତି ଏବଂ ବିଶ୍ୱାସ ରଖିଛନ୍ତି ଯେ ସେ ଏହି ଭୂମିକା ପାଇଁ ଉପଯୁକ୍ତ। ଯଦି ରିପୋର୍ଟ ସତ ହୁଏ, ତେବେ ଏହି ପ୍ରୋଜେକ୍ଟ ରାଜ ଏବଂ ଡିକେଙ୍କ ସହିତ ସଲମାନଙ୍କର ପ୍ରଥମ ପ୍ରୋଜେକ୍ଟ ହେବ।

ଏଥିସହ ଜାଣିରଖନ୍ତୁ ଯେ, 'ବ୍ୟାଟଲ୍ ଅଫ୍ ଗାଲୱାନ୍' ଆସନ୍ତା ମାସରେ ରିଲିଜ୍ ହେବ । ଏହି ଫିଲ୍ମଟି ଗାଲୱାନ୍ ଘାଟିରେ ଭାରତୀୟ ଏବଂ ଚୀନ୍ ସୈନିକଙ୍କ ମଧ୍ୟରେ ହୋଇଥିବା ବାସ୍ତବ ଜୀବନର ସଂଘର୍ଷ ଉପରେ ଆଧାରିତ। ଏଥିରେ ଚିତ୍ରାଙ୍ଗଦା ସିଂହ ମଧ ଅଭିନୟ କରିଛନ୍ତି । ପ୍ରଥମେ ୧୭ ଏପ୍ରିଲ୍ ୨୦୨୬ରେ ରିଲିଜ କରିବାକୁ ସ୍ଥିର କରାଯାଇଥିଲା, ରିପୋର୍ଟ ଅନୁଯାୟୀ ଏହା ବିଳମ୍ବିତ ହୋଇପାରେ ଏବଂ ୧୪ ଅଗଷ୍ଟ ୨୦୨୬ରେ ରିଲିଜ୍ ହେବ ବୋଲି ଆଶା କରାଯାଉଛି।



# ବ୍ରଜଧାମରେ ପ୍ରସିଦ୍ଧ ମନ୍ଦିରଗୁଡ଼ିକ ପଶ୍ଚିମ ଦିଗରେ କାହିଁକି ଅବସ୍ଥିତ
## ଜାଣନ୍ତୁ ବଡ଼ ରହସ୍ୟ



କୃଷ୍ଣଙ୍କ ନଗରୀ ବ୍ରଜଧାମ ବା ବୃନ୍ଦାବନରେ ଅଧିକାଂଶ ପ୍ରାଚୀନ ଏବଂ ପୂଜ୍ୟ ମନ୍ଦିର ପଶ୍ଚିମରେ କାହିଁକି ଅବସ୍ଥିତ ଜାଣନ୍ତି କି ଶ୍ରୀ ବାଙ୍କେ ବିହାରୀ, ରାଧା ବଲ୍ଲଭଜୀ, ରାଧାରମାନ ଜୀ ଏବଂ ରାଧା ଦାମୋଗର ଜୀ ଭଳି ପ୍ରାଚୀନ ମନ୍ଦିରଗୁଡ଼ିକ ପଶ୍ଚିମରେ ଅବସ୍ଥିତ। ଆପଣ କେବେ ଭାବିଛନ୍ତି କି ଏହି ମନ୍ଦିରଗୁଡ଼ିକର ଦିଗ ପଛରେ କ'ଣ ରହିଛି ରହସ୍ୟ ବାସ୍ତୁ ଅନୁସାରେ, ମନ୍ଦିରର ଦିଗକୁ ଉତ୍ତର-ପୂର୍ବ ବୋଲି ବିବେଚନା କରାଯାଏ । ତେବେ ଆସନ୍ତୁ ଏହା ବିଷୟରେ ଅଧିକ ଜାଣିବା ...

ବାସ୍ତୁ ଅନୁସାରେ, ପ୍ରତ୍ୟେକ ଦେବତାଙ୍କ ପାଇଁ ଭିନ୍ନ ଭିନ୍ନ ଦିଗ ନିର୍ଦ୍ଦିଷ୍ଟ କରାଯାଇଛି। ହେଲେ, ଜ୍ଞାନର ଆସନ, ଉତ୍ତର-ପୂର୍ବ କୋଣକୁ ମନ୍ଦିର ସ୍ଥାପନ ପାଇଁ ସର୍ବୋତ୍ତମ ବିବେଚନା କରାଯାଏ । ଜାଣିରଖନ୍ତୁ ଯେ, ପଶ୍ଚିମ ଦିଗକୁ ଇଚ୍ଛା ପୂରଣର ଦିଗ ଭାବରେ ବିବେଚନା କରାଯାଏ, ଯେଉଁଠାରେ ଏହି ଦିଗରେ କରାଯାଇଥିବା ପ୍ରାର୍ଥନା ନିଶ୍ଚିତ ଭାବରେ ଦେବତାମାନଙ୍କ ଦ୍ୱାରା ଗ୍ରହଣ କରାଯାଏ । ପଶ୍ଚିମ ଦିଗ ଆକାଶ ଉପାଦାନକୁ ପ୍ରତିନିଧିତ୍ୱ କରେ ଏବଂ ଏହା ଭଗବାନ ବିଷ୍ଣୁ ଏବଂ ନ୍ୟାୟର ଦେବତା ଶନିଙ୍କ ଦିଗ ମଧ । ତେଣୁ, ବାସ୍ତୁରେ, ପଶ୍ଚିମ ଦିଗକୁ ମନ୍ଦିର ସ୍ଥାପନ ପାଇଁ ସର୍ବୋତ୍ତମ ଦିଗ ଭାବରେ ବିବେଚନା କରାଯାଏ । ଏହାକୁ ବିଶେଷ ଭାବରେ ଭଗବାନ ବିଷ୍ଣୁଙ୍କୁ ସମର୍ପିତ ମନ୍ଦିର ସ୍ଥାପନ ପାଇଁ ଆଦର୍ଶ ବୋଲି ବିବେଚନା କରାଯାଏ ।

ଉତ୍ତର-ପୂର୍ବ କୋଣରେ ଅବସ୍ଥିତ ଏକ ମନ୍ଦିର ଆପଣଙ୍କ ବୁଦ୍ଧି ଏବଂ ବିବେଚନାକୁ ବଜାୟ ରଖେ । ପଶ୍ଚିମ ଦିଗରେ ନିର୍ମିତ ଏକ ମନ୍ଦିର ଆପଣଙ୍କ ଇଚ୍ଛାକୁ ମଧ ପୂରଣ କରିଥାଏ । ହେଲେ, ଏଠାରେ କାମନା କରିବା ସମୟରେ, ବିଶେଷ ଭାବରେ ଧ୍ୟାନ ଦିଅନ୍ତୁ ଯେ ଏହା ନ୍ୟାୟର ଦେବତା ଶନିଦେବଙ୍କ ମଧ ଦିଗ । ଯଦି ଆପଣ କାହାକୁ କ୍ଷତି କରିବାକୁ ଚାହାଁନ୍ତି କିମ୍ବା ଅନୈତିକ ଇଚ୍ଛା କରନ୍ତି, ତେବେ ଶନିଦେବଙ୍କ ନ୍ୟାୟକୁ ନିଶ୍ଚିତ ଭାବରେ ବିଚାର କରନ୍ତୁ ।

ଆପଣମାନେ ଜାଣିରଖନ୍ତୁ ଯେ, ଯଦି ଆପଣ ଉତ୍ତର-ପୂର୍ବ କୋଣରେ ସ୍ଥାନ ପାଇପାରୁନାହାଁନ୍ତି, ତେବେ ଆପଣ ପଶ୍ଚିମ ଦିଗରେ ଏକ ମନ୍ଦିର ମଧ ସ୍ଥାପନ କରିପାରିବେ। ବିଶେଷ ଭାବରେ ସତର୍କ ରୁହନ୍ତୁ ଯେ ଦିଗଟି ଠିକ୍ ପଶ୍ଚିମରେ ଅଛି। ଯଦିଓ ଉତ୍ତର-ପୂର୍ବ କୋଣରେ କୌଣସି ମନ୍ଦିର ନାହିଁ, ହେଲେ ଏହି ଅଞ୍ଚଳକୁ ସଫା ଏବଂ ଆଲୋକ ରଖିବା ଅତ୍ୟନ୍ତ ଜରୁରୀ, ଯାହା ଦ୍ୱାରା ଆପଣଙ୍କର ବୁଦ୍ଧି ଏବଂ ବିବେକ ଅକ୍ଷୁର୍ଣ୍ଣ ରହିବ।

# ପ୍ରତିଦିନ ଖାଆନ୍ତୁ କ୍ଷୀର ଓ ମଖାନା
## ମିଳିବ ଚମତ୍କାର ଫାଇଦା



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ । ସୁସ୍ଥ ଶରୀର ଗଠନ ପାଇଁ ଅନେକ ଲୋକ ବହୁତ କିଛି ପଦକ୍ଷେପ ନେଇଥାନ୍ତି। କିଏ ଖାଦ୍ୟକୁ ନେଇ ସଚେତନ ଥାଆନ୍ତି ତ ଆଉ ପୁଣି କିଏ ବ୍ୟାୟାମ କରନ୍ତି ଏବଂ ଜିମରେ ଜଏନ୍ କରିଥାନ୍ତି । ସୁସ୍ଥ ଶରୀର ପାଇଁ ଉପଯୁକ୍ତ ଏବଂ ଉତ୍ତମ ଖାଦ୍ୟର ଆବଶ୍ୟକତା ରହିଛି । ସେହିସବୁ ମଧ୍ୟରୁ ମଖାନା ହେଉଛି ଅନ୍ୟତମ । ମଖାନାରେ ମିଳୁଥିବା ସମସ୍ତ ପୁଷ୍ଟିକର ଉପାଦାନ ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଅନେକ ସକରାତ୍ମକ ପ୍ରଭାବ ପକାଇଥାଏ । ଯଦି ଆପଣ ପ୍ରତିଦିନ ଏକ କପ୍ ମଖାନା ଖାଇବା ଆରମ୍ଭ କରନ୍ତି, ତେବେ ଆପଣଙ୍କ ସ୍ୱାସ୍ଥ୍ୟ ଅନେକ ଲାଭ ପାଇପାରିବ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଶାରୀରିକ ଦୁର୍ବଳତାକୁ ଦୂର କରିବାରେ ମଖାନା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ । କ୍ଷୀର ମଧ ଆମ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଆମେ ଜାଣିଛେ । ଯେମିତି ମଖାନାରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫାଇବର, ପୋଟାସିୟମ୍, ଆଇରନ୍ ଏବଂ ଜିଙ୍କର ଏକ ଭଲ ଉତ୍ସ ଥାଏ ଠିକ୍ ସେହିପରି କ୍ଷୀରରେ ମଧ କ୍ୟାଲସିୟମ ଏବଂ ମିନେରାଲ୍ସ ଭଳି ଗୁଣ ରହିଥାଏ, ଯାହା ଶରୀରକୁ ଅନେକ ଲାଭ ଦେଇଥାଏ । କିନ୍ତୁ ଆପଣ କ'ଣ ଜାଣିଛନ୍ତି କି, ମଖାନା ସହିତ କ୍ଷୀର ଖାଇବା ଦ୍ବାରା କେଉଁ ସବୁ ଲାଭ ମିଳିଥାଏ । ତେବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା ।

ମଖାନା ଶରୀର ପାଇଁ କୌଣସି ବରଦାନ ଠାରୁ କମ୍ ନୁହେଁ । ଏଥିରେ ସୋଡିୟମ୍, କ୍ୟାଲୋରୀ ଏବଂ ଫ୍ୟାଟ ମାତ୍ରା କମ୍ ରହିଥାଏ । ମଖାନାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ପ୍ରୋଟିନ୍ ଭଳି ଗୁଣ ପ୍ରଚୁର ମାତ୍ରାରେ ରହିଥାଏ । କ୍ଷୀରରେ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରରେ ଏନିମିୟାର ଅଭାବକୁ ଦୂର କରାଯାଇପାରେ । ଯେଉଁମାନଙ୍କ ଶରୀରରେ ରକ୍ତର ଅଭାବ ରହିଛି ସେମାନଙ୍କ ପାଇଁ ଏହା ଖୁବ୍ ଫଳପ୍ରଦ ହୋଇଥାଏ । କେବଳ ଏତିକି ନୁହେଁ ମଖାନା ଓ କ୍ଷୀର ସେବନ କରିବା ଦ୍ୱାରା ଏନର୍ଜିକୁ ମଧ ବୁଷ୍ଟ କରାଯାଇପାରିବ। ତାହେଲେ ଆସନ୍ତୁ ଜାଣିବା କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରକୁ କଣ କଣ ସବୁ ଫାଇଦା ମିଳିଥାଏ ।

**ହାର୍ଟ :** କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ହାର୍ଟ ହେଲ୍ଦି ରହିଥାଏ । ମଖାନାରେ ଆଲ୍କାଲାଇଡ ନାମକ ତତ୍ତ୍ୱ ରହିଥାଏ । ଏଥିରେ କିଛି ଖାସ୍ ପୋଷକ ତତ୍ତ୍ୱ ମିଳିଥାଏ ଯାହା ହୃଦ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ । ଏଥିସହିତ ଅଧିକ ଚିନ୍ତାରେ ରହୁଥିଲେ ମଖାନା ସେବନ କରିବା ଉଚିତ୍ । ରାତିରେ ଶୋଇବା ପୂର୍ବରୁ କ୍ଷୀର ଓ ମଖାନା ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ । ଯାହା ଦ୍ୱାରା ଅଧିକ ଚିନ୍ତାକୁ ଦୂର କରାଯାଇପାରିବ ।

**ଗ୍ୟାସ୍ ସମସ୍ୟା :** ମଖାନାରେ ବହୁତ ମାତ୍ରାରେ ଫାଇବର ଗୁଣ ମିଳିଥାଏ । ଏଥିରେ କେବଳ ଫାଇବର ନୁହେଁ ବରଂ କ୍ୟାଲସିୟମ୍‌ର ତତ୍ତ୍ୱ ମଧ ମିଳିଥାଏ । ଯାହା ପେଟ ଗ୍ୟାସ୍ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

**ଆଣ୍ଠୁ ଗଣ୍ଠି :** କ୍ଷୀର ଓ ମଖାନାରୁ ପ୍ରଚୁର ମାତ୍ରାର କ୍ୟାଲସିୟମ୍ ମିଳିଥାଏ । ଏହି ଦୁଇଟିକୁ ମିଶାଇ ଖାଇବା ଦ୍ୱାରା ଦୁର୍ବଳ ହୋଇଯାଇଥିବା ଆଣ୍ଠୁ ଗଣ୍ଠିକୁ ମଜବୁତ କରିଥାଏ । ତେଣୁ ଆପଣଙ୍କ ଖାଇବା ଲିଷ୍ଟରେ ମଖାନା ଏବଂ କ୍ଷୀରକୁ ସାମିଲ କରିପାରିବେ ।

**ଏନର୍ଜି :** ଯଦି ଆପଣ ଦୁର୍ବଳତା ଏବଂ ଏନର୍ଜିର ଅଭାବ ଅନୁଭବ କରୁଛନ୍ତି, ତେବେ କ୍ଷୀର ଓ ମଖାନା ଖାଇ ପାରିବେ। ମଖାନା ଓ କ୍ଷୀରରେ ପ୍ରୋଟିନ୍ ଏବଂ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ । ଯାହା ଶରୀରକୁ ଶକ୍ତି ଯୋଗାଇବାରେ ଗୁରୁତ୍ବପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଯେମିତି ହସିବା ଆମ ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ ହୋଇଥାଏ । ସେହିପରି ବେଳେବେଳେ କାନ୍ଦିବା ମଧ ଆମ ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ ହୋଇଥାଏ । ଏକ ରିସର୍ଚ୍ଚ ଅନୁଯାଇ କେବେକେବେ କାନ୍ଦିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ । ଆମେ ଆଜି ଆପଣଙ୍କ ଜଣାଇବୁ କାନ୍ଦିବାରୁ ମିଳୁଥିବା ୫ଟି ଫାଇଦା



# କାନ୍ଦିବା ମଧ ହୋଇଥାଏ ସ୍ୱାସ୍ଥ୍ୟପକ୍ଷେ ଉପକାରୀ

- ଆଖିର ମେମବ୍ରେନ୍ ସୁଖି ଯିବା କାରଣରୁ ଆଖିର ଆଲୋକ ଦୁର୍ବଳ ହୋଇଯାଇଥାଏ। ଆପଣଙ୍କର ଲୁହ ଏହାକୁ ଶୁଖିବାକୁ ଦିଏ ନାହିଁ ଯାହା ଦ୍ବାରା ଅପଣଙ୍କର ଆଖିର ଆଲୋକ ଠିକ୍ ରହିଥାଏ ।
- ଲୁହରେ ଲୋସୋଜମ୍ ନାମକ ଏକ ପ୍ରକାର ତତ୍ତ୍ୱ ରହିଥାଏ ଯାହା ବାହାରର ବ୍ୟାକ୍ଟେରିଆଙ୍କୁ ମାରିବାରେ ୯୦ ପ୍ରତିଶତ ସଫଳ ହୋଇଥାଏ ।
- ଯଦି ଆପଣ କିଛି ଦୁଶ୍ଚିନ୍ତାରେ ଅଛନ୍ତି ଏବଂ କାନ୍ଦୁଛନ୍ତି ତେବେ ଲୁହ ସହିତ ଆଡ୍ରେନୋକୋଟିକୋଟ୍ରୋପିକ୍ ଏବଂ ଲିଉସିନ୍ ନାମକ ହରମୋନ୍ ବାହାରିଥାଏ ଯାହା ଦ୍ୱାରା ଦୁଶ୍ଚିନ୍ତା ଦୂର ହୋଇଥାଏ ।
- କାନ୍ଦିବା ଦ୍ୱାରା ମସ୍ତିଷ୍କ ଏବଂ ହୃଦୟ ଠିକ୍ ଭାବେ କାର୍ଯ୍ୟ କରିଥାଏ ।
- ଲୁହ ଆପଣଙ୍କର ନିରାସପଣକୁ ଦୂରକରିଥାଏ । ଏହା ଦ୍ୱାରା ଅପଣଙ୍କ ମନକୁ ଶାନ୍ତି ମିଳିଥାଏ ।

# କିପରି କଟିବ ଆଜିର ଦିନ

୧୨ ମାର୍ଚ୍ଚ ୨୦୨୬

**ମେଷ:** ବିଭିନ୍ନ ପ୍ରତିବନ୍ଧକଜନିତ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ ହେବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**ବୃଷ:** ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବ।

**ମିଥୁନ:** ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ପାଇବେ।

**କର୍କଟ:** ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବନି। ଅଭାବ ଦୂରେଇବା କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ସିଂହ:** ଦୀର୍ଘଦିନରୁ ଅଟକି ରହିଥିବା କାମ ପାଇଁ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କନ୍ୟା:** ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ପାଇପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମାଲୋଚନା କରିପାରନ୍ତି।

**ତୁଳା:** ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ଗବେଷଣାରୁ ପ୍ରଶଂସିତ ହେବେ।

**ବିଛା:** ଟିକିଏ ଟିକିଏ କଥାରେ ବିରକ୍ତ ହେଲେ ପାରିବାରିକ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବର ପାଇବେ।

**ଧନୁ:** ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱାରା ସୁଫଳ ମିଳିବ। ଅତିରିକ୍ତ ଭ୍ରମଣ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର:** ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**କୁମ୍ଭ:** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

**ମୀନ:** ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେନି। ପାରିବାରିକ, ବ୍ୟବସାୟିକ, ନୂଆ ଯୋଜନାରୁ ଖୁସି ରହିବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନଦେଲେ ଅସୁବିଧାରେ ପଡ଼ିବେ।

# ପ୍ରତିଦିନ


୧୨ ମାର୍ଚ୍ଚ, ୨୦୨୬

www.pratidintv.com
e-paper:
www.pratidinepaper.com

PRATIDIN Odia Daily

ସବୁବେଳେ ଆପଣଙ୍କ ସାଥିରେ


## ଲୋକସଭା ବାଚସ୍ପତିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଖାରଜ



**ନୂଆଦିଲ୍ଲୀ,୧୧।୩(ନି.ପ୍ର):** ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୁଦ୍ଧରେ ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ପ୍ରସ୍ତାବ ଉପରେ ଆଲୋଚନା ପରେ ଏହା ଖାରଜ ହୋଇଯାଇଛି। ଧ୍ୱନି ମତରେ ଖାରଜ ହୋଇଛି ଏହି ଅନାସ୍ଥା ପ୍ରସ୍ତାବ। ବର୍ତ୍ତମାନ ଓମ୍ ବିର୍ଲା ଲୋକସଭା ବାଚସ୍ପତି ରହିବେ।


ଚାକିରି ଖୋଜୁଛନ୍ତି କି ?
VACANCY IN INDIA .com
ଭିଜିଟ କରନ୍ତୁ



BERHAMPUR BROILER TRADERS ASSOCIATION
CONSUMER RATE
Live Bird : Rs. 150/-@Kg.
Without Skin : Rs. 290/-@Kg.
Date 12.3.2026


# ଇଚ୍ଛାମୃତ୍ୟୁକୁ ସୁପ୍ରିମକୋର୍ଟଙ୍କ ଅନୁମତି

## ଚାରି ମହଲା ଉପରୁ ପଡ଼ି ୧୩ ବର୍ଷ ଧରି କୋମାରେ ରହିଛନ୍ତି ହରିଶ ରାଣା



**ନୂଆଦିଲ୍ଲୀ,୧୧।୩(ନି.ପ୍ର):** ସୁପ୍ରିମକୋର୍ଟ ପ୍ରଥମଥର ପାଇଁ ଇଚ୍ଛାମୃତ୍ୟୁକୁ ଅନୁମତି ଦେଇଛନ୍ତି। ୩୧ ବର୍ଷ ବୟସ୍କ ହରିଶ ରାଣାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପ୍ରଦାନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଗାଜିଆବାଦର ହରିଶ ରାଣା ଓ ତାଙ୍କ ପରିବାରର ମିଳିତ ଆବେଦନର ଶୁଣାଣି କରି ତାଙ୍କ ଜୀବନ ରକ୍ଷାକାରୀ ଚିକିତ୍ସା ବନ୍ଦ କରିବାକୁ ଅନୁମତି ପ୍ରଦାନ କରିଛନ୍ତି।

୨୦୧୩ରେ ହରିଶ ଇଞ୍ଜିନିୟରିଂ ପଢୁଥିବା ସମୟରେ ଚଣ୍ଡିଗଡ଼ରେ ତାଙ୍କ କଲେଜର ଚତୁର୍ଥ ମହଲା ବାଲକୋନିରୁ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେବେଠାରୁ ହରିଶ ଆଉ ଚେତା ଫେରି ପାଇନଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। କିନ୍ତୁ ଏହି ଦୁଃଖଦ ଘଟଣା ତାଙ୍କର ଓ ତାଙ୍କ ପରିବାରର ସ୍ୱପ୍ନକୁ ଧୂଳିସାତ କରିଦେଇଥିଲା। ଗତ ୧୩ ବର୍ଷ ଧରି ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ଡାକ୍ତରମାନେ ମଧ୍ୟ ସବୁ ଆଶା ଛାଡ଼ି ଦେଇଛନ୍ତି। ତାଙ୍କ ପିତାମାତା ସର୍ବୋଚ୍ଚ ନ୍ୟାୟାଳୟରେ ପୁତ୍ରଙ୍କୁ ଏହି ଯନ୍ତ୍ରଣାଦାୟକ ଜୀବନରୁ ମୁକ୍ତ କରିବାକୁ ନିବେଦନ କରିଥିଲେ।

ବିଚାରପତି ଜଷ୍ଟିସ ଜେ ବି ପାରଦିୱାଲା ଏବଂ ବିଚାରପତି ଜଷ୍ଟିସ ଆର୍ ମହାଦେବନଙ୍କ ଖଣ୍ଡପୀଠ ଦୁଇଟି ମେଡ଼ିକାଲ ବୋର୍ଡ଼ର ରିପୋର୍ଟ ଆଧାରରେ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ରିପୋର୍ଟରେ ସ୍ପଷ୍ଟ ହୋଇଛି ଯେ, ରାଣା ସମ୍ପୂର୍ଣ୍ଣ ସୁସ୍ଥ ହେବାର ସମ୍ଭାବନା ନାହିଁ। ଗତ ୧୩ ବର୍ଷ ଧରି କୋମାରେ ଅଛନ୍ତି। ସେ ଶଯ୍ୟାଶାୟୀ ଏବଂ ତରଳ ଖାଦ୍ୟ ଉପରେ ନିର୍ଭରଶୀଳ।




## ମାଓ ଡମ୍ପରୁ ମିଳିଲା ୩ କୋଟି ଟଙ୍କା, ୧ କେଜି ସୁନା

# ସରେଣ୍ଡର କଲେ ୧୦୮ ମାଓବାଦୀ

**ମାଲକାନଗିରି,୧୧।୩(ନି.ପ୍ର):** ସୀମାନ୍ତବର୍ତ୍ତୀ ରାଜ୍ୟ ଛତିଶଗଡ଼ର ବସ୍ତର ପୋଲିସ ନିକଟରୁ ଆତ୍ମସମର୍ପଣ କରିଛନ୍ତି ୧୦୮ ମାଓବାଦୀ। ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ପୁନର୍ବାସରୁ ପୁନର୍ଜୀବିତ କାର୍ଯ୍ୟକ୍ରମରେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ଏହି ୧୦୮ ମାଓବାଦୀ ସରେଣ୍ଡର କରିଛନ୍ତି। ଏହି ମାଓବାଦୀଙ୍କ ମୁଣ୍ଡ ଉପରେ ୩ କୋଟି ୨୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସରେଣ୍ଡର କରିଥିଲେ ମଧ୍ୟରେ ୪୪ ଜଣ ମହିଳା ନକ୍ସଲ ରହିଛନ୍ତି। ୧୦୮ ଜଣ ମହିଳା।

ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ମାଓ ଡ଼ମ୍ପରୁ ୧୦୧ଟି ଅତ୍ୟାଧୁନିକ ହତିଆର ଜବତ କରାଯାଇଛି। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ଏକେ-୪୭ ବନ୍ଧୁକ ୭ଟି, ୧୧ଟି ଇନସାସ, ୬ଟି ଏସଏଲଆର ବନ୍ଧୁକ, ୨୦ଟି ୩୦୩ ବନ୍ଧୁକ, ୧୨ ବୋର ରାଇଫଲ୨୫ଟି, ୩୧୫ ବୋର ରାଇଫଲ ୫ଟି ସହ ବିଜିଏଲ ଲଞ୍ଚର। ଏହି ଡ଼ମ୍ପରୁ ମଧ୍ୟ ପ୍ରଥମଥର ପାଇଁ ୩ କୋଟି ୬୧ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଥିବା ବେଳେ ୧ କୋଟି ୬୪ ଲକ୍ଷ ଟଙ୍କାର ଏକ କିଲୋ ସୁନା ମଧ୍ୟ ଜବତ କରାଯାଇଛି।

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ରହିଛନ୍ତି ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ଡ଼ିଭିସିଏମ ସଦସ୍ୟ ରାହୁଲ ତେଲାମ,ପାଣ୍ଡରୁ କାବାସି ଓ ଜିତରୁ ଓୟାମ, ପୂର୍ବ ବସ୍ତର ଡ଼ିଭିଜନର ଡ଼ିଭିସିଏମ ସଦସ୍ୟ ରାମଧର, ଡ଼ିଭିସିଏଣ ମାଲେଶ,କମ୍ପାନୀ କମାଣ୍ଡର ମୁଚାକି, ଏଓବିର କମାଣ୍ଡର କୋସା ମାଣ୍ଡବୀ ପ୍ରମୁଖ। ୫ ଜଣ ଡ଼ିଭିସିଏମ, ଜଣେ କମ୍ପାନୀ କମାଣ୍ଡର, ୧୫ ଜଣ ପ୍ଲାଟୁନ ପାର୍ଟି କମିଟି ସଦସ୍ୟ,୨୧ ଜଣ ଏରିଆ କମିଟି ମେମ୍ବର, ୬୩ ଜଣ ପାର୍ଟି ସଦସ୍ୟ ମଧ୍ୟ ରହିଛନ୍ତି। **(ପୃଷ୍ଠା:୫)**

## କନ୍ଧମାଳ ପୋଲିସ ନିକଟରେ ୧୦ ମାଓବାଦୀଙ୍କ ଆତ୍ମସମର୍ପଣ

**ଫୁଲବାଣୀ,୧୧।୩ (ନି.ପ୍ର):** ଏଡିଜି ସଞ୍ଜୀବ ପଣ୍ଡାଙ୍କ ଉପସ୍ଥିତିରେ ଫୁଲବାଣୀ ପୋଲିସ ରିଜର୍ଭ ପଡ଼ିଆରେ ଆତ୍ମସମର୍ପଣ କରିଛନ୍ତି ୧୦ ମାଓବାଦୀ। ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ସହ ଏହି ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ସେମାନଙ୍କ ମୁଣ୍ଡ ଉପରେ ବିପୁଳ ପୁରସ୍କାର ରାଶି ରହିଥିଲା।

ଆତ୍ମସମର୍ପଣ କରିଥିବା ମାଓବାଦୀ ହେଉଛନ୍ତି ସାନୁ ପୋଟ୍ଟମ୍ ଓରଫ ନିଟୁ, ସାନ୍ତେଇ ସାଲାମ ଓରଫ ଅନୁପା, ଲକ୍ଷ୍ମୀ ମାଡ୍‌ଭି ଓରଫ ସଙ୍ଗୀତା, ସୁନୀଲ ଟେଲମ୍, ମଞ୍ଜୁଳା ପୁନେମ୍ ଓରଫ ଶିଳ୍ପା, ରାମବତୀ ଓୟାମ୍ ଓରଫ ଯମୁନା, ଗଣେଶ କୁଞ୍ଜମ୍, ସୁଶୀଳା ଡୁଡ଼ି, ସରିତା କୁହୁଡ଼ାମ୍ ଏବଂ ଚୋଡ଼ି ଯୋଗୀ ଓରଫ ରଜନୀ। ସମସ୍ତଙ୍କ ଘର ଛତିଶଗଡ଼ରେ। ମାଓ ସଂଗଠନରେ ସାମିଲ ହୋଇ ସେମାନେ କନ୍ଧମାଳରେ ସକ୍ରିୟ ଥିଲେ। ମାର୍ଚ୍ଚ ୩୧ ସୁଦ୍ଧା ଦେଶ ମାଓମୁକ୍ତ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବହୁ ମାଓବାଦୀ ମଧ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ମାଓ ସଂଗଠନ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଗଲାଣି। ମାର୍ଚ୍ଚ ଶେଷ ସୁଦ୍ଧା କନ୍ଧମାଳ ମଧ୍ୟ ମାଓମୁକ୍ତ ହୋଇଯିବ ବୋଲି ଆଶା କରାଯାଉଛି। କନ୍ଧମାଳର ମାଓବାଦୀ ଶୁକ୍ରୁ ଏବେ ରହିଛି ପୋଲିସ ଟାର୍ଗେଟରେ। ଆତ୍ମସମର୍ପଣ କରିବାକୁ ଚାହୁଁଥିବା ତା' ସଂଗଠନର ଜଣେ ସାଥିକୁ ସେ ହତ୍ୟା କରିଥିଲା। ଶୁକ୍ରୁ ଆତ୍ମସମର୍ପଣ କରିନାହିଁ। ପୋଲିସ ଶୁକ୍ରୁକୁ ଖୋଜୁଛି।

# ବିଜେପିରେ ସାମିଲ ହେଲେ ରବୀନ୍ଦ୍ର ଜେନା



**ଭୁବନେଶ୍ୱର,୧୧।୩(ନି.ପ୍ର):** ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ସାମିଲ ହୋଇଛନ୍ତି। ବିଜେଡ଼ିରୁ ଇସ୍ତଫା ଦେବାର ପରଦିନ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସେ ପଦ୍ମ ଧରିଛନ୍ତି। ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ।

ରବୀନ୍ଦ୍ର ଜେନାଙ୍କ ସହ ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି ବସ୍ତା ବ୍ଲକ୍ ଅଧ୍ୟକ୍ଷ ଅଞ୍ଜଳି ଦାସ ଓ ବାଲେଶ୍ୱର ସଦର ବ୍ଲକ୍ ଅଧ୍ୟକ୍ଷା ସୁନୀତା ବେହେରା। ସେମାନଙ୍କ ସହ ୬ଜଣ ଜିଲ୍ଲା ପରିଷଦ ସଦସ୍ୟ ମଧ୍ୟ ଯୋଗ ଦେଇଛନ୍ତି ବିଜେପିରେ। ସେମାନେ ରବୀନ୍ଦ୍ର ଜେନାଙ୍କ ସମର୍ଥକ ଭାବେ ପରିଚିତ। ରବୀନ୍ଦ୍ର ବୁଧବାର ଶତାଧିକ ସମର୍ଥକଙ୍କ ସହ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ପତ୍ନୀ ସୁବାସିନୀ ଜେନା ଏବେ ବସ୍ତାର ବିଜେଡ଼ି ବିଧାୟକ ରହିଛନ୍ତି।

# ଉତ୍ତରାଖଣ୍ଡରେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ

**ଭୁବନେଶ୍ୱର, ୧୧।୩ (ପିଆଇବି):** ଡ଼େରାଡୁନ ରାଜଭବନର ଲୋକଭବନରେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ସହିତ ମତବିନିମୟ କରିଛନ୍ତି ଉତ୍ତରାଖଣ୍ଡର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଗୁରମିତ ସିଂହ (ଅବସରପ୍ରାପ୍ତ)। ଏହି ପ୍ରତିନିଧି ଦଳ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରେସ୍ ଇନଫର୍ମେସନ ବ୍ୟୁରୋ (ପିଆଇବି), ଭୁବନେଶ୍ୱର ଦ୍ୱାରା ଆୟୋଜିତ ଉତ୍ତରାଖଣ୍ଡର ଚାରି ଦିନିଆ ଗସ୍ତରେ ଅଛନ୍ତି।

ଦେବଭୂମି ଉତ୍ତରାଖଣ୍ଡରେ ପ୍ରତିନିଧି ଦଳକୁ ସ୍ୱାଗତ କରି ରାଜ୍ୟପାଳ ରାଜ୍ୟର ଆଧାତ୍ମିକ ଐତିହ୍ୟ, ଅର୍ଥନୈତିକ ପ୍ରଗତି ଏବଂ ବିକାଶମୂଳକ ପଦକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ସେ ଓଡ଼ିଶା ଏବଂ ଉତ୍ତରାଖଣ୍ଡ ମଧ୍ୟରେ ସମାନତା, ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସେମାନଙ୍କର ଦୁର୍ବଳତା ଉପରେ ଆଲୋକପାତ କରିଥିଲେ ଏବଂ ଘୂର୍ଣ୍ଣିଝଡ଼ ଫନି ପରେ ତାଙ୍କ ଓଡ଼ିଶା ଗସ୍ତକୁ ମନେପକାଇ ଲୋକଙ୍କ ସ୍ଥିରତାର ପ୍ରଶଂସା କରିଥିଲେ। **(ପୃଷ୍ଠା:୫)**



ରାଜ୍ୟପାଳଙ୍କୁ ସୌଜନ୍ୟ ସାକ୍ଷାତ

# କ୍ରସ୍ ଭୋଟିଂ ଚର୍ଚ୍ଚା ବଢୁଛି

**ଭୁବନେଶ୍ୱର,୧୧।୩ (ସ୍ୱରୂପ ଦାସ):** ରାଜ୍ୟସଭା ନିର୍ବାଚନ ଯେତେ ପାଖେଇ ଆସୁଛି କ୍ରସ୍ ଭୋଟିଂକୁ ନେଇ ଚର୍ଚ୍ଚା ସେତେ ବଢ଼ିବାରେ ଲାଗିଛି। ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରେ ରହିଛନ୍ତି ୫ଜଣ ପ୍ରାର୍ଥୀ। ବିଜେପିର ମନମୋହନ ସାମଲ ଓ ସୁଜିତ କୁମାର, ବିଜେଡ଼ିର ସଂତୃପ୍ତ ମିଶ୍ର, ବିଜେପି ସମର୍ଥିତ ଦିଲୀପ ରାୟ ଏବଂ ବିଜେଡ଼ି-କଂଗ୍ରେସ ସମର୍ଥିତ ଡା. ଦତ୍ତେଶ୍ୱର ହୋତା।

ରାଜ୍ୟସଭା ଆସନ ଜିତିବା ପାଇଁ ଦିଲୀପ ଓ ହୋତା ପ୍ରତ୍ୟେକଙ୍କୁ ୩୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୭୯ ଥିବାବେଳେ ୩ ଜଣ ସ୍ୱାଧୀନ ସଦସ୍ୟ ବିଜେପିକୁ ସମର୍ଥନ କରୁଛନ୍ତି। ଏହି ୮୨ ବିଧାୟକ ମଧ୍ୟରୁ ମନମୋହନ ସାମଲ ଓ ସୁଜିତ କୁମାରଙ୍କ ସପକ୍ଷରେ ୬୦ଜଣଙ୍କ ଭୋଟ୍ ଯିବା ପରେ ଆଉ ୨୨ ବିଧାୟକଙ୍କ ଭୋଟ୍ ବଳୁଛି। ଦିଲୀପ ରାୟ ଏହି ଭୋଟ୍ ପାଇବେ। ଜିତିବା ପାଇଁ ଆଉ ତାଙ୍କର ୮ଟି ଭୋଟ୍ ଦରକାର। ବିଧାନସଭାରେ କଂଗ୍ରେସର ୧୪ ଏବଂ କମ୍ୟୁନିଷ୍ଟ ଦଳର ୧ ବିଧାୟକ ରହିଛନ୍ତି। ବିଜେଡ଼ିର ୫୦ ବିଧାୟକ ରହିଥିବାବେଳେ ଦୁଇ ଜଣଙ୍କୁ ଦଳ ସସ୍‌ପେଣ୍ଡ କରିଛି। ବିଜେଡ଼ି ପକ୍ଷରୁ ପ୍ରାର୍ଥୀ ହୋଇଥିବା ସଂତୃପ୍ତ ମିଶ୍ରଙ୍କୁ ୩୦ ବିଧାୟକ ଭୋଟ୍ ଦେବା ପରେ ବିଜେଡ଼ି ହିସାବ ଅନୁଯାୟୀ ଆଉ ୨୦ ବିଧାୟକ ହୋତାଙ୍କୁ ଭୋଟ୍ ଦେବେ। କଂଗ୍ରେସ ଓ କମ୍ୟୁନିଷ୍ଟର ୧୫ ବିଧାୟକଙ୍କ ଭୋଟ୍ ମଧ୍ୟ ହୋତାଙ୍କୁ ମିଳିବ ବୋଲି ବିରୋଧୀ ଦଳ ଆଶା ବାନ୍ଧିଛି। ଏହି ଗଣିତ ଅନୁଯାୟୀ ବିଜେଡ଼ି ଦଳ ନିକଟରେ ସଂଖ୍ୟା ଥିଲେ ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଯେ କ୍ରସ୍ ଭୋଟିଂ ହୋଇପାରେ।

ଚର୍ଚ୍ଚା ଅନୁଯାୟୀ, ବିଜେଡ଼ିର ୨ ସଦସ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ଏବେ ବିଜେଡ଼ିର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଦଳରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିବାବେଳେ ତାଙ୍କ ପତ୍ନୀ ତଥା ବସ୍ତାରୁ ବିଜେଡ଼ି ବିଧାୟକ ରହିଛନ୍ତି ସୁବାସିନୀ ଜେନା। ନିକଟରେ ଅନୁଷ୍ଠିତ କଂଗ୍ରେସର ବିଧାୟକ ଦଳ ବୈଠକରେ ଦୁଇଜଣ ବିଧାୟକ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଦିଲୀପ ରାୟ ମଧ୍ୟ ବିଧାୟକଙ୍କୁ ଭେଟୁଛନ୍ତି। ତେଣୁ କ୍ରସ୍ ଭୋଟିଂ ଚର୍ଚ୍ଚା ବଢୁଛି।




**ଅନୁଚିନ୍ତା**

ସାଧୁ ସିଏ ଯିଏ ସଜ୍ଜନ ପୁରୁଷ ଏବଂ ସମାଜର ଉତ୍ଥାନ ପାଇଁ ଭଲ କାର୍ଯ୍ୟ କରିଥାଏ ।

## ସମ୍ପାଦକୀୟ

# ସ୍ଥିତିକୁ ଦେଖି ପଦକ୍ଷେପ

**ବ**ର୍ତ୍ତମାନ ସମୟରେ ବୈଶ୍ୱିକ ଭୂ-ରାଜନୀତିକ ଆହ୍ୱାନ ଯାହା ରହିଛି ତାହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦେଶ ପାଇଁ ସୈନ୍ୟ ସୁରକ୍ଷା ସବୁଠାରୁ ବଡ଼ ପ୍ରାଥମିକତା ହୋଇଯାଇଛି। ଭାରତ ମଧ୍ୟ ଏଥିପାଇଁ ସତର୍କ ରହିଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦେଶର ସାମରିକ ସାମର୍ଥ୍ୟକୁ ଆହୁରି ଟଗଡ଼ା କରିବାପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଭିଜନ ଡକ୍ୟୁମେଣ୍ଟର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସିଡ଼ିଏସ୍ ଜେନେରାଲ ଅନିଲ ଚୌଧୁରୀ, ନେଭି ଚିଫ୍ ଆଡ଼ମିରାଲ ଦିନେଶ କେ ତ୍ରିପାଠୀ, ଆଇଏଏଫ୍ ଚିଫ୍ ଏୟାର ଚିଫ୍ ମାର୍ଶଲ ଏ ପି ସିଂହ ଏବଂ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଉପସ୍ଥିତ ଥିଲେ। ନିକଟରେ ମଧ୍ୟ ରିଲିଜ ହୋଇଛି ଷ୍ଟକ୍‌ହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିପ୍ରୀ)ର ରିପୋର୍ଟ । ଏଥିରେ ବୈଶ୍ୱିକ ରକ୍ଷା ପରିଦୃଶ୍ୟରେ ବହୁତ ବଡ଼ ପରିବର୍ତ୍ତନ ହୋଇଥିବା ଦର୍ଶାଯାଇଛି। ନିଜର ସୀମା ସୁରକ୍ଷା ପାଇଁ ୧୬୨ ଦେଶ ୨୦୨୧-୨୫ ମଧ୍ୟରେ ପ୍ରମୁଖ ଅସ୍ତ୍ର ଶସ୍ତ୍ର ଆମଦାନୀକାରୀ ଦେଶ ଭାବେ ଉଭା ହୋଇଥିବା ଏଥିରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଅସ୍ତ୍ର ଶସ୍ତ୍ର ଆମଦାନୀକାରୀ ରାଷ୍ଟ୍ର ତାଲିକାରେ ଶୀର୍ଷରେ ରହିଛନ୍ତି ପାଞ୍ଚଟି ଦେଶ- ୟୁକ୍ରେନ୍, ଭାରତ, ସାଉଦି ଆରବ, କାତାର, ପାକିସ୍ତାନ। ଭାରତ ରହିଛି ଦ୍ୱିତୀୟ ସ୍ଥାନରେ । ଏକ ପକ୍ଷରେ ଭାରତ ନିଜର ସୁରକ୍ଷା ଆବଶ୍ୟକତା ପାଇଁ ଆମଦାନୀ ଉପରେ ନିର୍ଭର କରୁଥିବାବେଳେ ଅନ୍ୟ ପକ୍ଷରେ 'ଆତ୍ମନିର୍ଭର ଭାରତ' ଅଭିଯାନରେ ଘରୋଇ ଉତ୍ପାଦନ ମଧ୍ୟ ବୃଦ୍ଧି କରୁଛି। ଚୀନ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ସୈନ୍ୟ ଗଠବନ୍ଧନ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିଛି।

> **ନିକଟରେ ପ୍ରକାଶ ପାଇଛି ସପ୍ରୀ ରିପୋର୍ଟ। ସାମ୍ପ୍ରତିକ ସମୟରେ ବୈଶ୍ୱିକ ଭୂ-ରାଜନୀତିକ ଆହ୍ୱାନ ଯାହା ରହିଛି ତାହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦେଶ ପାଇଁ ସୈନ୍ୟ ସୁରକ୍ଷା ସବୁଠାରୁ ବଡ଼ ପ୍ରାଥମିକତା ହୋଇଯାଇଛି। ଭାରତ ମଧ୍ୟ ଏଥିପାଇଁ ସତର୍କ ରହିଛି। ଅସ୍ତ୍ର ଶସ୍ତ୍ର ଆମଦାନୀ ସହ ଘରୋଇ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଛି।**



ସିପ୍ରୀ ରିପୋର୍ଟ ଅନୁଯାୟୀ, ଏହି ପାଞ୍ଚ ରାଷ୍ଟ୍ର ୨୦୨୧-୨୫ ମଧ୍ୟରେ ମୋଟ୍ ବୈଶ୍ୱିକ ଅସ୍ତ୍ର ଶସ୍ତ୍ର ଆମଦାନୀର ୩୫ ପ୍ରତିଶତ ହାସଲ କରିଛନ୍ତି। ୧୯୬୦ ଦଶକ ପରେ ୨୦୨୧-୨୫ରେ ୟୁରୋପ ପ୍ରଥମଥର ମୋଟ୍ ବୈଶ୍ୱିକ ଅସ୍ତ୍ର ଶସ୍ତ୍ର ଆମଦାନୀର ୩୩ ପ୍ରତିଶତ ଆମଦାନୀ କରିଥିବା କ୍ଷେତ୍ର ଭାବେ ଚିହ୍ନଟ ହୋଇଛି। ଏସିଆ ଏବଂ ଓସିନିଆ ୩୧ ପ୍ରତିଶତ, ମଧ୍ୟ ପୂର୍ବ ୨୬ ପ୍ରତିଶତ, ଆମେରିକା ୫.୬ ପ୍ରତିଶତ ଏବଂ ଆଫ୍ରିକା ୪.୩ ପ୍ରତିଶତ ଆମଦାନୀ କରିଛନ୍ତି। ଭାରତ ୨୦୨୧-୨୫ରେ ମୋଟ୍ ବୈଶ୍ୱିକ ଅସ୍ତ୍ର ଶସ୍ତ୍ର ଆମଦାନୀର ୮.୨ ପ୍ରତିଶତ ଆମଦାନୀ କରିଛି। ୨୦୧୬-୨୦ରେ ଏବଂ ୨୦୨୧-୨୫ ମଧ୍ୟରେ ଭାରତର ଅସ୍ତ୍ର ଶସ୍ତ୍ର ଆମଦାନୀ ୪ ପ୍ରତିଶତ ହ୍ରାସ ପାଇଛି, ଏହା ସତ୍ତ୍ୱେ ଭାରତ ରହିଛି ଦ୍ୱିତୀୟ ସ୍ଥାନରେ। ୪ ପ୍ରତିଶତ ହ୍ରାସ ପାଇବାର କାରଣ ଭାରତ ନିଜର ଅସ୍ତ୍ର ଶସ୍ତ୍ର ଡିଜାଇନ କରିବା ସହ ଉତ୍ପାଦନ କରିବା ଉପରେ ଅଧିକ ଗୁରୁତ୍ୱ ଦେଇଛି। ନିଜର କ୍ଷମତା ମଧ୍ୟ ବୃଦ୍ଧି କରିଛି। ପୂର୍ବରୁ ଭାରତ ଅସ୍ତ୍ର ଶସ୍ତ୍ର ଆମଦାନୀରେ ସବୁଠାରୁ ଅଧିକ ନିର୍ଭର କରୁଥିଲା ରୁଷ ଉପରେ। ଏବେ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ମଧ୍ୟ ଅସ୍ତ୍ର ଶସ୍ତ୍ର ଆମଦାନୀ କରୁଛି। ୨୦୧୧-୧୫ ମଧ୍ୟରେ ଭାରତର ମୋଟ୍ ଅସ୍ତ୍ର ଶସ୍ତ୍ର ଆମଦାନୀର ୭୦ ପ୍ରତିଶତ ହେଉଥିଲା ରୁଷରୁ। ୨୦୧୬-୨୦ ମଧ୍ୟରେ ଏହା ହ୍ରାସ ପାଇ ୫୧ ପ୍ରତିଶତରେ ପହଞ୍ଚିଥିଲା। ଏବେ ଏହା ୪୦ ପ୍ରତିଶତ ରହିଛି। ଘରୋଇ ଉତ୍ପାଦନରେ ସାଧାରଣତଃ ବିଳମ୍ବ ହୋଇଥାଏ, କିନ୍ତୁ ଭାରତ ଘରୋଇ ଉତ୍ପାଦନର ଗତିବୃଦ୍ଧି କରିଛି। ପାକିସ୍ତାନ ଅସ୍ତ୍ର ଶସ୍ତ୍ର ଆମଦାନୀରେ ୨୦୧୬-୨୦ ମଧ୍ୟରେ ବିଶ୍ୱରେ ଦଶମ ସ୍ଥାନରେ ରହିଥିଲା। ପାକିସ୍ତାନ ମଧ୍ୟ ତା'ର ଅସ୍ତ୍ର ଶସ୍ତ୍ର ଆମଦାନୀ ବୃଦ୍ଧି କରି ୨୦୨୧-୨୫ ମଧ୍ୟରେ ବିଶ୍ୱରେ ପଞ୍ଚମ ସ୍ଥାନରେ ରହିଛି। ପାକିସ୍ତାନ ଆମଦାନୀ କରୁଥିବା ତା'ର ଅସ୍ତ୍ର ଶସ୍ତ୍ର ମଧ୍ୟରୁ ସିଂହ ଭାଗ (୮୦ ପ୍ରତିଶତ) ଆମଦାନୀ କରୁଛି ଚୀନରୁ।

## ସାକ୍ଷୀ ରହିଛି ସମୟ


- **ଆସ୍ପିରିନର ପେଟେଣ୍ଟ କରିଥିଲେ ଫେଲିକ୍ସ ହାଫମ୍ୟାନ :** ଜର୍ମାନୀର ରସାୟନଶାସ୍ତ୍ରୀ ଫେଲିକ୍ସ ହାଫମ୍ୟାନ ୬ ମାର୍ଚ୍ଚ ୧୮୯୯ରେ ଆସ୍ପିରିନ ଟାବଲେଟର ପେଟେଣ୍ଟ ହାସଲ କରିଥିଲେ। ସେ ୧୮୯୭ରେ ଏସିଟାଇଲସେଲିସିଲିକ ଏସିଡ଼ (ଆସ୍ପାରିନ)ର ସଫଳତା ପୂର୍ବକ ସଂଶ୍ଳେଷଣ କରିଥିଲେ। ଆସ୍ପାରିନ ବିଶ୍ୱର ଯନ୍ତ୍ରଣା ନିବାରକ ଔଷଧ ଭାବେ ପରିଚିତ ହୋଇଥିଲା। ଆଜି ମଧ୍ୟ ଏହି ଟାବଲେଟର ଚାହିଦା ରହିଛି।

- **ଲଣ୍ଡନ ଓ ନ୍ୟୁୟର୍କ ମଧ୍ୟରେ ପ୍ରଥମଥର ରେଡ଼ିଓ-ଟେଲିଫୋନ ବାର୍ତ୍ତାଳାପ :** ୭ ମାର୍ଚ୍ଚ ୧୯୨୬ରେ ପ୍ରଥମଥର ପାଇଁ ଲଣ୍ଡନ ଓ ନ୍ୟୁୟର୍କ ମଧ୍ୟରେ ସଫଳତାର ସହ ହୋଇଥିଲା ରେଡ଼ିଓ-ଟେଲିଫୋନ ବାର୍ତ୍ତାଳାପ। ଏହା ଉଭୟ ପକ୍ଷ ମଧ୍ୟରେ ଥିଲା ପ୍ରଥମ ଟ୍ରାନ୍ସଆଟଲାଣ୍ଟିକ ଟେଲିଫୋନ ବାର୍ତ୍ତା। ସେ ସମୟରେ ଶବ୍ଦ ଗ୍ରହଣ ପାଇଁ ଆବଶ୍ୟକ ଭୋଲଟେଜକୁ ସପୋର୍ଟ କରିପାରୁ ନଥିଲା ପାଣି ତଳେ ଥିବା କେବଲ। ତେଣୁ ରେଡ଼ିଓ ସିଗ୍‌ନାଲ ମାଧ୍ୟମରେ ଏହି କଲ୍ ପ୍ରସାରିତ ହୋଇଥିଲା।

- **ପାଇଲଟ ଲାଇସେନ୍ସ ହାସଲ କରିଥିବା ପ୍ରଥମ ମହିଳା ରେମଣ୍ଡ ଡି ଲାରୋଚେ :** ବିଶ୍ୱର ପ୍ରଥମ ମହିଳା ଭାବେ ପାଇଲଟ ଲାଇସେନ୍ସ ହାସଲ କରିଥିଲେ ଫ୍ରାନ୍ସର ବିମାନ ଚାଳିକା ରେମଣ୍ଡ ଡି ଲାରୋଚେ, ୮ ମାର୍ଚ୍ଚ ୧୯୧୦ରେ । ସେ ମଧ୍ୟ କୌଣସି ମହିଳା ପାଇଲଟଙ୍କ ଦ୍ୱାରା ସବୁଠାରୁ ଅଧିକ ଉଚ୍ଚରେ ବିମାନ ଉଡ଼ାଇବାରେ ବିଶ୍ୱ ରେକର୍ଡ଼ ସୃଷ୍ଟି କରିଥିଲେ। ୧୫,୭୪୮ ଫୁଟ ଉଚ୍ଚତାରେ ସେ ବିମାନ ଉଡ଼ାଇଥିଲେ। ମାତ୍ର ୩୬ ବର୍ଷ ବୟସରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା।



- **ଗ୍ରାହମ ବେଲ୍ ପ୍ରଥମଥର ଟେଲିଫୋନରେ ବାର୍ତ୍ତାଳାପ କରିଥିଲେ :** ଆଲେକଜାଣ୍ଡର ଗ୍ରାହମ ବେଲ୍ ପ୍ରଥମଥର ସଫଳତାର ସହ ଟେଲିଫୋନରେ ବାର୍ତ୍ତାଳାପ କରିଥିଲେ ୧୦ ମାର୍ଚ୍ଚ ୧୮୭୬ରେ। ବୋଷ୍ଟନ ସ୍ଥିତ ନିଜ ପ୍ରୟୋଗ ଶାଳାରେ ସେ ସହାୟକ ଥୋମାସ ୱାଟସନଙ୍କ ସହ କଥା ହୋଇଥିଲେ। କହିଥିଲେ ୱାଟସନ, 'ଏଠାକୁ ଆସନ୍ତୁ, ମୁଁ ତୁମକୁ ଭେଟିବାକୁ ଚାହୁଁଛି।' ଏହା ସଞ୍ଚାର କ୍ଷେତ୍ରରେ କ୍ରାନ୍ତି ଆଣିଦେଇଥିଲା।



# ସୋସିଆଲ ମିଡ଼ିଆ : ଡିଜିଟାଲ ନଦୀର ସ୍ରୋତ

ସତ୍ୟ ମହାପାତ୍ର

**ସୋ**ସିଆଲ ମିଡ଼ିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ରହିଛନ୍ତି ସର୍ବାଧିକ ଫଲୋଅର୍। ବିଶ୍ୱର ସର୍ବାଧିକ ଲୋକପ୍ରିୟ ଓ ଶକ୍ତିଶାଳୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମସ୍ତେ ଜାଣନ୍ତି। କ୍ରିକେଟର୍ ବିରାଟ କୋହିଲିଙ୍କର ସତୁରୀ କୋଟିରୁ ଅଧିକ ଫଲୋଅର୍ସ ସୋସିଆଲ ମିଡ଼ିଆରେ ରହିଛନ୍ତି। ସୋସିଆଲ ମିଡ଼ିଆ ବର୍ତ୍ତମାନ ସମୟରେ ଆମ ଜୀବନ ସହିତ ଏଭଳି ମିଶିଗଲାଣି ଯାହା କେବଳ ଅନୁଭବର କଥା। ଏହା ଉଭୟ ଭଲ ଓ ଭେଲା। ଏହା ଅସ୍ୱୀକାର କରି ହେବନାହିଁ ଯେ ସୋସିଆଲ ମିଡ଼ିଆ ଆମକୁ ଅନେକ କିଛି ଦେଇଛି। ଶିକ୍ଷାଠାରୁ ସ୍ୱାସ୍ଥ୍ୟ, ବ୍ୟବସାୟଠାରୁ ଯୋଗାଯୋଗ, କୃଷିଠାରୁ ଆଇନ, ମହାକାଶ ବିଜ୍ଞାନଠାରୁ କ୍ରୀଡ଼ା, ସବୁକ୍ଷେତ୍ରରେ ସୋସିଆଲ ମିଡ଼ିଆ ଆମର ସାମାଜିକ, ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ସହିତ ଏକ ପ୍ରକାର ମିଶିଗଲାଣି। ୟୁଟ୍ୟୁବ ବର୍ତ୍ତମାନ ସମୟରେ ଏପରି ଏକ ଅତ୍ୟାଶ୍ଚର୍ଯ୍ୟ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଯାହା ସମ୍ବାଦ, ଶିକ୍ଷା, ମନୋରଞ୍ଜନ, ସଂଗୀତ ସବୁକିଛି ଆମକୁ ଦେଇପାରୁଛି। ହ୍ୱାଟ୍‌ସ ଆପ୍ ଏକ ମେସେଜିଂ ପ୍ଲାଟଫର୍ମ ଯାହାଦ୍ୱାରା ଭିଡ଼ିଓ କଲ୍, ଗ୍ରୁପ ସଂଯୋଗ, ଚାର୍ଟ ଓ ଭଏସ କଲ୍ ଜରିଆରେ ଯୁବପିଢ଼ି ନୂତନ ନେଟୱାର୍କିଂ ଦୁନିଆରେ ପାଦ ଦେଉଛନ୍ତି। ବିଶ୍ୱର ଏକ ଅଖ୍ୟାତ ଗ୍ରାମର ଅଜଣା ଯେ କେହି ବି ଜଣେ ୟୁଟ୍ୟୁବ ଦ୍ୱାରା କେବଳ ନିଜର ଅନୁଗାମୀ ବଢ଼ାଉ ନାହାନ୍ତି ବରଂ ହାତପାଆନ୍ତାରେ ଘରେ ବସି ରୋଜଗାର କରୁଛନ୍ତି।

କିଛି ଦିନ ତଳେ ବର୍ଷିଆନ ସାମ୍ବାଦିକ ରବିସ୍ କୁମାର ଏନଡିଟିଭି ଛାଡ଼ିବା ପରେ ନିଜର ୟୁଟ୍ୟୁବ ଚ୍ୟାନେଲ ଖୋଲି ବର୍ଷକୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ସୋସିଆଲ ମିଡ଼ିଆରେ ନାମ କମାଇଥିବା ଇନଫ୍ଲୁଏନ୍ସର୍‌ଙ୍କ ମଧ୍ୟରେ ଭାରତର ମିଷ୍ଟର ବିଷ୍ଟ ହେଉଛନ୍ତି ସବୁଠାରୁ ପ୍ରଭାବଶାଳୀ। ତାଙ୍କ ୟୁଟ୍ୟୁବ ସବସ୍କ୍ରାଇବର ସଂଖ୍ୟା ୪୧୫ ନିୟୁତ। ସେ ବର୍ତ୍ତମାନ ବିପୁଳ ସମ୍ପତିର ମାଲିକ। ତାଙ୍କ ପଛରେ ହରିୟାଣାର ରୋଷ୍ଟିଂ ଭିଡ଼ିଓ କରୁଥିବା କ୍ୟାରି ମିନାଟି ମଧ୍ୟ ବେଶ୍ ଲୋକପ୍ରିୟ। ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ଗୁଜୁରାଟର ଭୁବନ ବାମ୍, ଦିଲ୍ଲୀ ନିବାସୀ ଟ୍ରିଗର୍ଡ଼ ଇନ୍‌ସାନ, ଦିଲ୍ଲୀର କଣ୍ଟେଣ୍ଟ କ୍ରିଏଟର ଆଶିଷ ଚଞ୍ଚଲାନୀ, କନ୍ନଡ



ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର୍ ଜନ୍ନତ ଜୁବୈର, ବ୍ଲଗର ଭାବେ ହରିୟାଣାର ଜନ୍ମିତ ଜର୍ମାନୀରେ ରହୁଥିବା ଧ୍ରୁବ ରାଠି, ଟେକ୍ନିକାଲ ଗୁରୁଜୀ ନାମରେ ଲୋକପ୍ରିୟ ଗୌରବ ଚୌଧୁରୀ, ଭାରତୀୟ ଫେଶନ ଇନଫ୍ଲୁଏନ୍ସର୍ ନାନ୍ସି ତ୍ୟାଗୀ, ମଜାଳିଆ ଭିଡ଼ିଓ କରୁଥିବା କୁଶା କପିଲା, ଲୋକପ୍ରିୟ ୟୁଟ୍ୟୁବର୍ ପ୍ରଜକ୍ତା କୋଲି ପ୍ରମୁଖ। ବଡ଼କଥା ହେଉଛି, ଘରେ ବସି ଅନେକଙ୍କୁ ରୋଜଗାର ଦେଉଛି ୟୁଟ୍ୟୁବ। କରୋନା ସମୟରେ ଓଡ଼ିଶାର ଜନୈକ ଦାଦନ ଫେରନ୍ତା ଇଷାକ୍ ମୁଣ୍ଡାଙ୍କ ପଖାଳ କଂସା ଓ ଘରୋଇ ବ୍ୟଞ୍ଜନ ୟୁଟ୍ୟୁବରେ ଢ଼େର ଚର୍ଚ୍ଚା ସୃଷ୍ଟି କରିଥିଲା। ସେ କେବଳ ଲକ୍ଷାଧିକ ଟଙ୍କା ପାଇନଥିଲେ ବରଂ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଥିଲେ। ଓଡ଼ିଆ ସମତେ ଅନେକ ଆଞ୍ଚଳିକ ଭାଷାରେ ୟୁଟ୍ୟୁବ ଚ୍ୟାନେଲ ବର୍ତ୍ତମାନ ସମୟରେ ଭର୍ତ୍ତି ହୋଇ ରହିଛି।

ସୋସିଆଲ ମିଡ଼ିଆ ଯେତିକି ଭଲ ସେତିକ ଖରାପ ମଧ୍ୟ। ଅନେକ କହନ୍ତି, ବିଦ୍ୟାର୍ଥୀମାନେ ସୋସିଆଲ ମିଡ଼ିଆ ଉପରେ ମାତ୍ରାଧିକ ନିର୍ଭରଶୀଳ ହେଉଥିବାରୁ ସେମାନଙ୍କର ବୌଦ୍ଧିକତା, ମୌଳିକତା ହ୍ରାସ ପାଉଛି। ଏହା ନିଃସଙ୍ଗତା ସୃଷ୍ଟି କରୁଛି। ବିବାଦୀୟ ପରିସ୍ଥିତି ମଧ୍ୟ ସୃଷ୍ଟି କରୁଛି। କେତେକ କ୍ଷେତ୍ରରେ ଅନେକଙ୍କର ଜୀବନ ବି ଯାଉଛି। ପିଲାମାନଙ୍କ କ୍ଷେତ୍ରରେ ଅତ୍ୟଧିକ ସୋସିଆଲ ମିଡ଼ିଆର ବ୍ୟବହାର ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କ ମେଳର ସମ୍ପର୍କକୁ ନଷ୍ଟ କରିଦେଇଥାଏ। କେତେକ କ୍ଷେତ୍ରରେ ଅଜଣା ଲିଙ୍କ୍‌ର ବ୍ଲାକମେଲିଂ ଶିକାର ହୋଇ କେବଳ ପିଲାମାନେ ନୁହନ୍ତି ବୟସ୍କ ମାନେ ମଧ୍ୟ କୁପଥଗାମୀ ହେବାର ନଜିର ରହିଛି। ଭିଡ଼ିଓ ଗେମିଂ ଦ୍ୱାରା ଅନେକ ଛାତ୍ର ଆତ୍ମହତ୍ୟା କରିବା ସହ ବେଳେ ବେଳେ ନିଜ ବାପା ମାଆଙ୍କ କଥାକୁ ସେମାନେ ବୁଝିବାକୁ ଉଚିତ ମନେ କରିନଥାନ୍ତି। ନିଜର ପ୍ରଚାର ଓ ପ୍ରସାରର ଏହା ଅତି ସହଜ ମାଧ୍ୟମ ହୋଇଥିବାରୁ ଏଥି ପାଇଁ ପ୍ରବଳ ଆଗ୍ରହ ପ୍ରକାଶ ପାଉଛି, ଯାହା ଜଣଙ୍କର ସୃଜନଶୀଳତା ଓ ମୌଳିକତାକୁ ଧ୍ୱଂସ କରିଦେଉଛି। ସରକାରଙ୍କ ପକ୍ଷରୁ କିଛି ନୀତି ନିୟମ ରହୁଛି। ଏସବୁ ଭିତରେ ସୋସିଆଲ ମିଡ଼ିଆ ଜଣଙ୍କର ଜ୍ଞାନ ଉନ୍ନତିର ମହାନ ଅସ୍ତ୍ର ତ ନିଶ୍ଚୟ, ତେବେ ଭାରତର ବୃହତ୍ କ୍ରିୟାଶୀଳ ମାନବ ସମ୍ବଳ ଏହି ଡିଜିଟାଲ ନଦୀର ସ୍ରୋତରେ ନଭାସି ଏହାର ସୁଯୋଗକୁ ଉପଯୋଗ କଲେ ଏହା ନିର୍ଭରଯୋଗ୍ୟ ବନ୍ଧୁ ପାଲଟି ପାରିବ।

ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୬୫୮୧୦୫୫୩୨

# ମହିଳାଙ୍କ ପାଇଁ ସତର୍କତା

ଡା. କାନ୍ତି ନାୟକ

**ଜ**ଣେ ନାରୀର ଜୀବନର ସଫଳତା ଭରି ରହିଥାଏ ଗର୍ଭଧାରଣରେ। ସନ୍ତାନ ପ୍ରାପ୍ତି ପାଇଁ ନାରୀ ଅନେକ ସ୍ୱପ୍ନ ଦେଖିଥାଏ । ଏକ ସାର୍ଥକ ଜୀବନର ଅନ୍ତର୍ନିହିତ ଆନନ୍ଦ ଭରି ରହିଥାଏ ମାତୃତ୍ୱରେ। ତେବେ ଅବାଞ୍ଛିତ ଗର୍ଭଧାରଣ ନାରୀର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ସାମାନ୍ୟ ଭୁଲ ମାତ୍ରକେ ଏ ନେଇ ଅନେକ ଅସୁବିଧାକୁ ସାମ୍ନା କରିବା ସହ ସ୍ୱାସ୍ଥ୍ୟଗତ ବିପଦ ରହିଥାଏ ଏବଂ ଏହାର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ରହିଥାଏ।

ଔଷଧ ଖାଇବାରେ ଅନିୟମିତତା : ଗର୍ଭନିରୋଧକ ଔଷଧ ଖାଇବାରେ ଅନିୟମିତତା ହିଁ ଅବାଞ୍ଛିତ ଗର୍ଭଧାରଣର ମୁଖ୍ୟ କାରଣ। ଆପଣ ପ୍ରତିଦିନ ଗର୍ଭନିରୋଧକ ଔଷଧ ଖାଉଛନ୍ତି, ହେଲେ ମଝିରେ ଭୁଲି ଯାଇ ଦିନେ କି ଦୁଇଦିନ ଔଷଧ ଖାଇନାହାନ୍ତି, ତାପରେ ଖାଇଛନ୍ତି। ଏହାଦ୍ୱାରା ମଧ୍ୟ ଆପଣ ଗର୍ଭଧାରଣର ଶିକାର ହୋଇପାରନ୍ତି। ଅନ୍ୟ ଏକ ଭୁଲ ହେଉଛି ଅସୁରକ୍ଷିତ ସେକ୍ସ ଜୀବନ ବିତାଇଛନ୍ତି ହେଲେ ଦୁଇଦିନ ପର୍ଯ୍ୟନ୍ତ ଗର୍ଭନିରୋଧକ ଔଷଧ ଖାଇନାହାନ୍ତି, ତେବେ ଗର୍ଭଧାରଣର ଶିକାର ହୋଇପାରନ୍ତି।



ବାନ୍ତି ହେଉଥିଲେ : ଗର୍ଭନିରୋଧକ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ଯଦି ଆପଣଙ୍କର ବାନ୍ତି ହୋଇଯାଏ, ତେବେ ମଧ୍ୟ ଗର୍ଭଧାରଣର ଶିକାର ହୋଇପାରନ୍ତି। କାରଣ ବାନ୍ତି ହେବା ଦ୍ୱାରା ଆପଣଙ୍କ ଶରୀରରେ ଗର୍ଭନିରୋଧକ ଔଷଧ ଠିକ୍ ଭାବରେ କାମ କରିପାରେନାହିଁ।

ଠିକ୍ ସମୟରେ ଔଷଧ ନଖାଇବା : ଦୁଇଟି ଟାବଲେଟ ଖାଇବା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ବ୍ୟବଧାନ ରହିବା ଅନୁଚିତ। ମନେରଖନ୍ତୁ, ଆପଣଙ୍କୁ ପ୍ରତିଦିନ ନିୟମିତ ସମୟରେ ହିଁ ଗର୍ଭନିରୋଧକ ଔଷଧ ଖାଇବା ଦରକାର। ଉଦାହରଣ ସ୍ୱରୂପ ଯଦି ଆପଣ ସକାଳେ ଟାବଲେଟ୍ ଖାଇବା ଆରମ୍ଭ କରିଛନ୍ତି, ତେବେ ପ୍ରତିଦିନ ସକାଳେ ହିଁ ଔଷଧ ଖାଆନ୍ତୁ। ନଚେତ୍ ଟାବଲେଟ୍‌ର ପ୍ରଭାବ କମ୍ ପଡ଼ିଥାଏ।

ଔଷଧ ଖାଇବାର ଠିକ୍ ପରେ ଅସୁରକ୍ଷିତ ସେକ୍ସ: ଗର୍ଭନିରୋଧକ ଔଷଧ ଋତୁଚକ୍ରର ତୃତୀୟ କିମ୍ବା ପଞ୍ଚମ ଦିନରୁ ଆରମ୍ଭ କରିବାକୁ ପଡ଼ିଥାଏ। ଯଦି ଋତୁଚକ୍ର ସମୟରେ ଏପରି ଭାବରେ ଗର୍ଭନିରୋଧକ ଔଷଧ ବ୍ୟବହାର କରୁଥାନ୍ତି, ତାହାଲେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଅସୁରକ୍ଷିତ ସେକ୍ସ ଜୀବନ ବିତାନ୍ତୁ ନାହିଁ। ନଚେତ୍ ଗର୍ଭଧାରଣର ଶିକାର ହୋଇପାରନ୍ତି।

ଅଧିକ ତାପମାତ୍ରାରେ ଔଷଧ ରଖିବା : ଅଧିକ ତାପମାତ୍ରାରେ ଔଷଧ ରଖନ୍ତୁ ନାହିଁ। ଅଧିକ ତାପମାତ୍ରାରେ ଔଷଧ ରଖିଲେ, ତା'ର କ୍ଷମତା ହ୍ରାସ ହୋଇଥାଏ। ଫଳରେ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେନାହିଁ। କୌଣସି ବାକ୍ସ କି କାର ଭିତରେ ରଖନ୍ତୁନାହିଁ। ସିଧା ଖରାପଡୁଥିବା ସ୍ଥାନରେ ମଧ୍ୟ ଔଷଧ ରଖନ୍ତୁନାହିଁ। ଏହାସହିତ ୬ ମାସରୁ ଅଧିକ ସମୟ ଷ୍ଟୋର କରି ରଖନ୍ତୁନାହିଁ। ସବୁଠୁ ଭଲ ହେବ ଏକ ମାସ ପାଇଁ ଆବଶ୍ୟକ ଔଷଧ କିଣନ୍ତୁ। ଏହାପରେ ପୁନଃ କିଣନ୍ତୁ।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ
ସିଡ଼ିଏ, କଟକ

# ଗାର୍ଲ ସ୍କାଉଟ୍ ଡେ
## ଝିଅମାନଙ୍କ ପାଇଁ ପ୍ରଗତିର ଆଲୋକବର୍ତ୍ତିକା

ଡ.ଅରୁନ୍ଧତୀ ଦେବୀ

**ପ୍ର**ତିବର୍ଷ ମାର୍ଚ୍ଚ ୧୨ରେ ପାଳନ କରାଯାଏ ଗାର୍ଲ ସ୍କାଉଟ ଡେ। ଜୁଲିଏଟ୍ ଡେଜି ଗର୍ଡ଼ନ୍ ଲୋ ଗାର୍ଲ ସ୍କାଉଟ ପ୍ରତିଷ୍ଠା କରିଥିଲେ। ଏହା ଝିଅମାନଙ୍କ ପାଇଁ ପ୍ରଗତିର ଆଲୋକବର୍ତ୍ତିକା। ପ୍ରତିବର୍ଷ ଏକ ମୁଖ୍ୟ ସ୍ଲୋଗାନ ବା ବାର୍ତ୍ତା ଏହି ଦିବସ ପାଇଁ ରହିଥାଏ। ୧୯୧୨ ମାର୍ଚ୍ଚ ଏହି ଦିନରେ ମାତ୍ର ଅଠର ଜଣ ବାଳିକାଙ୍କୁ ନେଇ ଜର୍ଜିଆର ସାଭାନାରେ ଏହାର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ବାଳିକାଙ୍କୁ ଅଧିକ ସ୍ୱାଧୀନତା ଦେବା ସହ ଘରୁ ବାହାରି ବାଳକଙ୍କ ସହ ସମକକ୍ଷ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବା ଥିଲା ଏହି ସଂସ୍ଥା ଗଠନର ଲକ୍ଷ୍ୟ। ମୁଖ୍ୟ ଆଭିମୁଖ୍ୟ ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି। ଏହି ସଂସ୍ଥା ସଂପୂର୍ଣ୍ଣ ଭାବେ ମହିଳାଙ୍କ ପାଇଁ, ମହିଳାଙ୍କର ଏବଂ ମହିଳାଙ୍କ ଦ୍ୱାରା ପରିଚାଳିତ। ପାଞ୍ଚ କୋଟିରୁ ଅଧିକ ବାଳିକା ଏହାର ସଦସ୍ୟ ହୋଇସାରିଲେଣି। ପୃଥିବୀର ଅନେକ ବିକାଶଶୀଳ ରାଷ୍ଟ୍ରର ଆଗୁଆ ଝିଅ ଦିନକୁ ଦିନ ଏହି ସ୍କାଉଟ୍ ସମ୍ବନ୍ଧରେ ଅଧିକ ଜାଣିବା ସହ ଏହାର ସଦସ୍ୟତା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ବର୍ତ୍ତମାନ ସମୟରେ ସ୍କାଉଟ ବ୍ୟବସ୍ଥା ଏହାର ସାମଗ୍ରିକ ସାମାଜିକ ସେବା ଓ ଦାୟିତ୍ୱବୋଧତାକୁ ବଢ଼ାଇ ସାରିଲାଣି। ଏ କ୍ଷେତ୍ରରେ ୟୁନିସେଫ୍ ଓ ବିଶ୍ୱ ସ୍ୱାସ୍ଥ୍ୟ ସେବା ସଙ୍ଗଠନ ସେମାନଙ୍କୁ ନୈତିକ ସମର୍ଥନ ଓ ସହଯୋଗ ଦେବା ପାଇଁ ଆଗେଇ ଆସୁଛନ୍ତି। ଏସବୁ ସତ୍ତ୍ୱେ ବର୍ତ୍ତମାନ ବି ଝିଅମାନଙ୍କ ପ୍ରତି ଅତ୍ୟାଚାର, ଅସଦ୍‌ବ୍ୟବହାର ଓ ନିନ୍ଦନୀୟ ଆଚରଣ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢୁଛି। ବିଭିନ୍ନ



ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ଗାର୍ଲ ସ୍କାଉଟ କେନ୍ଦ୍ର ଅଧିକରୁ ଅଧିକ ଭାବେ ଖୋଲିବା ସହ ସରକାର ଓ କିଛି ବେସରକାରୀ ସଂଗଠନ ମଧ୍ୟ ସହାୟତା, ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ପ୍ରଦାନ କରୁଛନ୍ତି। ତେଣୁ ଏ ସବୁ କ୍ଷେତ୍ରରେ ଆମ ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ। ଗାର୍ଲ ସ୍କାଉଟ ବ୍ୟବସ୍ଥା କିପରି ସବୁଠି ପ୍ରଚଳିତ ହେବା ସହ ଏହା ଝିଅମାନଙ୍କୁ ସାହସ, ସାମାଜିକ ସେବା, ନୈତିକତାର ପରିଚୟ ଓ ଦେଶମାତୃକାର ସେବା ପାଇଁ ସମର୍ପିତ ଭାବନା ସୃଷ୍ଟି କରିବ, ଏ ସବୁ ଅନୁଚିନ୍ତାକୁ ନେଇ ଆଜିର ଦିବସର ଅନ୍ତର୍ନିହିତ ମୂଳ ତାତ୍ପର୍ଯ୍ୟକୁ ଆମେ ବୁଝିପାରିଲେ ଗାର୍ଲ ସ୍କାଉଟ ଦିବସର ପ୍ରାସଙ୍ଗିକତା ଉଜ୍ଜୀବିତ ହୋଇରହିବ। ଅନ୍ୟ ଝିଅମାନଙ୍କୁ ଏହା ଆଲୋକବର୍ତ୍ତିକା ପରି ରାସ୍ତା ଦେଖାଇବ ନିଶ୍ଚୟ।

ନିର୍ଦ୍ଦେଶିକା ଓ ସମ୍ପାଦିକା
ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ
ମୋ : ୯୯୩୭୧୭୨୮୧୦

# ପ୍ଲାଷ୍ଟିକର ବିପଦ ବଢୁଛି

ନାରାୟଣ ଚନ୍ଦ୍ର ବିଶ୍ୱାଳ

**ସ**ମ୍ପ୍ରତି ପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ପୃଥିବୀରେ ଆବର୍ଜନାର ପିରାମିଡ଼ ତିଆରି କରୁଛି। କେବଳ ପୃଥିବୀ ନୁହେଁ, ମହାକାଶ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ସହଜ ଏବଂ ସୁଲଭରେ ମିଳିଯାଉଥିବାରୁ ଦିନକୁ ଦିନ ଏହାର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ହେଲେ ବ୍ୟବହାର ତୁଳନାରେ ପୁନଃପ୍ରକ୍ରିୟାକରଣ ହୋଇପାରୁ ନଥିବାରୁ ଏହା ଜୀବଜଗତ ପାଇଁ ବିପଦ ଆଣିଛି। ବିଶେଷକରି ପୃଥିବୀର ସବୁଠାରୁ ବୃହତ୍ ପରିସଂସ୍ଥାନ କୁହାଯାଉଥିବା ସମୁଦ୍ର ପରିତ୍ୟକ୍ତ ବର୍ଜ୍ୟବସ୍ତୁର ଗନ୍ତାଘର ପାଲଟିଲାଣି। ପୂର୍ବରୁ ପ୍ଲାଷ୍ଟିକ୍ ପାଣି ବୋତଲ ଯୋଗୁ ସମୁଦ୍ର ପାଣି ପ୍ରଦୂଷିତ ହେଉଥିବା ଜଣାପଡ଼ିଥିଲା। ହେଲେ କେବଳ ପ୍ଲାଷ୍ଟିକ ବୋତଲ ନୁହେଁ, ବରଂ ପ୍ରତିଟି ଭଙ୍ଗା ପ୍ଲାଷ୍ଟିକ ଖଣ୍ଡ, କାରଖାନାର ଛୋଟ ଛୋଟ ବର୍ଜ୍ୟବସ୍ତୁ ମାଇକ୍ରୋ ପ୍ଲାଷ୍ଟିକ୍ ଏବେ ଜଟିଳ ସମସ୍ୟା ସୃଷ୍ଟି କରିଛି। ବର୍ଜ୍ୟବସ୍ତୁକୁ ନେଇ ପ୍ରଭାବିତ ହେଉଥିବା ସାମୁଦ୍ରିକ ଜୀବନ ସମ୍ପର୍କରେ ଅଧ୍ୟୟନ କରୁଥିବା ଗୋଆସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍‌ଗ୍ରାଫିର ଏ ସମ୍ପର୍କରେ ବିସ୍ତୃତ ବିଶ୍ଳେଷଣ ଅନୁଯାୟୀ ପ୍ଲାଷ୍ଟିକ ପଦାର୍ଥ ଜନିତ ପ୍ରଦୂଷଣ ଆଗାମୀ ଦିନରେ ଭୟଙ୍କର ସମସ୍ୟା ସୃଷ୍ଟି କରିବ । ମନୁଷ୍ୟ ଜାତି ତିଷ୍ଠି ରହିବା ଦିଗରେ ଦେଖାଦେଇଥିବା ୧୦ଟି ପ୍ରମୁଖ ପ୍ରତିବନ୍ଧକ ମଧ୍ୟରେ ଏହା ଅନ୍ୟତମ ବୋଲି ରିପୋର୍ଟରୁ ଜଣାଯାଇଛି।

ପ୍ଲାଷ୍ଟିକ ଟୁକୁଡା ସାମୁଦ୍ରିକ ଜୀବନଚକ୍ର ପ୍ରଭାବିତ କରୁଛି। ଖାଦ୍ୟ ଅନ୍ୱେଷଣରେ ଥିବା ମାଛ, ତିମି, ସିଲ୍, ସାମୁଦ୍ରିକ କଇଁଚ ପ୍ଲାଷ୍ଟିକ ବ୍ୟାଗ, ବୋତଲକୁ ଖାଇଦିଅନ୍ତି। ଏହାଦ୍ୱାରା ସେମାନଙ୍କ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଏ। ଏହା ସହ ସମୁଦ୍ରର ନିମ୍ନ ଭାଗରେ ଜମି ରହୁଥିବା ବର୍ଜ୍ୟବସ୍ତୁ ପ୍ରାକୃତିକ ଖାଦ୍ୟ ତାଲିକାକୁ ମଧ୍ୟ ପ୍ରଭାବିତ କରିଥାଏ। ସାମୁଦ୍ରିକ ଖାଦ୍ୟକୁ ମନୁଷ୍ୟ ଖାଇବାପରେ ସେମାନେ ମଧ୍ୟ ପରୋକ୍ଷରେ ବିଭିନ୍ନ ରୋଗରେ ପଡ଼ିଥାନ୍ତି। ପ୍ଲାଷ୍ଟିକ୍ ଆବର୍ଜନାଜନିତ ପ୍ରଦୂଷଣର ଜଟିଳ ଚିତ୍ର ସମ୍ପର୍କରେ ।

ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିବାରେ ଲାଗିଛି। ହାରାହାରି ଜଣେ ବ୍ୟକ୍ତି ପ୍ରତିବର୍ଷ ନିଜ ଓଜନର ପରିତ୍ୟକ୍ତ ବର୍ଜ୍ୟବସ୍ତୁ ପରିବେଶରେ ଫିଙ୍ଗିଥାନ୍ତି। ଆମେରିକା ଜର୍ଣ୍ଣାଲ ସାଇନ୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସମୁଦ୍ର ଉପକୂଳରେ ଅବସ୍ଥିତ ଦେଶମାନଙ୍କରେ ପ୍ରତିବର୍ଷ ୨୭୫ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି। ସେଥିରୁ ୧୨.୭ ମିଲିୟନ ମେଟ୍ରିକ୍ ଟନ୍ ସିଧାସଳଖ ସମୁଦ୍ରରେ ମିଶୁଛି। ୨୦୨୦ରେ ୱାଶିଂଟନ ଡିସି ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ହାରାହାରି ୧୦-୨୦ ମିଲିୟନ ଟନ୍ ପ୍ଲାଷ୍ଟିକ୍ ପ୍ରତିବର୍ଷ ସମୁଦ୍ର ଜଳରାଶିରେ ପ୍ରବେଶ କରୁଛି। ସଦ୍ୟତମ ଆକଳନ ଅନୁଯାୟୀ, ସମ୍ପ୍ରତି ୫.୨୫ ଟ୍ରିଲିୟନ ପ୍ଲାଷ୍ଟିକ୍ ସମୁଦ୍ରରେ ଅଛି। ଏହାଦ୍ୱାରା ପ୍ରତିବର୍ଷ ହାରାହାରି ୧୩ ବିଲିୟନ



ଆମେରିକୀୟ ଡଲାର ମୂଲ୍ୟର ସାମୁଦ୍ରିକ ପରିବେଶ ନଷ୍ଟ ହେବାରେ ଲାଗିଛି ।

ପ୍ଲାଷ୍ଟିକଜାତ ଦ୍ରବ୍ୟର ବ୍ୟବହାର ଭାରତରେ ସବୁଠାରୁ ସଙ୍ଗଟମୟ ସ୍ଥିତି କରିଛି। ପ୍ରତିବର୍ଷ ହାରାହାରି ଜଣେ ଭାରତୀୟ ୮ କିଗ୍ରା ପଲିଥିନ୍ ବ୍ୟବହାର କରୁଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କହିଛି। ଏହି କ୍ରମରେ ଭାରତରେ ପ୍ରତିବର୍ଷ ୮ ମିଲିୟନ ମେଟ୍ରିକ ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରେ ପରିଣତ ହେଉଛି। ମାଟିରେ ମିଶୁ ନଥିବା ଶସ୍ତା ପଲିଥିନ୍ କାରଣରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ, ପ୍ଲାଷ୍ଟିକ ଜାତ ପଦାର୍ଥ ପରିଚାଳନା କରିବାରେ ଭାରତ ବିଫଳ ରାଷ୍ଟ୍ର ଭାବେ ଅଷ୍ଟମ ସ୍ଥାନରେ ରହିଛି। ଏହି କ୍ରମରେ ଚାଇନା ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ଇଣ୍ଡୋନେସିଆ, ଫିଲିପାଇନ୍ସ, ଭିଏତନାମ ଏବଂ ଶ୍ରୀଲଙ୍କା ରହିଛନ୍ତି। ପ୍ରତିଦିନ ଜଣେ ଭାରତୀୟ ହାରାହାରି ୩୪୦ ଗ୍ରାମ ପ୍ଲାଷ୍ଟିକ୍ ବ୍ୟବହାର କରୁଛନ୍ତି। ଚୀନର ଜଣେ ବ୍ୟକ୍ତି ଭାରତୀୟଙ୍କଠାରୁ ୩ଗୁଣା ଅଧିକ ପଲିଥିନ୍ ବ୍ୟବହାର କରିଥାନ୍ତି। ଉପକୂଳ ଭାରତରେ ହାରାହାରି ୮୭% ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ହୋଇ ନଥାଏ ।

ମାନବ ସଭ୍ୟତା ପାଇଁ ପ୍ଲାଷ୍ଟିକ୍ ବିପଦ ପାଲଟିଛି। ଗୋଟିଏ ଗୋଟିଏ ପ୍ଲାଷ୍ଟିକ ବ୍ୟାଗ ୧୦୦୦ ବର୍ଷ ଯାଏ ସେମିତି ରହିଥାଏ। ଯଦି ବି ଏହା ମାଟିରେ ମିଶିଯାଏ ତେବେ ସେଥିରୁ ବିଷାକ୍ତ ପଦାର୍ଥ ଜାତ ହୋଇଥାଏ। କେତେକାଂଶରେ ଏହା କ୍ୟାନସର୍‌ର କାରଣ। ଏହି ସମସ୍ୟା ଭାରତର ୭୫୦୦ କିମି ତଟରେଖା ପାଇଁ ବିପଦ ପାଲଟିଛି। ଗୋଟିଏ ଗୋଟିଏ ମାଇକ୍ରୋପ୍ଲାଷ୍ଟିକ ମନୁଷ୍ୟର ଛୋଟ ତ୍ରୁଟି ପରି। ସମୁଦ୍ର ଜୀବନର ପ୍ରାଣକେନ୍ଦ୍ର କୁହାଯାଉଥିବା ପ୍ଲାଙ୍କଟନ ମଧ୍ୟରେ ଏହା ପ୍ରବେଶ କରିବା ପରେ ଜୈବିକ ଖାଦ୍ୟ ଶୃଙ୍ଖଳ ପ୍ରଭାବିତହୁଏ। ଅତି ଆଶ୍ଚର୍ଯ୍ୟର ବିଷୟ ଭାରତରେ ହାରାହାରି ୪୭% ପ୍ଲାଷ୍ଟିକ୍ ପୁନଃପ୍ରକ୍ରିୟାକରଣ କରାଯାଇଥାଏ। ଏହାର ଅର୍ଥ ଅଧାରୁ ଅଧିକ ବର୍ଜ୍ୟବସ୍ତୁ ଭାବେ ପରିବେଶରେ ମୁକ୍ତ ଭାବେ ଫିଙ୍ଗାଯାଉଛି। ଏ ପରିସ୍ଥିତିରେ ସରକାର ପ୍ଲାଷ୍ଟିକ୍ ବ୍ୟବହାର ନିୟମକୁ ଅଧିକ କଡ଼ାକଡ଼ି କରିବାକୁ ପଡ଼ିବ। ଏହାର ପରିଚାଳନା ନିମନ୍ତେ ଦୀର୍ଘ ମିଆଦୀ ଯୋଜନା ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଛି।

କଟିକଟା, ମଙ୍ଗଳପୁର, ଯାଜପୁର
ମୋ : ୯୪୩୮୨୭୬୭୬୦

# ବସ ଚଳାଚଳ କରୁନି, ତଥାପି ୫ ଲକ୍ଷ ଟଙ୍କାର ବସ୍ ଷ୍ଟପ୍

ବିଜେପୁର,୧୧।୩(ନି.ପ୍ର): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସାନବାଉସେନ ପଞ୍ଚାୟତ ଅଫିସ୍ ପାଖରେ ଏକ ବସ୍ ଷ୍ଟପ୍ ନିର୍ମାଣ ହୋଇଛି। କିନ୍ତୁ ସେଠାରେ କୌଣସି ବସ୍ ଚଳାଚଳ କରୁ ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ କରି ଏହି ବସ୍ ଷ୍ଟପ୍ ତିଆରି କରାଯାଇଥିଲା। ଏପର୍ଯ୍ୟନ୍ତ ସେଠାରେ ବସ୍ ଚଳାଚଳ ହେଉନଥିବାରୁ ଲୋକମାନଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି।


ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ପଞ୍ଚାୟତ ଅଫିସ୍ ପାଖରେ ତିଆରି ହୋଇଥିବା ଏହି ବସ୍ ଷ୍ଟପକୁ ବସ୍ ଚଳାଚଳ କରୁନାହିଁ। ଯାତ୍ରୀମାନେ ମଧ୍ୟ ସେଠାରେ ବସ୍ ଧରିବାର ସୁବିଧା ପାଉନଥିବାରୁ ବସ୍ ଷ୍ଟପ୍ ବେକାର ହୋଇଛି। ଯାତାୟାତ ସୁବିଧା ନଥିବାରୁ ଏହା ଲୋକଙ୍କ ପାଇଁ କୌଣସି ଉପକାର କରୁନଥିବା ଅଭିଯୋଗ ଉଠିଛି। ପ୍ରଥମେ ସେହି ରାସ୍ତାରେ ବସ୍ ଚଳାଚଳ ବ୍ୟବସ୍ଥା କରାଯିବା ଉଚିତ ଥିଲା। ତାପରେ ବସ୍ ଷ୍ଟପ୍ ତିଆରି କଲେ ତାହାର ଉଦ୍ଦେଶ୍ୟ ସାର୍ଥକ ହୋଇପାରୁଥାନ୍ତା। କିନ୍ତୁ ବସ୍ ସେବା ବ୍ୟବସ୍ଥା ନଥିବା ସ୍ଥାନରେ ବସ୍ ଷ୍ଟପ୍ ତିଆରି କରାଯାଇଥିବାରୁ ଏହାକୁ ନେଇ ସଚେତନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅର୍ଥରେ ତିଆରି ହୋଇଥିବା ଏହି ବସ୍ ଷ୍ଟପ ବର୍ତ୍ତମାନ ଅବ୍ୟବହୃତ ଅବସ୍ଥାରେ ପଡ଼ିଛି ଓ ସରକାରୀ ଅର୍ଥ ଅପଚୟ ହୋଇଥିବା ଅଭିଯୋଗ ମଧ୍ୟ ହେଉଛି। ଏହାକୁ ନେଇ ସଚେତନ ମହଲ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଶୀଘ୍ର ଏଠାରେ ବସ୍ ସେବା ଆରମ୍ଭ କରାଯାଉ ବୋଲି ଦାବି କରିଛନ୍ତି। ଯଦି ନିୟମିତ ବସ୍ ଚଳାଚଳ ବ୍ୟବସ୍ଥା କରାଯାଏ, ତେବେ ସାନବାଉସେନ ପଂଚାୟତ ସହ ଆଖପାଖ ଗ୍ରାମର ଲୋକମାନେ ଯାତାୟାତରେ ସୁବିଧା ପାଇପାରିବେ ବୋଲି ମତ ପ୍ରକାଶ ପାଇଛି।

# ଅଭିଯୋଗ କରିବାକୁ ଆସି ଥାନାରେ ଅଚେତ ହୋଇଗଲେ ଅଙ୍ଗନବାଡି କର୍ମୀ



କୋଦଳା,୧୧।୩(ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ବାଲିଛାଇ ଫାଣ୍ଡି ରେ ଅଭିଯୋଗ କରିବାକୁ ଆସି ଅଚେତ ହୋଇଗଲେ ଝିଟିକାବାଡ଼ି ଗ୍ରାମର ଅଙ୍ଗନବାଡି କର୍ମୀ ପ୍ରତିମା ପରିଡା । ଗୁରୁତର ଅବସ୍ଥାରେ ତାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯାଇଛି । ଅଭିଯୋଗ ଅନୁଯାୟୀ, ପ୍ରତିମାଙ୍କୁ ଦୀର୍ଘ ଦିନ ଧରି ବିଧାୟକ ପ୍ରତିନିଧି ବୋଲାଉଥିବା ଜଣେ ବ୍ୟକ୍ତିଙ୍କ ସମେତ କିଛି ନେତା ମାନସିକ ଯନ୍ତ୍ରଣା ଦେଉଥିଲେ । ପ୍ରତିମାଙ୍କ ସେଣ୍ଟରରେ ନେତାମାନେ ଜୋର ଜବରଦସ୍ତ ପଶି ଭିଡିଓ ଉତ୍ତାଳନ କରିବା ସହ ବାହାର କରି ଦେବାକୁ ଧମକ ଦେଉଥିଲେ। ଏହି ସମସ୍ୟା ନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଠାରୁ ନେଇ ପ୍ରଶାସନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ମାନସିକ ଚାପରେ ଥିବା ପ୍ରତିମା ସ୍ୱାମୀଙ୍କ ସହ ବାଲିଛାଇ ଫାଣ୍ଡିରେ ପହଞ୍ଚିଥିଲେ। ହେଲେ ସେଠାରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ନେତାମାନଙ୍କ ଜୁଲମରୁ ମୁକ୍ତି ନମିଳିଲେ ଦମ୍ପତି ଆତ୍ମହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ । ଅନ୍ୟପଟେ ଏନେଇ ବିଧାୟକ ପ୍ରତିନିଧିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ହାତ ଯୋଡ଼ି ଟ୍ରେନ ଆଗରେ ଛିଡ଼ା ହେଲେ ଯୁବକ



ବିଜେପୁର,୧୧।୩(ନିପ୍ର): ବରପାଲି ରେଲ ଫାଟକ ନିକଟରୁ ଏକ ଛାତିଥରା ଘଟଣା ସାମ୍ନାକୁ ଆସିଛି। ଚଳନ୍ତା ଟ୍ରେନ ସାମ୍ନାରେ ଛିଡ଼ା ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ନିକଟରେ ଥିବା କ୍ୟାମେରାରେ କଏଦ ହୋଇଥିବା ବେଳେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଆହତ ଯୁବକ ହେଲେ ବରପାଲି ଥାନା ରେମତା ଗ୍ରାମର ଲଳିତ ଦେବତା।

ସୂଚନା ଅନୁଯାୟୀ ଘଟଣା ସମୟରେ ବରପାଲି ରେଲ ଫାଟକ ପଡ଼ିଥିଲା ଏବଂ ଟ୍ରେନ ଆସୁଥିବାରୁ ଲୋକମାନେ ଫାଟକ ନିକଟରେ ଅପେକ୍ଷା କରିଥିଲେ। ସେହି ସମୟରେ ଲଳିତ ଫାଟକ ପାଖରେ ଛିଡ଼ା ହୋଇଥିଲେ। ଟ୍ରେନର ସାଇରନ ଶବ୍ଦ ଶୁଣିବା ପରେ ଲଳିତ ଦେବତା ହଠାତ୍ ରେଳ ଲାଇନ ଉପରେ ଯାଇ ଚଳନ୍ତା ଟ୍ରେନ ସାମ୍ନାରେ ହାତ ଯୋଡ଼ି ଛିଡ଼ା ହୋଇଥିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଦ୍ରୁତ ଗତିରେ ଆସୁଥିବା ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା ଓ ଗୋଡ଼ କଟିଯାଇଥିଲା।

ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ମେଡିକାଲ କଲେଜକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି ଓ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। କେଉଁ କାରଣରୁ ଯୁବକ ଜଣକ ଆତ୍ମହତ୍ୟା ଉଦ୍ୟମ କଲେ ତାହା ସ୍ପଷ୍ଟ ହୋଇନାହିଁ। ବରପାଲି ପୋଲିସ ତଦନ୍ତ ଚଳାଇଛି।

# କାର-ବାଇକ ଧକ୍କା

## ଡିଭାଇଡରେ ପିଟିହେଇ ମାମୁ ମୃତ, ଭଣଜା ଗୁରୁତର

କଣାସ,୧୧।୩(ନିପ୍ର): ନୂଆ ଜଗନ୍ନାଥ ସଡକର ଲୁଣା ବ୍ରିଜ ନିକଟରେ କାର ସହ ବାଇକର ଧକ୍କା ହେବା ଫଳରେ ବାଇକରୁ ଛିଟିକି ପଡି ଡିଭାଇଡରରେ ପିଟି ହେଇ ମାମୁ ପ୍ରାଣ ହରାଇଥିବା ବେଳେ ଭଣଜା ଗୁରୁତର ହୋଇଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ ଚଳାଇଛି। ବାଇକ ଓ କାରକୁ ଜବତ କରାଯାଇଛି। କାର ଚାଳକ ଫେରାର ରହିଛି। ଭଣାଜାଙ୍କୁ ଚିକିତ୍ସା ପାଇଁ ପୁରୀ ସ୍ଥାନାନ୍ତର କରାଯାଇଛି। ମୃତକ ହେଉଛନ୍ତି ସତ୍ୟବାଦୀ ଥାନା ମଧୁବନ ପଞ୍ଚାୟତ ବ୍ରହ୍ମପୁର ଗ୍ରାମର ପ୍ରତାପ ସାହୁ(୩୬)। ଚୁରାଳିରେ ଥିବା ଭଉଣୀର ଝିଆରୀ ବାହା ଘର କାଣ୍ଡଗୋଦାସ୍ଥିତ ମଝିପଡା ଠାକୁରାଣୀଙ୍କ ମନ୍ଦିରରେ ହେଉଥିଲା। ବାହାଘର ସାରି ଭଣଜା ମୁନା ଜେନା ସହ ଅପରାହ୍ଣ ୫ଟା ବେଳେ ବାଇକ୍‌ରେ ବିଜିପୁର ବଜାରଆଡେ ଯାଉଥିବା ସମୟରେ ବିପରିତ ଦିଗରୁ ଆସୁଥିବା କାର ସହ ଧକ୍କା ହେଇଥିଲା। ଉଭୟ ବାଇକରୁ ଛିଟିକି ପଡିଥିଲେ। ଡିଭାଇଡରେ ପିଟିହେଇ ମୃତ୍ୟୁବରଣ କରିଥିଲେ ପ୍ରତାପ।

# ଝରିଗାଁ-ଚନ୍ଦାହାଣ୍ଡି ଘାଟି ପ୍ରଶସ୍ତିକରଣ ପାଇଁ ବିଧାୟକଙ୍କ ପ୍ରସ୍ତାବ




ଝରିଗାଁ,୧୧।୩(ନିପ୍ର): ଝରିଗାଁ ବିଧାୟକ ନରସିଂ ଭତରା ବିଧାନସଭା ଅଧିବେଶନରେ ଝରିଗାଁ -ଚନ୍ଦାହାଣ୍ଡି ଘାଟି ପ୍ରଶସ୍ତିକରଣ ପାଇଁ ପ୍ରସ୍ତାବ ରଖିଥିଲେ । ଝରିଗାଁ -ଚନ୍ଦାହାଣ୍ଡି ରାସ୍ତାର ମଧ୍ୟ ଭାଗରେ ଏକ ଘାଟି ପଡୁଛି, ଯାହାକି ଚନ୍ଦାହାଣ୍ଡି ଘାଟି ଭାବେ ପରିଚିତ। ଘାଟି ରାସ୍ତାର ପ୍ରାୟ ୩ କିଲୋମିଟର ଅତି ବିପଦଜନକ। ଘାଟିରେ ଅନେକ ସମୟରେ ଲୋକଙ୍କ ପ୍ରାଣହାନି ହେଉଛି । ସଂପ୍ରତି ଉମରକୋଟ ଠାରୁ ଚନ୍ଦାହାଣ୍ଡି ପର୍ଯ୍ୟନ୍ତ ୮୦କିମି ରାସ୍ତାର ଉନ୍ନତିକରଣ ଚାଲିଛି । ହେଲେ ପରିତାପର ବିଷୟ ଘାଟି ରଖିଥିବା ୩କିମି ରାସ୍ତାକୁ ବାଦ ଦିଆଯାଇଛି। ଅଞ୍ଚଳବାସୀଙ୍କ ସୁଗମ ଯାତାୟାତ ପାଇଁ ୩କିମି ରାସ୍ତାର ପ୍ରଶସ୍ତିକରଣ କରିବାକୁ ବିଧାୟକ ଦାବି କରିଛନ୍ତି। ଚଳିତ ବର୍ଷ କାର୍ଯ୍ୟ ଆରମ୍ଭ କଲେ ଭଲ ହୁଅନ୍ତା ବୋଲି ଶ୍ରୀ ଭତରା ବାଚସ୍ପତିଙ୍କ ଜରିଆରେ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ଜଣେ ବିଧାୟକ ଘାଟି ପ୍ରସଙ୍ଗ ଉପସ୍ଥାପନା କରିଥିବାରୁ ଅଞ୍ଚଳବାସୀ ଶ୍ରୀ ଭତରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ଗୃହ ପ୍ରତିଷ୍ଠା

ଭାପୁର,୧୧।୩(ନି.ପ୍ର): ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦରମାହୁକୁମାରେ ଅବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଛି ।ପ୍ରଧାନ ଗୁରୁଜୀ କାମରାଜ ବରାଡ଼ଙ୍କ ସହ ସ୍କୁଲର ସମସ୍ତ ଗୁରୁଜୀ ଗୁରୁମା ଓ ଅନୁଷ୍ଠାନ ଟିକୁ ଆରମ୍ଭ କରିଥିବା ଚରଣ ଗୁରୁଜୀଙ୍କ ଆପ୍ରାଣ ଉଦ୍ୟମ ଓ ଚେଷ୍ଟା ବଳରେ ଅତି ସୁନ୍ଦର ଭାବେ ବହୁତ ଭଲ ଭଲ କ୍ଲାସ ରୁମ ସହିତ ଦୁଇ ମଞ୍ଜିଲାର ଏକ ସୁନ୍ଦର ବିଦ୍ୟାଳୟ ତିଆରି ହୋଇପାରିଛି ।



ଆଗରୁ କ୍ଲାସ ରୁମଗୁଡିକ ଆଜବେଷ୍ଟ ଘର ହୋଇଥିବାବେଳେ ବର୍ତ୍ତମାନ ଏହା ଦୁଇ ମହଲା ବିଶିଷ୍ଟ କୋଠା ହୋଇଛି। ନିର୍ମଳ ଭାବେ କ୍ଲାସ ରୁମ ତିଆରି ହୋଇଥିବା ବେଳେ ସ୍କୁଲର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟ ଏବଂ ଆରମ୍ଭରେ ନିଖୁଣ ଭାବେ ତିଆରି ହୋଇଥିବା ଭାରତ ମାତାଙ୍କ ମୂର୍ତ୍ତି ସମସ୍ତଙ୍କୁ ଆକୃଷ୍ଟ କରୁଛି। ପିଲାମାନଙ୍କୁ ଓ ଅଭିଭାବକମାନଙ୍କୁ ଏକ ବହୁତ ଭଲ ସ୍କୁଲରେ ପାଠ ପଢ଼ିବାର ଅନୁଭୂତି ଦେବା ସହିତ ଅପୂର୍ବ ଶାନ୍ତି ପ୍ରଦାନ କରୁଛି। ଗୃହ ପ୍ରତିଷ୍ଠା ଉତ୍ସବରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଯୋଗ ଦେଥିବାବେଳେ ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ।

# ଜଳ ମହୋତ୍ସବ ଜାତୀୟ କାର୍ଯ୍ୟକ୍ରମରେ ସରପଞ୍ଚ ସମ୍ମାନିତ



ହିଞ୍ଜିଳିକାଟୁ,୧୧।୩(ନି.ପ୍ର): ନୂଆଁଦିଲ୍ଲୀର ବିଜ୍ଞାନ ଭବନରେ ବୁଧବାର ଅନୁଷ୍ଠିତ ଜାତୀୟ କାର୍ଯ୍ୟକ୍ରମ ଜଳ ମହୋତ୍ସବରେ ଗଞ୍ଜାମ ଜିଲ୍ଲାର ଏକ ମାତ୍ର ପ୍ରତିନିଧି ଭାବେ ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ଉଲ୍ଲେଖନୀୟ ସେବା, ସହଯୋଗିତା ଓ ସହଭାଗିତା ସକାଶେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଜଳ ଶକ୍ତି ମନ୍ତ୍ରାଳୟର ମନ୍ତ୍ରୀ ଓ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସମ୍ମାନିତ ହୋଇଛନ୍ତି। ନଭେମ୍ବର ମାସ ୧୮ ତାରିଖରେ କେନ୍ଦ୍ର ସରକାରଙ୍କ ଜଳ ଜୀବିକା ମିଶନ ଆନୁକୂଲ୍ୟରେ ବେଲଗାଁ ଠାରେ ଆଭାସୀ ମାଧ୍ୟମରେ ସର୍ବ ଭାରତୀୟ ସ୍ତରରେ ସୁଜଳ ଗ୍ରାମ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତ ଏକକ ପଞ୍ଚାୟତରେ ୭୧୮ ଆବାସିକ ଗୃହ ସହ ବସବାସ କରୁଥିବା ୩୧୪୫ ଅଧିବାସୀଙ୍କ ସହିତ ୩ ସରକାରୀ କାର୍ଯ୍ୟାଳୟକୁ ନିୟମିତ ଭାବେ ସୁଚାରୁରୂପେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସୁପରିଚାଳନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସରପଞ୍ଚ କେନ୍ଦ୍ରୀୟ ଅଧିକାରୀଙ୍କ ସମ୍ମୁଖରେ ବିସ୍ତୃତ ଭାବେ ମତ ପ୍ରକାଶ କରି ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲ୍ଲା ଓ ରାଜ୍ୟସ୍ତରରେ ପ୍ରଶଂସିତ ହେବା ସହ କେନ୍ଦ୍ର ସରକାରଙ୍କ ଜଳ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। ଏହି ସଫଳତାର ଶ୍ରେୟ ସେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ ବିକାଶ କୁମାର ପତି ଓ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୀମାଞ୍ଚଳ ବେହେରା, ସହକାରୀ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ଦଳାଇ ଓ ସହକାରୀ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ଦାଶଙ୍କୁ ପ୍ରଦାନ କରିଛନ୍ତି।

# ମାସେ ହେଲା ମିଳୁନି ସ୍ୱାମୀଙ୍କ ପତ୍ତା: ଅପହରଣ ଅଭିଯୋଗ ଆଣିଲେ ପତ୍ନୀ

କଣାସ,୧୧।୩(ନିପ୍ର): ଡାକ କର୍ମଚାରୀ ଭାବେ ଚକିରି କରିଥିଲେ। ଭଲପାଇ ବିଭାହ କରିଥିଲେ। ଭିନ୍ନ ସଂପ୍ରଦାୟର ହେଇଥିବାରୁ ବିଭାହ ପରେ ଉଠିଲା ଝଡ଼। ବାପ ଘର ଲୋକେ କୌଶଳ କରି ସ୍ୱାମୀଙ୍କୁ ଅପହରଣ କରିଥିବା ନେଇ ଅଭିଯୋଗ କରିଛନ୍ତି ପତ୍ନୀ। ଅପହରଣକୁ ମାସେ ପୁରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳୁ ନ ଥିବାରୁ ସ୍ୱାମୀଙ୍କ ଜୀବନ ପ୍ରତି ବପିଦ ରହିଥିବା ଆଶଙ୍କା କରି ଉଦ୍ଧାର କରିବା ପାଇଁ ଗଡିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଶାଶୂଘର ଲୋକେ ମଧ୍ୟ ପୁଅକୁ ଫେରାଇଦେବାକୁ ଥାନାରେ ନିବେଦନ କରିଛନ୍ତି।

ସୁଚନା ଅନୁଯାୟୀ, ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଖାଲମୁହାଣ ଗ୍ରାମର ମୋହନ ବେହେରାଙ୍କ ଝିଅ ଝାନସି (୨୧) କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା କୁରୁକୁଡୁପା ଗ୍ରାମର ସିବର ଦିଗଲଙ୍କ ସାନପୁଅ ଫିଲମ୍ୟାନ ଦିଗଲଙ୍କୁ ପ୍ରେମ ବିଭାହ କରିଥିଲେ। ସେହି ଅଞ୍ଚଳରେ ଝାନସି ଡାକ କର୍ମଚାରୀବାବେ କାର୍ଯ୍ୟ କରୁଥିଲେ। ପରେ ଟ୍ରାନସଫର କରି କଣାସର ଆଳିବାଡ ପୋଷ୍ଟ ଅଫିସକୁ ଆସିଥିଲେ। ସ୍ୱାମୀଙ୍କ ସହ ନୁଆଜଗନ୍ନାଥ ସଡକର କୋଟକଣା ଛକରେ ଜାନୁଆରୀ ୨୨ ତାରିଖରୁ ରହୁଥିଲେ। ଝାନସିଙ୍କ ବାପା ଓ ବୋଉ ଆସି ପ୍ରାୟ ଦୁଇସପ୍ତାହ ତାଙ୍କ ପାଖରେ ରହୁଥିଲେ। ୯ ତାରିଖ ସନ୍ଧ୍ୟାରେ ଫିଲମ୍ୟାନକୁ ବଜାରକୁ ଡାକି ନେଇଥିଲେ। କିଛି ସମୟପରେ ଫିଲମ୍ୟାନ ଝାନସିଙ୍କୁ ଫୋନ କରି ତୁମବାପା ଓ ଆଉ ୩/୪ ଜଣ ଝଗଡା କରୁଛନ୍ତି ମୋତେ ବଞ୍ଚାଅ ବୋଲି ଚିତ୍କାର କରୁଥିଲେ। କିଛି ସମୟପରେ ଫୋନ ସ୍ୱିଚ୍ ଅଫ ହେଇଗଲା। ତା ପରେ ବାପା ଘରକୁ ଆସିନଥିଲେ କି ତାଙ୍କ ସହ ଫୋନରେ ଆଉ ଯୋଗାଯୋଗ ହେଇପାରଜ ନଥିଲା। ରାତି ସାର ସ୍ୱାମୀଙ୍କୁ ଅପେକ୍ଷା କରି ପରଦିନ ସକାଳେ ଥାନରେ ଅପହରଣ ଅଭିଯୋଗ ଆଣିଲେ ଝାନସି।

ପୋଲିସ ତଦନ୍ତ କରିଥିଲେ ବି ଫିଲମ୍ୟାନ କିମ୍ବା ଅନ୍ୟ କାହାକୁ ପାଇନି। କୁଆଡେ ଝାନସିକୁ ଅନ୍ୟତ୍ର ବିଭାହ ଦେବାକୁ ମୋହନ ସ୍ଥିର କରିଥିଲେ। ପିଲମ୍ୟାନ କେଉଁଠି ଅଛନ୍ତି, ଜୀବିତ ନା ମୃତ ତାହାକୁ ନେି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାୟ ମାସେ ହେଲା ପିଲମ୍ୟାନର ପତ୍ତା ମିଳୁ ନ ଥିବାରୁ ପୋଲିସର ମୁଣ୍ଡବିନ୍ଧା ବଢିଛି। ଅଭିଯୁକ୍ତମାନଙ୍କୁ ଧରିବା ଓ ପିଲମ୍ୟାନକୁ ଉଦ୍ଧାର କରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଥାନାଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୁଚନା ଦେଇଛନ୍ତି।

# ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଭଞ୍ଜନଗର,୧୧।୩(ନି.ପ୍ର): ଚଳିତ ବର୍ଷ ଭଞ୍ଜନଗର ସହରରେ ଐତିହାସିକ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବୁଧବାର ମୁଖ୍ୟ ସଡକର ଅସ୍ଥାୟୀ ପୀଠରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି।ପ୍ରଥମେ ଠାକୁରାଣୀ ଓ ପରେ କୁଲାଡ଼ ବ୍ୟାଘ୍ରଦେବୀ ମନ୍ଦିରରୁ ଦେବୀଙ୍କ ଆଜ୍ଞାମାଳ ଅଣାଯିବା ପରେ ଯାତ୍ରାର ମୁଖ୍ୟପୁରୋଧା ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ସହରତଳି କୟାଁ ବାଗ୍ଦେବୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଅସ୍ଥାୟୀମଣ୍ଡପକୁ ଆସିଥିଲେ। ସେଠାରେ ବ୍ରାହ୍ମଣଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ସହ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି।ଶୁଭଖୁଣ୍ଟି ସ୍ଥାପନ ବେଳେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ପୌରାଧକ ଗୋପବନ୍ଧୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେ, ଏସଡିପିଓ ଡ. ଦିପକ କୁମାର ମିଶ୍ର, ଥାନା ଅଧିକାରୀ ଜିବନାନନ୍ଦ ଜେନା, ବିଡ଼ିଓ ଭାରତୀ ଦେବି, ତହସିଲଦାର ଅଭିପ୍ସା ପଟ୍ଟନାୟକ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥି ନାୟକ, ଜଳସଂପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନଙ୍କ ସମେତ ଯାତ୍ରା ପରିଚାଳନା କମିଟି ସଦସ୍ୟ ଓ ସହରବାସୀ ଉପସ୍ଥିତ ଥିଲେ।

# ପ୍ରଥମ ମଙ୍ଗଳବାର ଯାତ୍ରା ପାଳିତ



ତେନ୍ତୁଳୀଖୁଣ୍ଟି,୧୧।୩(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଖାତିଗୁଡା ଗ୍ରାମରେ ତିନିମାସ ଧରି ଚାଲିଥିବା ବାଲିଯାତ୍ରାରେ ଚୈତ୍ରମାସ ପ୍ରଥମ ମଙ୍ଗଳବାର ଦିନ ଉପବାସ ପାଳନ କରାଯାଇଛି। ବାଲିଯାତ୍ରା ଆରମ୍ଭରୁ ପ୍ରତେକ ମଙ୍ଗଳବାର ଓ ଶନିବାର ଆଖପାଖ ଅଞ୍ଚଳର ପୁରୁଷ ଓ ମହିଳାମାନେ ଉପବାସ ରହିଥାନ୍ତି। କିନ୍ତୁ ପ୍ରଥମ ମଙ୍ଗଳବାର ଦିନ ଟିକେ ଅଲଗା ଥିଲା। ଗ୍ରାମର ସମସ୍ତ ଲୋକେ ଏକତ୍ରିତ ହୋଇ ବାଲିଯାତ୍ରାର ପାଟ ଗୁରୁମାଈଁ, ଗ୍ରାମ ଗୁରୁମାଈଁ, ନାୟକ ବୁଢା, ପୂଜାରି, ଚଲାନ, ଗଣ୍ଡା, ବାଜାବାଲା, ଗ୍ରାମର କିଛି ବୁଦ୍ଧିଜୀବୀଙ୍କ ସହ ଯାତ୍ରାରେ ସହଯୋଗ କରୁଥିବା ଭାଇମାନଙ୍କୁ ମହିଳାମାନେ ପାଛୋଟି ନେଇ ବନ୍ଦାପନା କରିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଯାତ୍ରା। ଏଥିରେ ଦେବାଦେବୀ ନାଚିବା ପରେ ପଣା ବଣ୍ଟନ କରାଯାଇଥିଲା।

# ବୁଢ଼ୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ସୋରଡ଼ା,୧୧।୩(ନି.ପ୍ର): ଗଞ୍ଜାମ ସୋରଡା ଥାନା ଖିଲାବାଡି ଗାଁ ନିକଟ ରଷିକୁଲ୍ୟା ନଦୀ ପଠାରେ ଥିବା ଏକ ଗୁହାଳ ରୁ ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର । ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ବୁଧବାର ସକାଳ ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଲୋକେ ବୃଦ୍ଧାକୁ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ସୋରଡା ପୋଲିସ୍‌କୁ ଖବର ଦେଇଥିଲେ । ପୋଲିସ୍ ପହଞ୍ଚି ମୃତ ଦେହକୁ ଜବତ କରି ଅଧିକ ତଦନ୍ତ ଚଳାଇଛି । ତେବେ ବୃଦ୍ଧା ଜଣକ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ।

# ଆରଏମସି ପକ୍ଷରୁ ନୂତନ ହାଟ ସ୍ଥାପନ

ତାଳଚେର,୧୧।୩(ନିପ୍ର): ତାଳଚେର ଆରଏମସି ପକ୍ଷରୁ ଗୋଡ଼ିବନ୍ଧ ଫାଣ୍ଡି ସମ୍ମୁଖରେ ରହିଥିବା ମେଲଣପଡ଼ିଆରେ ଏକ ହାଟ ଉଦ୍‌ଘାଟିତ ହୋଇଯାଇଛି। ହାଟ ଉଦଘାଟନ ଅବସରରେ ସ୍ଥାନୀୟ ବାସୀନ୍ଦାଙ୍କ ମନରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ପ୍ରଥମ ଦିବସରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୩ ବ୍ୟବସାୟୀ ପସରା ମେଲାଇଥିଲେ ଓ ପାଖାପାଖି ଦେଢ଼ଲକ୍ଷ ଟଙ୍କା ବେପାର ହୋଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ଆଗାମୀ ଦିନରେ ଏହା ଏକ ବଡ଼ ହାଟ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ବିଭୂପ୍ରସାଦ ପତି, ନିୟନ୍ତ୍ରୀତ ବଜାକମିଟିର ଉପାଧ୍ୟକ୍ଷ ପେସ୍କାର ଗଡ଼ନାୟକ, ସମ୍ପାଦକ ଅଶୋକ ବେହେରା, ସଭ୍ୟ ଅଶୋକ ଶତପଥୀ, ସୁଶାନ୍ତ ପ୍ରଧାନ, ଦିବ୍ୟଲୋଚନ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳର ଗୋଡ଼ିବନ୍ଧ, ବେଲପଡ଼ା, ଲୁହୁଣ୍ଡି, ଗୁରୁଜାଙ୍ଗ, ଜନ୍ଦାବାହାଲ, ଦୁମଦୁମା, ହରିହରପୁର, ସମଲ, ଟିପୋ, ବିକଶର, ବ୍ରଜନାଥପୁର, କଣ୍ଡାଳ, ଅରଖପାଳ, ରଘୁନାଥପୁର, ଯଦୁନାଥପୁର, ତାଳବେଡ଼ା, ସୁନାଖଣି, କାଳନ୍ଦିପ୍ରସାଦ ଆଦି ଗ୍ରାମଗୁଡ଼ିକ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ଲିଙ୍ଗ ନିରୂପଣ କେନ୍ଦ୍ରରେ ଚଢ଼ାଉ

ତାଳଚେର,୧୧।୩(ନିପ୍ର): କୋଲିୟରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଅଞ୍ଚଳର ଏକ ବେଆଇନ ଘରୋଇ ଚିକିତ୍ସାଳୟରେ ଲିଙ୍ଗ ନିରୁପଣ ହେଉଥିବାର ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଚାଉ କରାଯାଇଥିଲା । ଉକ୍ତ ଘରକୁ କିଛି ବ୍ୟକ୍ତି ଭଡ଼ାସୂତ୍ରରେ ନେଇ ଏହି ବେଆଇନ କାରବାର ହୋଇ ଆସୁଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀ ଡା, ଅନ୍ତର୍ଯ୍ୟାମୀ ମିଶ୍ର ଓ କୋଲିଆରି ପୋଲିସ ପକ୍ଷରୁ ଦେଉଳବେଡ଼ାରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଡ଼ା, ପୂର୍ଣ୍ଣ୍ୟଶ୍ଲୋକ ଦାସକୁ ଅଟକ ରଖାଯାଇଥିଲା। ଅନ୍ୟପଟେ ଡ଼ାକ୍ତରଙ୍କ ସହଯୋଗୀମାନେ ପୋଲିସ ଉପସ୍ଥିତିରେ ଚତୁରତାର ସହ ଉକ୍ତ ଅଲଟ୍ରା ସାଉଣ୍ଡ ମେସିନକୁ ନେଇ ଚମ୍ପଟ ମାରିଥିଲେ । ତେବେ ବେଆଇନ ଲିଙ୍ଗ ନିରୁପଣ ଘଟଣାରେ ଡ଼ାକ୍ତର ଦାସକୁ ଅଟକ ରଖାଯାଇ ପଚରାଉଚରା କରାଯିବା ସହ ଡ଼ାକ୍ତରଙ୍କ ସହଯୋଗୀଙ୍କୁ ବର୍ତମାନ ସୁଦ୍ଧା ପୋଲିସ୍ ଗିରଫ କରିପାରିନଥିବା ଜଣାପଡ଼ିଛି ।

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

## ଦୁର୍ଘଟଣା ସମୟରେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ମିଳିବ ୨୫ ହଜାର ଟଙ୍କା ପୁରସ୍କାର



ଛତ୍ରପୁର,୧୧।୩(ନି.ପ୍ର): ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବର୍ଦ୍ଧିତ ସଡ଼କ ଦୁର୍ଘଟଣା ଓ ତତଜନିତ ପ୍ରାଣହାନୀକୁ ଦୃଷ୍ଟିରେ ରଖି ଜନ ସଚେତନତାକୁ ଆହୁରି ପରିବ୍ୟାପ୍ତ କରିବା ସହିତ ନୀତି ନିୟମର କଡାକଡି ଅନୁପାଳନ, ଏନଫୋର୍ସମେଣ୍ଟକୁ ଅଧିକ ତୀବ୍ରତର କରିବା, ଗାଡିଚାଳକମାନଙ୍କ ମଧ୍ୟରେ ସଚେତନତା ମାଧ୍ୟମରେ ସମ୍ବେଦନଶୀଳତା ବୃଦ୍ଧି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ।

ସୂଚନା ଯୋଗ୍ୟ ଯେ' ଜାନୁଆରୀ ୨୦୨୬ରେ ୧୦୯ଟି ସଡ଼କ ଦୁର୍ଘଟଣା ଘଟି ୬୯ ଜଣଙ୍କ ପ୍ରାଣହାନୀ ଓ ୫୪ ଆହତ ହୋଇଥିଲେ, ଯାହା ଜାନୁଆରୀ ୨୦୨୫ (୬୫ଟି ଦୁର୍ଘଟଣା ଓ ୩୧ ପ୍ରାଣହାନୀ) ତୁଳନାରେ ବହୁତ ଅଧିକ ଅଟେ । ସେହିପରି ଫେବ୍ରୁଆରୀ ୨୦୨୬ ମାସରେ ୬୧ଟି ଦୁର୍ଘଟଣା ଘଟି ୩୬ ଜଣଙ୍କ ମୃତ୍ୟୁ ଓ ୫୨ ଆହତ ହୋଇଥିଲେ।ବିଶେଷ କରି ଜାତୀୟ ରାଜପଥ ଗୁଡିକରେ ଅଧିକ ଦୁର୍ଘଟଣା ପରିଲିକ୍ଷିତ ହେଉଛି। ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବା ପୁରୁଷୋତ୍ତମପୁର, ଦିଗପହାଣ୍ଡି, ବ୍ରହ୍ମପୁର ଟ୍ରାଫିକ ଅଞ୍ଚଳ, ଖଲ୍ଲିକୋଟ, ଗୋଳନ୍ଥରା, ଗୋସାଇଁ ନୂଆଗାଁ ଓ ଚମାଖଣ୍ଡିରେ ଦୁର୍ଘଟଣା ରୋକିବା ପାଇଁ ଏନଫୋର୍ସମେଣ୍ଟକୁ ଅଧିକ ତୀବ୍ରତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗଞ୍ଜାମ ପୁଲିସ ଜିଲ୍ଲା ଓ ବ୍ରହ୍ମପୁର ପୁଲିସ ଜିଲ୍ଲାର ଯେଉଁ ଥାନା ଅଚଂଳରେ ଅଧିକ ସଡକ ଦୁର୍ଘଟଣା ପରିଲିକ୍ଷିତ ହେଉଛି ସେହି ସବୁ ଅଞ୍ଚଳରେ ହେଲମେଟ ଯାଞ୍ଚ ଓ ମଦ୍ୟପାନ ଚାଳକଙ୍କ ଯାଞ୍ଚକୁ ତୀବ୍ରତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ରାଜପଥ ଉପରେ ବିଭିନ୍ନ ସ୍ଥାନରେ ବ୍ୟାରିକେଟ ଲଗାଯାଇଛି ସେହିପରି ପୁରୁଷୋତ୍ତମପୁର ଠାରୁ କୋଦଳା ରାସ୍ତାରେ ମଧ୍ୟ ବ୍ୟାରିକେଟ ଲଗାଯିବ । ଛତ୍ରପୁର କଲେଜ ଛକ ଓ ଡିଆରଡିଏ ଓଭର ବ୍ରିଜ୍ ପାଇଁ ଅନୁମୋଦନ ମିଳିସାରିଛି, ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ ଏହାସହିତ ହୁମ୍ମା ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ମଧ୍ୟ ଯେତେଶୀଘ୍ର ସମ୍ଭବ ସେତେ ଶୀଘ୍ର ଆରମ୍ଭ ହେବ ବୋଲି ବୈଠକରେ ଜଣାପଡିଛି । କୌଣସି ବ୍ୟକ୍ତି ଯଦି ସଡକ ଦୁର୍ଘଟଣାରେ ଆହାତ ହୁଅନ୍ତି ତେବେ ପିଏମ ରାହତ ଯୋଜନାରେ ଯେ କୌଣସି ମେଡିକାଲରେ ୧ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସେବା ପାଇପାରିବେ ସେହିପରି ରାହ ଭୀର ଯୋଜନାରେ ଦୁର୍ଘଟଣା ସମୟରେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ୨୫ ହଜାର ଟଙ୍କାର ପୁରସ୍କାର ମିଳିବ ।

ବୈଠକରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ପିଡିଏନଏଚଏଆଇ ଜେ.ପି ବର୍ମା, ଆଞ୍ଚଳିକ ପରିବହନ ଅଧିକାରୀ ଇଂ.ଦେବାଶିଷ ସ୍ୱାଇଁ, ଭାଗିରଥି ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an affidavit sworn before the Notary Public, Tangi, dt.09.03.2026, I, Tulasi Dei, 45yrs. W/o-Late Jambeswar Baral, Vill-Bindhania (Sanakusumi), Po-Chandeswar, Ps-Tangi, Dist-Khordha, Pin-752023, Odisha, declare that I am the nominee of my husband's HDFC Life Sampoorn Nivesh Bond Policy No. 26997189, where my name has been mentioned as Tulasi Baral, D.O.B. 01.01.1987. But my correct name and D.O.B. as recorded in my Aadhar Card No. 6356 1645 5271 are Tulasi Dei, W/o-Jambeswar Baral and D.O.B. 23.07.1980 respectively. Tulasi Dei and Tulasi Baral being one and the same person, this affidavit is required to be produced before the concernd HDFC Authority for correction of my name as Tulasi Dei and D.O.B. as 23.07.1980.

Tulasi Dei
Deponent

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, dt.09.03.2026, I, BISHNU CHARAN DAS, 56yrs. S/o-Budhiram Das, Vill-Upardumuka, Po-Shyamsudharpur, Ps-Dhusuri, Dist-Bhadrak, Pin-756119, Odisha, declare that my actual name is Bishnu Charan Das as per my TC obtained from Dadhibaman U.G.M.E. school, Bankabazar, Dist-Bhadrak, But in my Aadhar Card No. 7600 7106 8359, Bank Pass Book and PAN Card No. KGWPD1265E my name has been mentioned as Kalandi Das, which is my nick name. Bishnu Charan Das and Kalandi Das being one and the same person, this affidavit is required to be produced before the concernd LIC Authority for nessesary action.

Bishnu Charan Das
Deponent

**AFFIDAVIT**

By virtue of an affidavit sworn before the Executive Magistrate, Delang, dt.23.02.2026, I, RASHMITA BISWAL, W/o-Arabinda Biswal, At-Machhapada, Po-Bada Gualipada, Ps-Delang, Dist-Puri, Pin-752016, declare that I have changed my name from BAIJAYANTI JENA (old name) to RASHMITA BISWAL (new name). Henceforth, I shall be known as RASHMITA BISWAL for all purposes.

Rashmita Biswal
Deponent

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କରୋଡ, କଟକ-12**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-7 ରେ ପ୍ଲଟ୍ ନଂ-D/92 ଟିକୁ ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପିତା-ମୋତିଲାଲ ଅଗ୍ରୱାଲ, ସା/ପୋ-ଚୌଧୁରୀବଜାର, ଥା-ପୁରୀଘାଟ, ଜିଲ୍ଲା-କଟକ ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିନୋଦ କୁମାର ଅଗ୍ରୱାଲ ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ଭାଇ ଶ୍ରୀ ଓମ୍ ପ୍ରକାଶ ଅଗ୍ରୱାଲ, ପିତା-ସ୍ୱର୍ଗତ ମୋତିଲାଲ ଅଗ୍ରୱାଲ, ସା/ପୋ-ଚୌଧୁରୀବଜାର, ଥା-ପୁରୀଘାଟ, ଜିଲ୍ଲା-କଟକ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ଦଶ (10) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-
Caption No: 13001/571/2526
ଭାରପ୍ରାପ୍ତ ଅଧିକାରୀ(ଇଷ୍ଟେଟ)

**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**
**Email:sernbphulbani@gmail.com**

**Letter No. 500** **Dated 09/03/2026**

**EXPRESSION OF INTEREST**

**EOI Identification No. CCEPLBC-02/2025-26**

**No.** **Dated.**

| | | | |
|---|---|---|---|
| 1. | The Chief Construction Engineer, Phulbani (R& B) Circle, Phulbani (the Authority) on behalf of the works Department, Government of Odisha invites Expression of Interest (EOI) from eligible register service provider as mentioned below. | | |
| 2. | Nature of work | :- | Non-Consultancy Services i.e Arrangement of Venue set-up Logistics and other allied activities associated with state level function at different locations under Phulbani (R&B) Circle. |
| 3 | No. of tenders | :- | One No |
| 4 | Tender cost | :- | Rs. 10,000/- |
| 5 | Date & Time of sale & receipt of bids | :- | 10.30 AM of 18.03.2026 to 4.00PM of 15.04.2026 |
| 6 | Date of Opening of bid | :- | 11.00 AM of 16.04.2026 |
| 7 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Caption No: 34001/191/2526

Sd/-
Chief Construction Engineer,
Phulbani (R&B) Circle, Phulbani

## ଝିମିରିପାଲିର ପାଞ୍ଚଟି ସାହିକୁ ହର୍ ଘର୍ ଜଲ ଯୋଜନାରେ ସାମିଲ କରିବାକୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ପାଲଲହଡା,୧୧।୩(ନି.ପ୍ର): ଗ୍ରୀଷ୍ମ ର ଆଗମନ ଜଳ ପାଇଁ ଆହକାର ଜନତା। ଏମିତି କି ଅନେକ ଜାଗାରେ ଜଳସଙ୍କଟ ଦେଖିବାକୁ ମିଳିଛି। ପାଲଲହଡା ବ୍ଲକର ଝିମିରିପାଲି ରେ ଆଜକୁ ଏକମାସ ହୋଇଯିବ ବସୁଧା ଯୋଜନା ରେ ପାଣି ଠପ ଥିବା ବେଳେ ଏକ ମାତ୍ର ନଳକୂପ ଉପରେ ଭରସା କରିଛନ୍ତି ଗ୍ରାମବାସୀ। ପାଲଲହଡା ବ୍ଲକର ଝିମିରିପାଲି ଗ୍ରାମର କଲୋନୀ ସାହି, ମହାନ୍ତ ସାହି, ବୁଢି ସାହି, ମୁଣ୍ଡାସାହି ଏବଂ ଆନନ୍ଦ ସାହିର ଜନସାଧାରଣ ପାଣି ପାଇଁ ଆହାକାର । ବସୁଧା ଯୋଜନାରେ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା । କିନ୍ତୁ ତାହାର ରକ୍ଷଣାବେକ୍ଷଣ ଅଭାବରୁ



ତାହା ନଷ୍ଟ ହୋଇଯାଇଥିବାରୁ ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ । ଜଳ ଯୋଗାଣ ସୁଚାରୁ ରୂପେ ନହୋଇ ପାରିବାରୁ ଗ୍ରାମର ୫ଟି ସାହିରେ ବସବାସ କରୁଥିବା ପ୍ରାୟ ୧୫୦୦ ରୁ ଉର୍ଦ୍ଧ୍ୱ ଲୋକ ଜଳାଭାବର ସମ୍ମୁଖୀନ ହଉଛନ୍ତି । ଆଗାମୀ ଗ୍ରୀଷ୍ମ ଋତୁ ଆସୁଥିବାରୁ ଜଳ ସଂଙ୍କଟ ଏବେଠାରୁ ଦେଖାଦେଲାଣି । ଏହି ସମସ୍ୟାର ଆଗାମୀ ସପ୍ତାହ ମଧ୍ୟରେ ସମାଧାନ ନହେଲେ ଗ୍ରାମବାସୀ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଯଥା ଶିଘ୍ର ପାଞ୍ଚଟି ସାହିକୁ ହର୍ ଘର୍ ଜଲ୍ ଯୋଜନାରେ ସାମିଲ୍ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଇସ୍ପାତ ଟ୍ରେନର ବିଳମ୍ବ ଯାତାୟାତ ନେଇ ତେଜୁଛି ଅଶାନ୍ତି: ଜନ ପ୍ରତିନିଧିଙ୍କୁ ଦାୟୀ କଲେ ଯାତ୍ରୀ

ଡୁଙ୍ଗୁରିପାଲି,୧୧।୩(ନି.ପ୍ର): ପଶ୍ଚିମ ଓଡିଶାର ପ୍ରମୁଖ ଟ୍ରେନ ଭାବରେ ଜଣାଶୁଣା ଇସ୍ପାତ ଟ୍ରେନ୍ । ବୁର୍ଲା ମେଡିକାଲ ଯିବା ପାଇଁ ଏକ ମାତ୍ର ଆଶା ଏହି ଟ୍ରେନ ଡୁଙ୍ଗୁରିପାଲି ଷ୍ଟେସନରେ ରହିଥିବା ବେଳ କରୋନା ସମୟରେ ବନ୍ଦ ରହିଥିଲା । ପରବର୍ତ୍ତୀ ସମୟରେ ପୁଣି ଲୋକଙ୍କ ଦାବି ପରେ ରେଳ ବିଭାଗ ମୁଣ୍ଡ ନୁଆଁଇଥିଲା। ଉକ୍ତ ଟ୍ରେନ ଦ୍ୱାରା ଡୁଙ୍ଗୁରିପାଲିରୁ ପ୍ରତ୍ୟହ ଯାତ୍ରୀମାନେ ଝାରସୁଗୁଡା, କଲକାତା, ରାଉରକେଲା, ଟାଟାନଗର, ସମ୍ବଲପୁର ଆଦି ଯାଇଥାନ୍ତି। ସେହିପରି ଡୁଙ୍ଗୁରିପାଲିରୁ ଟିଟିଲାଗଡ଼ ଯାଇ ସେଠାରୁ ଅନ୍ୟ ଟ୍ରେନରେ ରାୟପୁର, ପୁଣେ, ବିଶାଖାପାଟଣା, ମାଡ୍ରାସ, ବେଙ୍ଗାଲୁର, ହାଇଦରାବାଦ ଆଦି ଯିବାକୁ ସୁବିଧା ମଣିଥାନ୍ତି। ପ୍ରତ୍ୟହ ଏହି ଷ୍ଟେସନରୁ ହାରାହାରି ୭୯ ଜଣ ଯାତ୍ରୀ ଯାଉଥିବା ବେଳେ ସେହି ଅନୁପାତରେ ଏଠାରେ ଓହ୍ଲାଉଥିଲେ। ଉକ୍ତ ଦ୍ରୁତଗାମୀ ସୁପରଫାଷ୍ଟ ଟ୍ରେନ୍ ସପ୍ତାହକୁ ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଏବଂ ବର୍ତ୍ତମାନ ଜୁନାଗଡ଼ରୁ ବାହାରି ଡୁଙ୍ଗୁରିପାଲି ଷ୍ଟେସନରେ ସକାଳ ୬ଟା୨୦ରେ ପହଞ୍ଚିଥାଏ। ଏହି ଟ୍ରେନ୍ ସଠିକ ସମୟରୁ କେବେ କେମିତି ୧୦ରୁ ୧୫ ମିନିଟ୍ ବିଳମ୍ବରେ ଆସୁଥିବା ବେଳେ ବର୍ତ୍ତମାନ ଏହି ଟ୍ରେନ ପ୍ରାୟ ୧୨ ଘଣ୍ଟାରୁ ଅଧିକ ସମୟ ବିଳମ୍ବରେ ଚାଲୁଛି। କେଉଁ ଦିନ ସମ୍ବଲପୁର ଷ୍ଟେସନରୁ ଆଉ କେଉଁ ଦିନ ଝାରସୁଗୁଡା, କେବେ ଖଡଗପୁର ଷ୍ଟେସନରୁ ଷ୍ଟେସନରୁ ବାତିଲ ମଧ୍ୟ ହେଉଛି। ଏବେ ପ୍ରତ୍ୟହ ହାରାହାରି ୧୨ ଘଣ୍ଟାରୁ ଅଧିକ ସମୟ ବିଳମ୍ବରେ ଚାଲୁଛି। ପ୍ରଥମେ ଏହାର ସମୟ ଏମିତି ରହିଥିଲା ଯେ, ଡୁଙ୍ଗୁରିପାଲିରେ ଲୋକେ ଇସ୍ପାତ ଟ୍ରେନର ସମୟକୁ ନେଇ ଘଣ୍ଟାର ସମୟ ସହିତ ସାମିଲ କରୁଥିଲେ। ସେହିପରି ଫେରିବା ମଧ୍ୟ ବିଳମ୍ବ ହେଉଛି। ହାଓ୍ୱାଡାରୁ ସକାଳ ୬:୩୦ ବାହାରୁ ଥିବାବେଳେ ଡୁଙ୍ଗୁରିପାଲିର ଅପରାହ୍ନ ୫.୨୦ ନିର୍ଦ୍ଧାରିତ ସମୟ ରହିଥିଲେ ମଧ୍ୟ ଅନେକ ଦିନ ସକାଳ ୬ ଟାରେ ପହଂଚିଥାଏ। ଟ୍ରେନର ସମୟରେ ଠିକ୍ ରହୁ ନଥିବାରୁ ଯାତ୍ରୀମାନେ ଏହି ଟ୍ରେନ ଉପରେ ଭରସା ତୁଟି ଯାଉଛି। ଯାତ୍ରୀଙ୍କ ମାନସ ପଟରୁ ଏହା ଲିଭି ଯାଉଥିବା ବେଳେ ଅଞ୍ଚଳର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଉଛି। ଟ୍ରେନର ବିଳମ୍ବ କୁ ନେଇ ସାଧାରଣରେ ନାନା କଥା ଶୁଣିବାକୁ ମିଳୁଛି। ଅନ୍ୟାନ୍ୟ ଡିଭିଜନର ରାଜସ୍ୱକୁ ଗୁରୁତ୍ୱ ଦେଇ ଦକ୍ଷିଣପୂର୍ବ ରେଳ ଡିଭିଜନ ପ୍ରତି ଅନ୍ୟ ବିଭାଗର ମଧ୍ୟ ବୈମାତୃକ ମନୋଭାବ ବୋଲି ଲୋକେ ଦାୟୀ କରୁଛନ୍ତି । ଆହୁରି ମଧ୍ୟ ଏହି ଅଞ୍ଚଳର ଜନ ପ୍ରତିନିଧଙ୍କ ନରମ ସ୍ୱର ରେଳ ବିଭାଗର ମନମାନିକୁ ପଦାରେ ପକାଇଛି । ଅବସ୍ଥା ମଧ୍ୟ ଏହିପରି ବିଳମ୍ବ ହେଉଛି । ଟ୍ରେନ ସମୟ ଠିକ୍ ନରହିଲେ ଆଗାମୀ ଦିନରେ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ ଆନ୍ଦୋଳନ କରିବେ ବୋଲି ସଜବାଜ ହେଉଛନ୍ତି ।

## ୱାରେଣ୍ଟି ଗିରଫ

ନିଆଳି,୧୧।୩(ନି.ପ୍ର): ନିଆଳି ଥାନା ଅଧିନସ୍ତ ସଡ଼ାନ୍ତ୍ୱ ପଂଚାୟତ କଣ୍ଠିଶାଳ ଗ୍ରାମର ରାହୁଲ ଗୋଛାୟତ (୨୮) ପୋସ୍କୋ ମାମଲାରେ ୱାରେଣ୍ଟ ଥିବା ବେଳେ ସେ ଦୀର୍ଘଦିନ ହେବ ପୋଲିସକୁ



ଚକ୍ଷମା ଦେଇ ଫେରାର ରହିଥିଲା। ସେ ଘରକୁ ଆସିଥିବା ବେଳେ କୌଣସି ସୂତ୍ରରୁ ପୋଲିସ ଖବର ପାଇ ଘର ଉପରେ ଚଢ଼ାଉ କରି ଫେରାର ଅଭିଯୁକ୍ତକୁ ଗିରଫ କରିଛି। ତା ନାମରେ ୧୦୮/୨୫ ରେ ପୋସ୍କୋ ୮ ରେ ମାମଲା ରହିଥିବାରୁ ମଙ୍ଗଳ ବାର ଦିନ କୋର୍ଟ ଚାଲାଣ କରିଥିବା ନିଆଳି ଆଇଆଇସି ରାଜେନ୍ଦ୍ର ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ



ସୁବର୍ଣ୍ଣପୁର,୧୧।୩(ନି.ପ୍ର): ସ୍ଥାନୀୟ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ଭାରପ୍ରାପ୍ତ ସଚିବ ପ୍ରଜ୍ଞା ପାରମିତା ପ୍ରତିହାରୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ୍ ପ୍ରଣତି ରଥ, ସଦର ଉପ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, କିଶୋର ନ୍ୟାୟ ବୋର୍ଡ଼ ର ସଦସ୍ୟ ରଂଜିତା ସାହୁ, ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ଉପ ସଭାପତି ପୁଷ୍ପାଞ୍ଜଳି ମେହେର ପ୍ରମୁଖ ଯୋଗ ଦେଇ ବିଶ୍ୱ ମହିଳା ଦିବସ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସଭାକୁ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ଶ୍ରଦ୍ଧାଞ୍ଜଳି ମିଶ୍ର ପରିଚାଳନା କରିଥିଲେ ।

## ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

କଳାହାଣ୍ଡି,୧୧।୩(ନି.ପ୍ର): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ନାରୀ ସଶକ୍ତିକରଣ, ନାରୀ ସ୍ୱାଧିନତା, ନାରୀ ଶିକ୍ଷା ତଥା ସମାଜରେ ଉଭୟ ନାରୀ ଓ ପୁରୁଷର ସମାନ ଭୂମିକା ରହିବା ସଂପର୍କରେ ଆଲୋଚନା ହୋଇଥିଲା । ଉତ୍ତମ ପରିବାର ଗଠନରେ ନାରୀର ପ୍ରମୁଖ ଭୂମିକା ରହିଅଛି। ରାଷ୍ଟ୍ର ନିର୍ମାଣରେ, ଅତିଥିମାନେ ମତପୋଷଣ କରିଥିଲେ । କୁଳସଚିବ ଡକ୍ଟର ଗୁଣନିଧି ନାଏକ, ଉପକୁଳସଚିବ ତଥା ଛାତ୍ରାବାସର ମୁଖ୍ୟ ତତ୍ତ୍ୱାବଧାରକ ମେଜର ଡକ୍ଟର ଜୟଦେବ ସାହୁ, ଉଦନ୍ତୀ ଛାତ୍ରୀନିବାସର ତତ୍ତ୍ୱାବଧାରିକା ଡକ୍ଟର ଝରଣାରାଣୀ ଧଙ୍ଗଡାମାଝୀ, ନାଗବଳୀ ଛାତ୍ରୀନିବାସର ତତ୍ତ୍ୱାବଧାରିକା ଡକ୍ଟର ସୁମନା ରାୟ, ସହ-ତତ୍ତ୍ୱାବଧାରିକା ରୋଜମେରୀ ଏକା, ଡକ୍ଟର ଗୀତାଞ୍ଜଳି ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି



ରାଷ୍ଟ୍ରର ପ୍ରଗତିରେ ମଧ୍ୟ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଂପ୍ରତିକ ସମୟରେ ନାରୀ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ ହେବା ଉଚିତ୍ ବୋଲି ଉଦନ୍ତୀ ଛାତ୍ରୀ ନିବାସ ଓ ନାଗାବଳୀ ଛାତ୍ରୀନିବାସରେ ଅନୁଷ୍ଠିତ ଆନ୍ତର୍ଜାତିକ ମହିଳା ଦିବସର ଦିବସ ଅବସରରେ ନାରୀ ପ୍ରସଙ୍ଗଭିତ୍ତିକ ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ, ସ୍କିଟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଉକ୍ତ ଦିବସରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ନବନିଯୁକ୍ତ ସରକାରୀ ଓକିଲ ଓ ଅବକାରୀ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ଏବଂ ଦିନିକିଆ କର୍ମଶାଳା

ପାରଳାଖେମୁଣ୍ଡି,୧୧।୩(ନି.ପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଥିବା ଜିଲ୍ଲା ଅଭିଯୋଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଅବକାରୀ ବିଭାଗ, ଗୃହ ବିଭାଗ ତଥା ଅଭିଯୋଜନ ବିଭାଗର ମିଳିତ ପ୍ରୟାସରେ ଆଜି ଦିବା ୪ଘଟିକା ସମୟରେ ଗଜପତି ଜିଲ୍ଲାରେ ଅବକାରୀ ମାମଲାରେ କିପରି ଦଣ୍ଡହାର ବୃଦ୍ଧି ପାଇବ ତଥା ଚୋରା ମଦ, ଗଞ୍ଜେଇ ଚାଲାଣ ରୋକା ଯାଇପାରିବ ସେ ନେଇ ଏକ ଦିନିକିଆ କର୍ମଶାଳା ଅବକାରୀ ବିଭାଗର ଏସ.ପି. ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଅଭିଯୋଜନ ବିଭାଗର ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରି, ପୋଲିସ ବିଭାଗର ଡ଼ି.ଏସ.ପି. ଅମିତାଭ ପଣ୍ଡା, ଅବକାରୀ ବିଭାଗର ଡ଼ି.ଏସ.ପି. ବାଳକୃଷ୍ଣ ପରିଡ଼ା, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର କେ. ତାତେୟା, ଗୌରହରି କରସୁଧା ପଟ୍ଟନାୟକ, ସରକାରୀ ଓକିଲ କାଶୀନାଥ ଦାସ, ସୌରଭ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଅବକାରୀ ମାମଲାରେ ଅଭିଯୋଜକ ତଥା ଅବକାରୀ ବିଭାଗର କର୍ମଚାରୀମାନେ ନ୍ୟାୟାଳୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସେହିପରି ଏହି ପ୍ରସଙ୍ଗରେ ବିଶେଷ ଭାବେ ମାନ୍ୟବର ସୁପ୍ରିମକୋର୍ଟଙ୍କର ବିଭିନ୍ନ ଦିଶା ନିର୍ଦ୍ଦେଶ ଉପରେ ମଧ୍ୟ ଆଲୋଚନା କରାଯାଇ କିପରି ଦଣ୍ଡ ହାର ବୃଦ୍ଧି କରାଯାଇପାରିବ ତଥା ଗଞ୍ଜେଇ ଚାଲାଣ ମାମଲାରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେ ନେଇ ବିଶେଷ ଭାବେ ଆଲୋଚନା କରିଥିଲାଛ ସର୍ବଶେଷରେ କର୍ମଶାଳାର ସଫଳ ଆୟୋଜନ ନିମନ୍ତେ ଅବକାରୀ ଏସ.ପି. ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଭବିଷ୍ୟତରେ ପ୍ରତି ମାସରେ ଏହିଭଳି ସମୀକ୍ଷା ବୈଠକ କରିବା ନେଇ ସୂଚନା ଦେଇଥିଲେ।




## ତିନିଦୋଳ ଯାତ୍ରା ମେଳଣ ଉଦ୍‌ଯାପିତ

ବୋଲଗଡ,୧୧।୩(ନି.ପ୍ର): ବୋଲଗଡ ବ୍ଲକ କଳାଙ୍ଗ ପଞ୍ଚାୟତ ମାଳିସାହି ତିନଦ୍ବୋଳ ଯାତ୍ରା ମେଳଣ ଗତକାଲି ବିଳମ୍ବିତ ରାତିରେ ଉଦଯାପିତ ହୋଇଛି। ଛବିଶ୍ୱା ରାଜ୍ୟ ଅଧିଷ୍ଠାତା ପ୍ରଭୁ ଶ୍ରୀ ସୋମନାଥ ଦେବଙ୍କ ଆବାହକତ୍ୱରେ ଆଖପାଖ ୨୬ଟି ମୌଜାର ଦେବଦେବୀ ସ୍ୱସ୍ୱ ବିମାନରେ ରୋଷଣୀ ଶୋଭାଯାତ୍ରା କରି ଯାତ୍ରା ପଡିଆକୁ ବିରାଜମାନ କରିଥିଲେ ସେଠାରେ ଦୁଇ ଦିନ ଅବସ୍ଥାନ କରିବାପରେ ଗତକାଲି ୩୩ମୂର୍ତ୍ତି ଦେବଦେବୀଙ୍କର ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ହଜାରହଜାର ଦର୍ଶକ ଏହି ମେଳଣ ପର୍ବରେ ସାମିଲ ହୋଇଥିଲେ ପଂକ୍ତି ଭୋଗ ଓ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ପରିଶେଷରେ ସମସ୍ତ ଦେବଦେବୀ ସ୍ୱସ୍ୱ ମନ୍ଦିରକୁ ଫେରିଯାଇଥିଲେ।



ପରିଚାଳନା ଟ୍ରଷ୍ଟି ଆର୍ତ୍ତବନ୍ଧୁ ପ୍ରଧାନ ଓ ସମ୍ପାଦକ ସହଦେ ସୁବୁଦ୍ଧି ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ଏହି ମେଳଣ ଦୀର୍ଘ ୧୨୦୦ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମେଳଣ ଅଦ୍ୟାବଧି ସୁପରିଚାଳିତ ହୋଇଆସୁଛି। ତେବେ ସରକାରୀ ପ୍ରୋତ୍ସାହନ ଅଭାବରୁ ମେଳଣ କ୍ରମଶଃ କ୍ଷୀଣ ହୋଇଆସୁଛି। ବାବା ସୋମନାଥ ଦେବ ପୁରୀ ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ। ଇତିହାସ ରୁ ପ୍ରକାଶ ପୁରୀ ଗଜପତି ଜନୈକ ଭାଇ ମାଣିକାଗୋଡ଼ା ଠାରେ ନଅର ପ୍ରତିଷ୍ଠା କରି ଶାସନ କରୁଥିଲେ। ସେବେଠାରୁ ବାବାଙ୍କ ମନ୍ଦିର ନିର୍ମାଣ ହୋଇଥିଲା ଓ ଏହି ମେଳଣ ର ଆରମ୍ଭ ହୋଇଥିଲା।

## ସମ୍ପାଦକ ହେବ ତ ଏମିତି

ଡୁଙ୍ଗୁରିପାଲି,୧୧।୩(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ନିକଟସ୍ଥ ଇଚ୍ଛାପୁର ପ୍ୟାକ୍ସରେ ବହୁ ଶାନ୍ତି ଶୃଙ୍ଖଳା ସହିତ ଧାନ ବିକ୍ରୀ କରୁଛନ୍ତି ଚାଷୀ, ଇଚ୍ଛାପୁର ସମବାୟ ସମିତି ସମିତିର ପ୍ୟାକ୍ସର ସମ୍ପାଦକ ଶ୍ରୀ ସର୍ବେ ସାହୁ ଗତ ତିନି ବର୍ଷ ଧରି ହେବ ତାଙ୍କ କାମ ବେଶ୍ ସଚ୍ଚୋଟରେ ନିଭାଇ ଆସିଛନ୍ତି। ଏବଂ ସମସ୍ତ ସମସ୍ତ ଚାଷୀଙ୍କ ସମସ୍ୟା ବୁଝି ଆସିଛନ୍ତି। ବିଭିନ୍ନ ଜିଲ୍ଲାରେ ଦେଖିବାକୁ ଗଲେ। ଧାନ ବିକ୍ରୀ ସମସ୍ୟାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ ଦେଖିବାକୁ ମିଳିଛି। କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ନିକଟସ୍ଥ ଇଚ୍ଛାପୁର ପ୍ୟାକ୍ସ ରେ ଗତ ୧୦ ତାରିଖରୁ ନୂତନ ଭାବେ ଧାନ ପଞ୍ଜିକରଣ କରିବାକୁ ଆରମ୍ଭ ହୋଇଯାଇଛି। ତାଙ୍କର ଏହି କାର୍ଯ୍ୟକୁ ଦେଖି ଚାଷୀମାନେ ବେଶ ଖୁସି ଅଛନ୍ତି। ବିଭିନ୍ନ ଚାଷୀ ମାନଙ୍କ ସମସ୍ୟା ବୁଝି ଆସିଛନ୍ତି। ସେ ନିଜେ ପ୍ୟାକ୍ସ ସମ୍ପାଦକ ଥିଲେ ମଧ୍ୟ ସେ ସମସ୍ତ କମ୍ପ୍ୟୁଟର ଅପେରେଟର ଭାବେ ସହଯୋଗ କରିଥାନ୍ତେ ଛ ବିଭିନ୍ନ ମହଲରୁ ପ୍ରଶଂସା ପାତ୍ର ହୋଇପାରିଛନ୍ତି ।



## ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ପାଇଁ ସଚେତନତା ସଭା

ହରଭଙ୍ଗା,୧୧।୩(ନି.ପ୍ର): ବୌଦ୍ଧ ଜିଲ୍ଲା ମାଧପୁର ବନାଞ୍ଚଳଠାରେ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା କରିବା ନିମନ୍ତେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମାଧପୁର ରେଞ୍ଜ ଅଧିକାରୀ ଆସିକ କୁମାର ଦିଗାଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା ସଭାରେ ଅଞ୍ଚଳର ବହୁ ଜନସାଧାରଣ ଓ ବନ ସୁରକ୍ଷା ସହ ଜଡିତ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ। ସଭାରେ ଗ୍ରୀଷ୍ମ ଋତୁ ଆରମ୍ଭ ସହିତ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ବଢ଼ିଥାଏ ବୋଲି ବନ ବିଭାଗ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଇଥିଲା।



ଜଙ୍ଗଲ ଆମ ପରିବେଶ, ଜଳବାୟୁ ସମତୁଳନ ଓ ବନ୍ୟପ୍ରାଣୀଙ୍କ ଜୀବନ ପାଇଁ ଅତ୍ୟନ୍ତ ଜରୁରୀ ଥିବାରୁ ଏହାକୁ ନିଆଁ ଦାଉରୁ ସୁରକ୍ଷା କରିବାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ରେଞ୍ଜର ଦିଗାଲ ମତ ପ୍ରକାଶ କରିଥିଲେ। ଜଙ୍ଗଲରେ ଅବହେଳାବଶତଃ ନିଆଁ ନ ଲଗାଇବା, ଶୁଖିଲା ପତ୍ର କିମ୍ବା ଘାସକୁ ଅଗ୍ନି ସଂସ୍ପର୍ଶ ନ କରିବା ଏବଂ କୌଣସି ସ୍ଥାନରେ ନିଆଁ ଦେଖିଲେ ସାଙ୍ଗେ ସାଙ୍ଗେ ବନ ବିଭାଗକୁ ସୂଚନା ଦେବାକୁ ଲୋକମାନଙ୍କୁ ଏସି ଏଫ ଆଶିଷ କହଁର ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସି ଏଫ ଆଶିଷ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଉଡେଣିଗଡ଼ ପଞ୍ଚାୟତର ସରପଞ୍ଚ ଅଜିତ କୁମାର ପ୍ରଧାନ, ୱାର୍ଡ଼ ସଭ୍ୟ ଶେଷଦେବ ସାହୁ, ବନ ସୁରକ୍ଷା ସମିତି ର ସଦସ୍ୟ, ସ୍ୱେଚ୍ଛାସେବୀ, ଯୁବକସଙ୍ଘର ସଦସ୍ୟ, ଅଞ୍ଚଳର ମା ଭଉଣୀ ଏବଂ ମାଧପୁର ରେଞ୍ଜରେ କାର୍ଯ୍ୟରତ ବନପାଳ ଅଭିମନ୍ୟୁ ମହାନ୍ତି, ଭକ୍ତ ବତ୍ସଳ ମଲ୍ଲିକ, ସୁମନ୍ତ ମଲ୍ଲିକ,ଫରେଷ୍ଟ ଗାର୍ଡ ଶରତ ନାଏକ, ସୀତାରାମ ବେହେରା, ମିଲି କିଣ୍ଡିଟା, ଗୀତା ଏକ୍କା, ବୀଣାପାଣି ଖଡୁଆ ସମେତ ସ୍କାର୍ଡ ଟିମ ଉପସ୍ଥିତ ରହିଥିଲେ।

ସଭାରେ ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତଙ୍କୁ ସଚେତନ ରହିବା ସହ ବନ ବିଭାଗକୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା।

## ଶ୍ରୀରାମ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ସୁବର୍ଣ୍ଣପୁର/ଡୁଙ୍ଗୁରିପାଲି,୧୧।୩(ନି.ପ୍ର): ଶ୍ରୀରାମ ମହାବିଦ୍ୟାଳୟ ରାମପୁରର ସ୍ଥାନୀୟ ଜୁବୁଲି ହଲ୍ ଠାରେ ମହାବିଦ୍ୟାଳୟର ବିଜ୍ଞାନ ସଂସଦ ଆନୁକୂଲ୍ୟରେ ଅଧ୍ୟକ୍ଷ ଶ୍ରୀ ଗୋବିନ୍ଦ ମେହେରଙ୍କ ସଭାପତିତ୍ୱରେ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ତଥା ବିଜ୍ଞାନ ସଂସଦର ସଂଯୋଜକ ଶ୍ରୀ ମିନକେତନ ପାତ୍ରଙ୍କ ତତ୍ତ୍ୱାବଧାନରେରେ ବିକଶିତ ଭାରତ ଗଠନରେ ନାରୀମାନଙ୍କ ଭୂମିକାପ୍ରସଙ୍ଗ କୁ ଭିତ୍ତି କରି ଜାତୀୟ ବିଜ୍ଞାନ ଦିବସ - ୨୦୨୬ ପାଳିତ ହୋଇଯାଇଛି। ଉକ୍ତ ସଭାରେ ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସୁଶାନ୍ତ କୁମାର ପଧାନ ମୁଖ୍ୟ ବକ୍ତା ଭାବରେ ଯୋଗଦାନ ପୂର୍ବକ ଜୀବନକୁ ପରିଚାଳିତ କରିବା କ୍ଷେତ୍ରରେ ରସାୟନ ବିଜ୍ଞାନର ଭୂମିକା ତଥା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ଉକ୍ତ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ରସାୟନ ବିଜ୍ଞାନ ବିଭାଗ, ପଦାର୍ଥ ବିଜ୍ଞାନ ବିଭାଗ, ପ୍ରାଣୀ ବିଜ୍ଞାନ ବିଭାଗ, ଉଦ୍ଭିଦ ବିଜ୍ଞାନ ବିଭାଗର ତଥା ଗଣିତ ବିଭାଗର ଛାତ୍ରଛାତ୍ରୀ ଅଭିଷେକ, ଶିଖା, ସିକ୍ସି, ଶ୍ରୁତିପ୍ରଜ୍ଞା PPT ମାଧ୍ୟମରେ ନିଜସ୍ୱ ନିବନ୍ଧ ଉପସ୍ଥାପନ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡ.ଦିଲ୍ଲୀପ କୁମାର ସାହୁ ସପ୍ରସଙ୍ଗ ପୁଂଖାନୁପୁଂଖ ଆଲୋଚନା କରିବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ବିଜ୍ଞାନ ବିଭାଗର ଅଧ୍ୟାପକ ଅଧ୍ୟାପିକା ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ, ପରିଶେଷରେ ନିବନ୍ଧ ଉପସ୍ଥାପନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।



## ରାଜ୍ୟସ୍ତରୀୟ ନାଟକ ଉତ୍ସବ ଓ ପଞ୍ଚମ ବେଦ ସମ୍ମାନ

ଭୁବନେଶ୍ୱର,୧୧।୩(ନି.ପ୍ର): ପଞ୍ଚମ ବେଦ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ନାଟକ ଉତ୍ସବ ଓ ପଞ୍ଚମ ବେଦ ସମ୍ମାନ - ୨୦୨୬ ମହାସମାରୋହରେ ଭଞ୍ଜ କଳାମଣ୍ଡପ ପ୍ରେକ୍ଷାଳୟରେ ଉଦ୍ଘାଟିତହୋଇଯାଇଛି। ଚାରିଦିନ ବ୍ୟାପି ଏହି ନାଟ୍ୟ ଉତ୍ସବରେ ପ୍ରତ୍ୟହ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ଦ୍ୱାରା ନାଟକ ପ୍ରଦର୍ଶିତ ହେବବୋଲି ପଞ୍ଚମ ବେଦ ନାଟ୍ୟ ଅନୁଷ୍ଠାନ ର ସମ୍ପାଦକ ପ୍ରକାଶ ମହାରଣା ପ୍ରକାଶ କରିଥିଲେ । ଏହି ଉତ୍ସବକୁ ଉଦ୍ଘାଟନ କରି ଏକାମ୍ର ବିଧାୟକ ବବୁସିଂ କାହିଲେଜେ ନାଟକ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ଅଙ୍ଗ, ଯାହା ସମାଜର ଦର୍ପଣ ସ୍ୱରୂପ। ପାରମ୍ପରିକ ଲୋକନାଟକରୁ ଆରମ୍ଭକରି ଆଧୁନିକ ମଞ୍ଚ ନାଟକ ପର୍ଯ୍ୟନ୍ତ ଏହାର ବିକାଶ ଓଡ଼ିଶାର ସାଂସ୍କୃତିକ ପରିଚୟକୁ ପ୍ରତିଫଳିତ କରେ। ଉତ୍ସବରେ ଅତିଥି ଭାବେ ଯୋଗଦେଇ କଳିଙ୍ଗ



ନାଟ୍ୟସଂଘ ସଭାପତି ଧିରମଲିକ୍, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ଡ. ପ୍ରସନ୍ନ ମିଶ୍ର, ବରିଷ୍ଠ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ, ପ୍ରଦୀପ ବିଶ୍ୱାଳ, ପଞ୍ଚମ ବେଦର ସଭାପତି, ଜଗନ୍ନାଥ ପ୍ରଧାନ, ଡ. ଉପେନ୍ଦ୍ର ପ୍ରସାଦ ନାୟକ କହିଲେଯେ ନାଟକ ମାଧ୍ୟମରେ ସମାଜକୁ ଶିକ୍ଷା ମନୋରଞ୍ଜନ ପ୍ରଦାନ କରିଥାଏ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଂସ୍ଥାର ସମ୍ପାଦକ ପ୍ରକାଶ ମହାରଣା ପରେ ଉତ୍ତର ପୁରୁଷ ନାଟ୍ୟ ସଂସ୍ଥା ପକ୍ଷରୁ ପ୍ରଫେସର ବିଜୟ କୁମାର ଶତପଥୀଙ୍କ ରଚିତ ଓ ଡ. ପ୍ରସନ୍ନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ କର୍ଣ୍ଣ ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଦିନ ସଂଧ୍ୟାରେ ଫଂଚମ ବେଦ ଦ୍ୱାରା ପ୍ରଯୋଜିତ ଓ ହରେନ ସାହୁଙ୍କ ନିର୍ଦ୍ଦେଶିତ ନାଟକ ଅବସର ଓ ଆଜି ଫଚଧ୍ୱନୀ ନାଟ୍ୟ ପରିଷଦ ଓ ମଳୟ କୁମାର ମହାତିଂ କଂ ନିର୍ଦ୍ଦେଶିତ ନାଟକ ଭିନ୍ନ ଏକ ସହଜାତ୍ରୀ ମଚଂସ୍ଥ ହେଇ ଦର୍ଶକ ମାନକଂ ଦ୍ୱାରା ଆଦୃତ ଲାଭ କରିଥିଲା। ପ୍ରତ୍ୟେକ ଏହି କ୍ରମରେ ବହୁ ନାଟ୍ୟପ୍ରେମୀ, ବୁଦ୍ଧିଜୀବୀ ଉପସ୍ଥିତ ଥିବାର ଦେଖାଯାଇଥିଲା ଅବସର ନାଟକର ଏକ ଦୃଶ୍ୟ।

## ବାଲିମେଳା ମିସିସି ଓ ଏମଆରଏଫ ସମ୍ପଦ କେନ୍ଦ୍ର ବର୍ଜ୍ୟବସ୍ତୁରେ ଲାଗିଲା ନିଆଁ

କୋରୁକୋଣ୍ଡା,୧୧।୩(ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ବାଲିମେଳା ଏନଏସି ଦ୍ୱାରା ଗତ କିଛି ବର୍ଷ ପୂର୍ବେ ଡ୍ରଗଲାଇନ ଠାରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଅଣୁ ଜୈବସାର ପ୍ରକ୍ରିୟା କରଣ କେନ୍ଦ୍ର ଏବଂ ଅଣୁ ବର୍ଯ୍ୟବସ୍ତୁ ପୁନଃରୁଦ୍ଧାର ପ୍ରକ୍ରିୟା କରଣ କେନ୍ଦ୍ରର ପରିସରରେ ଜମା ହୋଇଥିବା ବିପୁଳ ପରିମାଣର ବର୍ଜ୍ୟବସ୍ତୁରେ ବୁଧବାର ସକାଳ ପ୍ରାୟ ୬ ଟା ସମୟରେ କୌଣସି କାରଣରୁ ନିଆଁ ଲାଗି ସେଗୁଡିକ ହୁତୁ ହୁତୁ ହୋଇ ଜଳୁଥିବା ସ୍ଥାନୀୟ ଲୋକେ ଦେଖିବା ପରେ ସେମାନେ ଏ ସମ୍ପର୍କରେ ଏହି ପ୍ଲାଣ୍ଟର ପରିଚାଳନା ଏବଂ ତଦାରଖ ଦାୟିତ୍ୱରେ ଥିବା ସ୍ୱଚ୍ଛ ପରିମଳ ବେଶେଷଜ୍ଞ ସନ୍ତୋଷ ଖେମୁଡୁ, ଆର ଆଇ ସାଧୁ ଚରଣ ମହାନ୍ତି ଏବଂ ଅନ୍ୟ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ଏହି ପ୍ଲାଣ୍ଟର କର୍ମଚାରୀ ମାନେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ କୋରୁକୋଣ୍ଡାରୁ ଅଗ୍ନିଶମ ବିଭାଗର ଅଗ୍ନିଶମ ଅଧିକାରୀ ଜୁଲିୟସ ଲୋଗନଙ୍କ ନେତୃତ୍ୱରେ ଭଗବାନ ଭୂୟାଁ, ଆଜିତଭ ପ୍ରଧାନ, ଧନସିଂ ଭତ୍ରା, ଆଶିଷ ବାଘ ଏବଂ ଅନ୍ୟ କର୍ମଚାରୀମାନେ ଉକ୍ତ ପ୍ଲାଣ୍ଟରେ ପହଞ୍ଚି ଦୀର୍ଘ ଘଣ୍ଟା ସଂଘର୍ଷ କରିବା ପରେ ସେଠାରେ ଲାଗିଥିବା ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ। ଉକ୍ତ ପ୍ଲାଣ୍ଟ ଭିତରେ ଜମା ହୋଇଥିବା ବର୍ଜ୍ୟବସ୍ତୁରେ ନିଆଁ କିପରି ଲାଗିଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଏହି ପ୍ଲାଣ୍ଟ ପରିସରରେ ଅଣୁ ଜୈବସାର (ଖତ)ପ୍ରସ୍ତୁତ ପାଇଁ ଏବଂ ଅଣୁ ବର୍ଜ୍ୟବସ୍ତୁ ପୁନଃରୁଦ୍ଧାର ପ୍ରକ୍ରିୟାକରଣ ପାଇଁ ପାଇଁ ସ୍ୱଚ୍ଛକର୍ମୀ ଏବଂ ସ୍ୱଚ୍ଛ ସାଥିଙ୍କ ଦ୍ୱାରା ବାଲିମେଳା ସହରର ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ବହୁଳ ପରିମାଣର ବର୍ଯ୍ୟବସ୍ତୁ ଗୁଡିକୁ ଗଛିତ ରଖା ଯାଇଥିଲା। ଏହି ନିଆଁ ଲାଗିବା ଯୋଗୁ ବହୁ ପରିମାଣର ବର୍ଜ୍ୟବସ୍ତୁ ପୋଡି ପାଉଁଶ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ ଏହି ପ୍ଲାଣ୍ଟର ପରିଚାଳନା ଏବଂ ଏହାର ତଦାରଖ ଦାୟିତ୍ୱରେ ଥିବା ସ୍ୱଚ୍ଛ ପରିମଳ ବିଶେଷଜ୍ଞ, ଜଣେ ପ୍ଲାଣ୍ଟ ମ୍ୟାନେଜର ଏବଂ ୧୭ ଜଣ ସ୍ୱଚ୍ଛକର୍ମୀ ଏବଂ ୫ଜଣ ସ୍ୱଚ୍ଛ ସାଥି କାର୍ଯ୍ୟ କରୁଥିବା ବେଳେ ବୁଧବାର ସକାଳେ ଏହି ପ୍ଲାଣ୍ଟ ପରିସରରେ ଥିବା ବର୍ଜ୍ୟବସ୍ତୁରେ ନିଆଁ କିପରି ଲାଗିଲା ଏହାର ଉତ୍ତର ସେମମାନଙ୍କର ପାଖରେ କିମ୍ବା ଏନଏସି କର୍ତୃପକ୍ଷ ପାଖରେ ନାହିଁ। ମୁଖ୍ୟତଃ ଏହି ପ୍ଲାଣ୍ଟ ଭିତରେ ନିଆଁ କିପରି ଲାଗିଲା ଏବଂ ଏ ସମ୍ପର୍କରେ ପ୍ଲାଣ୍ଟ କର୍ତୃପକ୍ଷ କିପରି ଜାଣି ପାରିଲେନି ଏହାକୁ ନେଇ ସାଧାରଣରେ ବଡ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଏହି ପ୍ଲାଣ୍ଟରେ ବିଭାଗ ପକ୍ଷରୁ ସିସିଟିଭି କ୍ୟାମେରା ଲଗାଯାଇନାହିଁ କିମ୍ବା ଏହି ପ୍ଲାଣ୍ଟର ସୁରକ୍ଷା ପାଇଁ କୌଣସି ୱାଚମେନଙ୍କୁ ମଧ୍ୟ ବିଭାଗ ପକ୍ଷରୁ ନିୟୋଜିତ କରାଯାନାହିଁ। ବିଭାଗୀୟ କର୍ତୃପକ୍ଷଙ୍କ ଦାୟିତ୍ୱ ଶୂନ୍ୟତା ଯୋଗୁ ଏପରି ଘଟଣା ଘଟିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବିଭାଗ ପକ୍ଷରୁ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବୀ କରିଛନ୍ତି। ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ପ୍ଲାଣ୍ଟ ପରିସରରେ ନିଆଁ ଲାଗିଥିବା ଘଟଣାକୁ ସେ ସ୍ୱୀକାର କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଦୋରା କହିଛନ୍ତି।



## ତହସିଲ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ

କଣ୍ଟାପଡା,୧୧।୩(ନି.ପ୍ର): କଣ୍ଟାପଡା ତହସିଲଦାର ପ୍ରସନ କୁମାର ସାମନ୍ତରାୟଙ୍କ ଦୁଇଟି ସରକାରି କାର୍ଯ୍ୟାଳୟ, ତହସିଲ ଓ ଶବ ରେଜିଷ୍ଟର କାର୍ଯ୍ୟାଳୟ ସହିତ ତାଙ୍କ ସରକାରୀ ବାସ ଭନରେ ୧୨ ଜଣିଆ ଭିଜିଲାନ୍ସ ଟିମ ଚଢ଼ାଉ କରିଥିଲେ। ୨ ଜଣ ଡ଼ିଏସପି ଓ ୪ ଜଣ ଭିଜିଲାନ୍ସ ଇନ୍ସପେକ୍ଟର ଚଢାଉରେ ସାମିଲ ହୋଇଥିଲେ। ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରହିଥିବାରୁ ଭିଜିଲାନ୍ସ ଟିମ କୌଣସି ସୂଚନା ଦେବାକୁ ମନା କରି ଦେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁଯାଇ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ ହୋଇଛି। ପୂର୍ବରୁ ତହସିଲଦାର ଶ୍ରୀ ସାମନ୍ତରାୟଙ୍କ ନାମରେ ଦୁର୍ନୀତିରେ ଲିପ୍ତ ଥିବା ନେଇ ବହୁ ଗଣମାଧ୍ୟମ ରେ ପ୍ରକାଶ ପାଇଥିଲା। ତହସିଲଦାର ଓ ତାଙ୍କ କର୍ମଚାରୀ ମାନଙ୍କ ଅଡିଓ ମଧ୍ୟ ଭାଇରଲ ହୋଇଥିଲା। ଜଣେ ଭିଜିଲାନ୍ସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଆମେ ଦୀର୍ଘ ୬ ମାସ ହବ ତାଙ୍କ ଉପରେ ନଜର ରଖିଥିଲୁ। ଏମିତିକି ଶ୍ରୀ ତହସିଲଦାର ସାମନ୍ତରାୟ ବେ ଆଇନ ଇଟାଭାଟି, ମାଟି ମାଫିଆ, ବାଲି ମାଫିଆ ଓ ବିଭିନ୍ନ ଜମିର କିସମରେ ପରିବର୍ତ୍ତନ କରି ଠିକାଦାର ମାନଂକୁ ସହଯୋଗ କରିବା ଓ ଗୋଚର ଜମିରେ ମୋଟା ଅଙ୍କର ଅର୍ଥ ନେଇ ବିଭିନ୍ନ ପ୍ରକଳ୍ପ ପାଇଁ ମୋଟା ଅଙ୍କର ଅର୍ଥ ନେଇଥିବା ତାଙ୍କ ନାମରେ ଅନୁମତି ଦେଇଆସୁଥିଲେ। ସାଧାରଣ ଲୋକେ ବିରୋଧ କଲେ ମଧ୍ୟ କର୍ଣ୍ଣପାତ କରୁ ନଥିଲେ। ଏମିତିକି ଦଳିତ ପରିବାର ଉପରେ ବୋଲଡଜର ଚଢାଇବାକୁ ପଛାଇ ନଥିଲେ।

## ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ଶୀର୍ଷକ କର୍ମଶାଳା

ପାରଳାଖେମୁଣ୍ଡି,୧୧।୩(ନି.ପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର କରି ଗଜପତି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ନେଇ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।




ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରାଲଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଡେପୁଟି କଲେକ୍ଟର ବିନାୟକ ରାଉଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଓକାକ୍ ସୌଜନ୍ୟରୁ ଓକେସିଏଲ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଓକେସିଏଲର ଗଜପତି ଜିଲ୍ଲା ମୁଖ୍ୟ ଶ୍ରୀକାନ୍ତ ମହାନ୍ତି ସଂଯୋଜନା କରିଥିବା ବେଳେ ଶୁଭମ୍ ଚୌଧୁରୀ ରିସୋର୍ସ ପର୍ସନ ଭାବେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ (ଟୁଲ୍) ଗୁଡିକ ସମ୍ପର୍କରେ ବିଶଦ ଭାବରେ ଉପସ୍ଥାପନ କରିଥିଲେ। ବର୍ତ୍ତମାନର ଡିଜିଟାଲ ଯୁଗରେ ବିଭିନ୍ନ ଅଗ୍ରଗାମୀ ଜିଲ୍ଲାର ଜନସାଧାରଣ ଯେପରି ବିଭିନ୍ନ କ୍ଷେତ୍ରରେ ଅତ୍ୟାଧୁନିକ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି ସେହିପରି ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ପ୍ରଶାସନିକ କ୍ଷେତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତାର କିପରି ବିଭିନ୍ନ ଭୂମିକାରେ ବ୍ୟବହାର କରିବାକୁ ଉଦ୍ୟମୀ ହେବେ ସେଥିପାଇଁ ଏହି କର୍ମଶାଳାର ଆୟୋଜନ ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଭାଗର ବଛା ବଛା ୩୪ ଜଣ ଅଧିକାରୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିବା ସହ ଏଭଳି ସରକାରୀ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏଭଳି କର୍ମଶାଳାରେ ଜିଲ୍ଲାର ସମସ୍ତ ପଦାଧିକାରୀ ଓ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଗଲେ ଜିଲ୍ଲାର ମଙ୍ଗଳ ସାଧିତ ହେବ ବୋଲି ମତପ୍ରକାଶ ପାଇଛି।

# ପୋଲ ନିର୍ମାଣ ଦାବି କଲେ ଓଲେର ଗ୍ରାମବାସୀ

କୋରୁକୋଣ୍ଡା,୧୧।୩(ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କଟାପାଲ୍ଲୀ ପଞ୍ଚାୟତର ବଡ଼ାଗୁଡ଼ା ଗ୍ରାମ ଛତିଶଗଡ଼ ରାଜ୍ୟର ସୁକମା ଜିଲ୍ଲାର ଓଲେର ଗ୍ରାମ ସୀମାକୁ ଛୁଇଁଛି ଆକୁର ନାଳ ଦୁଇ ରାଜ୍ୟର ସୀମାନ୍ତରେ ରହିଛି ନାଳ ଅପର ପାର୍ଶ୍ୱରେ ଛତିଶଗଡ଼ ସୁକମା ଜିଲ୍ଲାର ଓଲେର, କିକିରପାଲ୍ଲୀ, ନେତାନାଡ, ତାଲନାଡ ଆଦି ୧୪ଟି ଗ୍ରାମ ଅବସ୍ଥିତ। ଅପର ପାର୍ଶ୍ୱର ଗ୍ରାମବାସୀ କଟାପାଲ୍ଲୀ ଆସିବାକୁ ହେଲେ ଆକୁର ନାଳ ପାରିହୋଇ ଆସିବାକୁ ପଡ଼େ। ତେବେ ବର୍ଷା ଦିନ ଆସିଲେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଏ। ଓଲେରରୁ କଟାପାଲ୍ଲୀ ଆସିବାକୁ ହେଲେ ଦୀର୍ଘ ୨୫ କି.ମିରୁ ଊର୍ଦ୍ଧ୍ୱ ରାସ୍ତା ବୁଲିକି ଆସନ୍ତି ଅଞ୍ଚଳବାସୀ। ବର୍ତ୍ତମାନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଟାପାଲ୍ଲୀ ଠାରୁ ବଡ଼ାଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ପାୟ ୬ କିମି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ଚାଲିଛି। ପ୍ରାୟ ୬୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆକୁର ନାଳରେ ପୋଲ ନିର୍ମାଣ ନିମନ୍ତେ ପାଣ୍ଡୁରାଙ୍ଗା କନଷ୍ଟ୍ରକସନ୍ କମ୍ପାନୀ ଟେଣ୍ଡର ହାସଲ କରିଛି। କଟାପାଲ୍ଲୀ ଠାରୁ ବଡ଼ଗୁଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ମଧ ସମ୍ପୃକ୍ତ ଠିକା ସଂସ୍ଥା କରୁଛି। ତେବେ ରାସ୍ତା ସହ ଆକୁର ନାଳରେ ଖୁବ୍ ଶୀଘ୍ର ପୋଲ ନିର୍ମାଣ କରିବାକୁ କଟାପାଲ୍ଲୀ ପଞ୍ଚାୟତ ବାସୀ ଦାବି ଜଣାଇଛନ୍ତି। ପୋଲ ନିର୍ମାଣ ସମ୍ପର୍କରେ ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତିଯେ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ। ଏନେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁଜାତା ଦିଶାରୀଙ୍କୁ ପଚାରିବାରୁ ଦୁଇ ବର୍ଷ ପୂର୍ବେ ରାସ୍ତା ସହ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୃକ୍ତ ଠିକା ସଂସ୍ଥାକୁ ଦିଆଯାଇଥିଲା। ବର୍ତ୍ତମାନ ପୋଲର ଡିଜାଇନ୍ ପରିବର୍ତ୍ତନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍ ଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ।ପୋଲ ନିର୍ମାଣ ନେଇ କଟାପାଲ୍ଲୀ ପଞ୍ଚାୟତବାସୀ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗତକାଲି ଦାବିପତ୍ର ପ୍ରଦାନ କରିଛନ୍ତି। ପୋଲ ନିର୍ମାଣ ନେଇ କଟାପାଲ୍ଲୀ ସରପଞ୍ଚ ଗଗନ କୁମାର ଦୁରୁଆ, ବଡାଗୁଡ଼ା ଗାଁ ସାଥୀ ସୁକୁଲଦାର ଦୁରୁଆ, ସୁକମା ଜିଲ୍ଲା ଓଲେର୍ ପଞ୍ଚାୟତର ନାଏବ ସରପଞ୍ଚ ରଘୁନାଥ ପୂଜାରୀ, ପୁରନ୍ ସିଂ ନାଗ, ଶ୍ୟାମନାଥ ଦୁରୁଆ, ରାଜୁ ଦୁରୁଆ, ସାଧୁରାମ ଦୁରୁଆ, ଲକ୍ଷ୍ମୀନାଥ ଦୁରୁଆ, ସୁକୁଲୁ ଦୁରୁଆ, ଆମାସୁ ଦୁରୁଆ, ରାମ ଦୁରୁଆ ପ୍ରମୁଖ ଦାବି ଜଣାଇଛନ୍ତି।



## ଧରାପଡ଼ିଲା ଠକ୍କକତା, କାମ ବନ୍ଦ କଲା ବ୍ଲକ ପ୍ରଶାସନ

ବୋଲଗଡ,୧୧।୩(ନି.ପ୍ର): ବୋଲଗଡ ବ୍ଲକ ଫାସିଓଦା ପଂଚାୟତରେ ୦୨୨ମସିହାରେ ଏକ ଅଙ୍ଗନବାଡି ଗୃହର ଛାତ ନପକାଇ ୫ଲକ୍ଷ ଟଙ୍କା ବିଲ କରି ନେଇଥିବା ଅଭିଯୋଗ ପରେ ରାଜ୍ୟ ତଦନ୍ତକାରୀ କମିଟି ତଦନ୍ତ କରିଥିଲେ। କମିଟିର ସୁପାରିଶ କ୍ରମେ ବିଡିଓ ସୁମନସୁଧା କୁଣ୍ଡୁ ପଦକ୍ଷେପ ଗ୍ରହଣ କରି ଅଙ୍ଗନବାଡି କେନ୍ଦ୍ରକାମ ବନ୍ଦ କରିଥିଲେ। ମାତ୍ର ସମ୍ପୃକ୍ତ ଠିକାଦାର ଆଜି କାମ କରିବା ପାଇଁ ଉଦ୍ୟମ କରିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି କାର୍ଯ୍ୟ ବନ୍ଦ କରିଛନ୍ତ। ତତ୍କାଳୀନ ସହକାରୀ ଯନ୍ତ୍ରୀ ଅମୁଲ୍ୟ କୁମାର ବାହିନୀପତି ବିଲ କରିଥିବା ଅଭିଯୋଗ ହୋଇଥିଲା। ପରେ ସମ୍ପୃକ୍ତ ଠିକାଦାର କାମ କରୁଥିବା ଖବର ପାଇ ପୋଲିସ ସହ ବିଡିଓ ଘଟଣା ସ୍ଥଳରେ ପହଂଚି ଠିକାଦାର ସହ ଜଣେ ଶ୍ରମିକକୁ ଥାନାକୁ ନେଇଆସିଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡିଛି।

## ତୁଳସୀ ମହିଳା କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

କେନ୍ଦ୍ରାପଡ଼ା,୧୧।୩(ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ବାସନ୍ତୀ ଶୁକ୍ଲାଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନାରୀ ସଶକ୍ତିକରଣ ସମ୍ପର୍କରେ ଅଧକ୍ଷା ଡ. ଶୁକ୍ଲା ଏକ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ନାରୀ ନିଜର ଆତ୍ମବିଶ୍ୱାସ, ସାହସ ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ସଫଳତା ପାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡିଆ ବିଭାଗ ମୁଖ୍ୟ ପ୍ରାଧାପିକା ଡ. ଏଲୋରା କବି ନାରୀମାନେ ସୁରକ୍ଷିତ ହେଲେ ସମଗ୍ର ସମାଜର ଉନ୍ନତି ହୋଇପାରିବ ବୋଲି କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ସବିତା ଦାସ ଏକ ସୁନ୍ଦର ବିଶ୍ୱଗଠନ କରିବାରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଇଂରାଜୀ



ବିଭାଗ ମୁଖ୍ୟ ପ୍ରଫେସର ତପନ କୁମାର ଦାସ କନ୍ୟା, ଭଗିନୀ, ଜାୟା ଓ ମା’ ରୂପରେ ନାରୀ ବନ୍ଦନୀୟା ବୋଲି କହିଥିଲେ। ଆଇ. କ୍ୟୁ. ଏ. ସି. ସେଲ ସଂଯୋଜିକା ଡ. ଏରିକା ମହାନ୍ତି ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗଣିତ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ନାୟକ ମହିଳା ଦିବସରେ ଚଳିତ ବର୍ଷର ଥିମ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ କର୍ମଚାରୀ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଶପଥ ନେଇଥିଲେ। ଶେଷରେ ବାଗ୍ମୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ପକ୍ଷରୁ ଦିନିକିଆ କର୍ମଶାଳା

ଖୋର୍ଦ୍ଧା,୧୧।୩(ନି.ପ୍ର): ଖୋର୍ଦ୍ଧା ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷ ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ପକ୍ଷରୁ ବିଭିନ୍ନ ବିଭାଗର



ଅଧିକାରୀ ମାନଙ୍କୁ ନେଇ ଏକ କନଭରଜେନ୍ସ ବୈଠକ ବା ଦିନିକିଆ ସଚେତନତା ଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଇନା ଅନୁଷ୍ଠାନର ଦିପ୍ତିମୟୀ ସୁବୁଦ୍ଧିଙ୍କ ସଂଯୋଜନାରେ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିବା ପରେ ଆଜିର ଏହି କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଇନା ସଂସ୍ଥାର ନିର୍ଦ୍ଦେଶକ ବସନ୍ତ କୁମାର ପଟ୍ଟନାୟକ ଗୋଷ୍ଠୀ ଭିତ୍ତିକ ସାମୁହିକ ବିକାଶ ପ୍ରକଳ୍ପ ବିଷୟରେ ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକା, ସାମାଜିକ, ଶଶକ୍ତି କରଣ, ବିଭାଗ ସହିତ ଜଡିତ ପ୍ରାୟ ୨୪ ଜଣ ଉପସ୍ଥିତ ରହି ନିଜ ନିଜ ବିଭାଗ ଉପରେ କହିଥିଲେ । ସେହିପରି ସରକାରୀ ଯୋଜନା ରେ ସୁଫଳ ଭିନ୍ନକ୍ଷମ ମାନଙ୍କ ପାଖରେ କିଭଳି ପହଂଚିବ, କଣ ସବୁ ନିୟମ ରହିଛି କୁହାଯାଇଥିଲା । ଏହି ଦିନିକିଆ କର୍ମଶାଳା ରେ ଜିଲ୍ଲା ସଦର ମହକୁମାର ଡକ୍ଟର ସୁରେନ୍ଦ୍ରନାଥ ମିଶ୍ର, ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, ଡ଼ିଡ଼ିଆରସି ର ନୋଡାଲ ଅଫିସର ଚନ୍ଦ୍ରଶେଖର ପରିଡା, ବ୍ଲକ କୃଷି ଅଧିକାରୀ ଦେବସ୍ମିତା ଶୁଭଦର୍ଶିନୀ ମିଶ୍ର, ଡ଼ିଡ଼ିଆରସିର ଅଡିଓଲୋଜିଷ୍ଟ ବାଦଲ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ ପାଣିଗ୍ରାହୀ, ସାମାଜିକ କର୍ମୀ ଗୋପାଳ କୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ କିଭଳି ମୁଖ୍ୟ ସ୍ରୋତରେ ସାମିଲ କରାଯିବ ଓ ନିଜ ନିଜ ବିଭାଗରେ ଥିବା ଯୋଜନା ଉପରେ କହିଥିଲେ । ଏହି କର୍ମଶାଳାକୁ ଆଇନା ସଂସ୍ଥାର ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ପ୍ରୀତିଶା ପଣ୍ଡା ପରିଚାଳନା କରିଥିଲେ ।

## କଳସ ଶୋଭାଯାତ୍ରା ସହ ୨୪ ପ୍ରହର ନାମଯଜ୍ଞ

ବିନିକା,୧୧।୩(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ଅସୁରଗଡ଼ ଗ୍ରାମରେ କଳସ ଶୋଭାଯାତ୍ରା ସହ ୨୪ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଯାଇଛି ଶନିବାର ସକାଳେ ଗ୍ରାମର ମହିଳା ଓ ପୁରୁଷମାନେ ଗାଁ ନିକଟସ୍ଥ ପୋଖରୀରୁ ସଂକୀର୍ତ୍ତନ, ଘଣ୍ଟବାଦ୍ୟ ସହ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ ମଧାହ୍ନ ଗୋଟିଏ ସମୟରୁ ଆରମ୍ଭ ହୋଇଥିବା ମହାମନ୍ତ୍ର ନାମଜପ



ଆସନ୍ତା ୧୪ ତାରିଖ ଶନିବାର ଦିନ ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି କର୍ତ୍ତା ଭାବରେ ଗୋବର୍ଦ୍ଧନ ବାରିକ, ରବିନାରାୟଣ ବାରିକ ଦାୟିତ୍ୱ ତୁଲେଇଛନ୍ତି ଏବଂ ପୂଜକ ଭାବରେ ଭଗବତ ପାଢ଼ୀ, ସୁନିଲ ପାଢ଼ୀ, ଧ୍ରୁବଳେ ପାଢ଼ୀ, ଆଲୋକ ବଡ଼ପଣ୍ଡା, ଦାୟତ୍ୱ ତୁଲାଉଛନ୍ତି ।

## ରାସ୍ତାରେ ଖଣ୍ଡା ବୁଲାଇ ଭୟଭୀତ କରୁଥିବା ଦୁର୍ବୃତ୍ତକୁ କାବୁକଲା ପୋଲିସ

ସୁବର୍ଣ୍ଣପୁର,୧୧।୩(ନି.ପ୍ର): ସୋନପୁର ସହରରେ ବୁଲିଲା ଖଣ୍ଡା । ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଲା ପୋଲିସ୍। ଲୋକେ ଆଶ୍ୱସ୍ତ ହେଲେ। ଗତକାଲି ରାତି ପ୍ରାୟ ୯.୪୫ ରେ ସୋନପୁର ନୂତନ ବସଷ୍ଟାଣ୍ଡ ସାମନା ତଥା ଠିପି ବନ୍ଦ ମଦ ଦୋକାନ ପାଖ ବିଚ୍ ରାସ୍ତାରେ ଜଣେ ନିଶାଖୋର ଯୁବକ ଏକ ବଡ଼ ଖଣ୍ଡା ଧରି ବିଭିନ୍ନ ଢଙ୍ଗରେ ବୁଲାଇବା ସହିତ ତଳେ କଚାଡୁ ଥିଲା ଓ ଲୋକଙ୍କୁ ଭୟଭୀତ କରୁଥିଲା । କିନ୍ତୁ ସୌଭାଗ୍ୟ ବଶତଃ ସୋନପୁର ପୁଲିସ ର ପିସିଆର ଭ୍ୟାନ ସେହି ସମୟରେ ଉକ୍ତ ରାସ୍ତା ଦେଇ ଆସୁଥିବା ବେଳେ ଯୁବକର ଗତିବିଧି ଦେଖି ତା ପାଖକୁ ଯିବା ବେଳେ ଯୁବକ ଜଣକ ନିକଟସ୍ଥ ନାଳରେ ଖଣ୍ଡା ଟିକୁ ଫୋପାଡି ଦେଇଥିଲା। ପରେ ପୁଲିସ୍ ନାଳରୁ ବିରାଟ ଖଣ୍ଡାକୁ ଉଦ୍ଧାର କରିବା ସହ ଜବତ କରିଥିଲା। ପରେ ଯୁବକକୁ ସୋନପୁର ଥାନା ଅଧିକାରୀ ଶ୍ରୀ ଯାଦବ ବାଗ ଅଧିକ ପଚରାଉଚରା କରିଥିବା ବେଳେ ଯୁବକଟି ନିଶା ସେବନ ସହ ମାନସିକ ବିକାର ଗ୍ରସ୍ତ ଥିବା ଜଣାପଡିଥିଲା। ପରେ ଯୁବକକୁ ପୁରୁଣା ହସ୍ପିଟାଲ ଠାରେ ଅବସ୍ଥିତ ମାନସିକ ରୋଗୀଙ୍କ ଚିକିତ୍ସା ଓ ଆଶ୍ରୟ ସ୍ଥଳ (ମାମି) ରେ ଛାଡ଼ି ଦେଇଥିବା ସୂଚନା ଦେଇଛନ୍ତି ଆଇଆଇସି ଶ୍ରୀ ବାଗ । ସେପଟେ ସକାଳୁ ବୁଢ଼ାରଜା ମନ୍ଦିର କମିଟିର ଯୁବକ ମାନେ ଥାନାରେ ପହଞ୍ଚି ମନ୍ଦିରର ଖଣ୍ଡା ଚୋରି ହୋଇଥିବା ଅଭିଯୋଗ କରିଥିବା ବେଳେ ସମ୍ପୃକ୍ତ ଯୁବକଙ୍କ ପାଖରୁ ଜବତ ହୋଇଥିବା ପିତଳ ନିର୍ମିତ ଖଣ୍ଡାକୁ ଚିହ୍ନଟ କରି ଥାନାରୁ ନେଇଥିଲେ। ନୂତନ ଥାନାଧିକାରୀ ଶ୍ରୀ ବାଗ ସୋନପୁର ଥାନାରେ ଯୋଗ ଦେବା ପରେ ପୁଲିସ୍ର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ଜନସାଧାରଣ ତଥା ବୁଦ୍ଧିଜୀବି ପ୍ରଶଂସା କରିଛନ୍ତି । ପ୍ରକାଶ ଥାଉ କି ଯେ ଶ୍ରୀ ବାଗ ଅଳ୍ପ ଦିନ ଆଗରୁ ସହରର ବିଭନ୍ନ ବର୍ଗର ନାଗରିକଙ୍କୁ ନେଇ ସୋନପୁର ଥାନାରେ ଏକ ଶାନ୍ତି କମିଟି ବୈଠକ ଅୟୋଜନ କରି ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଜିଲ୍ଲାସ୍ତରୀୟ କଳା ମୋତିଆବିନ୍ଦୁ ସପ୍ତାହ ପାଳିତ

ଖୋର୍ଦ୍ଧା,୧୧।୩(ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ କଳା ମୋତିଆ ବିନ୍ଦୁ ସପ୍ତାହ ପାଳିତ ହୋଇଯାଇଅଛି । ଉକ୍ତ ଦିବସରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର, ଜିଲ୍ଲା ଚିକିତ୍ସା ଅଧିକାରୀ ,ଡାକ୍ତର ପ୍ରଦୀପ୍ତ କୁମାର ସାହୁ, ଡାକ୍ତର ଅଜୟ କୁମାର ସିଂହ, ଡାକ୍ତର ରଶ୍ମୀ ସୁଦୀପ୍ତ ଆଚାର୍ଯ୍ୟ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ, ଯୋଗଦେଇ ଚକ୍ଷୁ ରେ ହେଉଥିବା କଳା ମୋତିଆ ବିନ୍ଦୁ ରୋଗର ଲକ୍ଷଣ ଓ ସପ୍ତାହ ପାଳନର ଉଦ୍ଦେଶ୍ୟ, ଅଭିମୁଖ୍ୟ ଓ ଏହି ରୋଗର ଚିକିତ୍ସା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏହି ରୋଗ ସମ୍ବନ୍ଧରେ କହିଲେ ଯେ କଳା ମୋତିଆ ବିନ୍ଦୁ ଏକ ନୀରବ ଘାତକ ରୋଗ । ମନୁଷ୍ୟର ଶରୀରରେ ସାଧାରଣତଃ ପାଞ୍ଚଗୋଟି ଇନ୍ଦ୍ରିୟ ମଧ୍ୟରୁ ଚକ୍ଷୁ ବା ଦର୍ଶନେନ୍ଦ୍ରୀୟ ଏକ ମୁଖ୍ୟ ଇନ୍ଦ୍ରିୟ ଯାହାର ଯତ୍ନ ନେବା ଅନୀର୍ବାର୍ଯ୍ୟ ଅଟେ । ସେ ଆହୁରି କହିଥିଲେ ଜନ୍ମରୁ ଆରମ୍ଭ କରି ସବୁ ବୟସର ଲୋକଙ୍କୁ ଏହି ରୋଗ ହୋଇଥାଏ, ସାଧାରଣତଃ ଆଖିର ଚାପ ବଢିବା, ଉକ୍ତ ରକ୍ତ ଚାପ, ମଧୁମେହ, ଦୁରଦୃଷ୍ଟି ଦୋଷ, ବଂଶାନୁଗତ ବାର୍ଦ୍ଧକ୍ୟ ବହୁଦିନ ଧରି ଷ୍ଟିରଏଡ ବ୍ୟବହାର ଲୋକଙ୍କୁ ଏହି ରୋଗ ଆକ୍ରାନ୍ତ କରିଥାଏ । ଏହାର ଚିକିତ୍ସା ପଦ୍ଧତି ଆଖିର ଚାପ ପରୀକ୍ଷା କରି ଏକ ମୁକ୍ତ କଳା ମୋତିଆ ବିନ୍ଦୁ ସମାଜ ଓ ବିଶ୍ୱ ଗଠନ ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ । ଦିବସରେ ଚକ୍ଷୁ ତଥ୍ୟ ସଂଗ୍ରହ କାରି ଶ୍ରୀ କୃଷ୍ଣ ଚନ୍ଦ୍ର ପରିଡା ସମେତ ନର୍ସିଙ୍ଗ ସ୍କୁଲ ର ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ସହାୟକ ଜନ ସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ପରମାଣିକ ସମସ୍ତଙ୍କୁ ଧନ୍ୟ ବାଦ ପ୍ରଦାନ କରିଥିଲେ।

## ଭଜନ ଜଣାଣ ଭକ୍ତି ମାର୍ଗର ଏକ ପ୍ରଧାନ ଅଙ୍ଗ

ଭୁବନେଶ୍ୱର,୧୧।୩(ନି.ପ୍ର): ଗିତଗୋବିନ୍ଦ ସଦନ ସଭାକକ୍ଷ ରେ ଶାନ୍ତିଲତା ବାରିକ ଛୋଟରାୟ କଲଚରାଲ ଟ୍ରଷ୍ଟ ଓ ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହେ ଚକାନୟନ–୨୦୨୬ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଉଦଘାଟନ କରି ଏକାମ୍ର ବିଧାୟକ ବାବୁ ସିଂ କହିଲେଯେ, ଭଜନ ଜଣାଣ ଭକ୍ତି ମାର୍ଗର ଏକ ପ୍ରଧାନ ଅଙ୍ଗ। ଭଜନ ଭାବପ୍ରବଣ ଭକ୍ତି ଏବଂ ସମର୍ପଣ ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ଜଣାଣ ଜ୍ଞାନ ମାଧ୍ୟମରେ ଆତ୍ମ ସାକ୍ଷାତ ଉପରେ କେନ୍ଦ୍ରିତ। ଭଜନ ସାମ୍ରାଜ୍ଞି ଶାନ୍ତିଲତା ବାରିକ ଛୋଟରାୟ ଏହିପରି ଏକ ଭଜନ ଭକ୍ତି ଆନ୍ଦୋଳନର ଅନ୍ୟତମ ରଥି ଥିଲେ। ମୁଖ୍ୟ ଅତିଥିଭାବେ ବିଜେପି, ଉପସଭାପତି, ଜତିନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଭାରତ ସ୍କାଉଟ ଓ ଗାଇଡସ୍ର ମୁଖ୍ୟ କମିଶନର, କାଳୀପ୍ରସାଦ ମିଶ୍ର, ଭୁବନେଶ୍ୱର ମହାନଗର ନୀଗମ କମିଶନର, ସୁଲୋଚନା ଦାସ, ଓଡିଶା ସଂଗୀତ ନାଟକ ଏକାଡେମୀ ସଚିବ, ଚନ୍ଦ୍ରଶେଖର ହୋତା, ବରିଷ୍ଠ ସାଂବାଦିକ, ପ୍ରଦୋଷ ପଟନାୟକ କହିଲେ ଯେ, ଭଜନ ଆନୁଷ୍ଠାନିକ ଅଭ୍ୟାସ ଅପେକ୍ଷା ବ୍ୟକ୍ତିଗତ ଭକ୍ତି ଏବଂ ଈଶ୍ୱରଙ୍କ ସହିତ ସଂଯୋଗ ଉପରେ ଗୁରୁତ୍ୱ ଦେଇଥାଏ। ମଣିଷର ହୃଦୟ ଓ ମନକୁ ପବିତ୍ର କରିବା ସହ ମାୟାବନ୍ଧନରୁ ମୁକ୍ତ କରିବାରେ ସହାୟକ ହୋଇଥାଏ । ଶାନ୍ତିଲତା ବାରିକ ଛୋଟରାୟ ଓଡିଆ ଭକ୍ତି ସଂଗିତ ଜଗତର ଉଜ୍ୱଳ ନକ୍ଷେତ୍ର ଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ, ବ୍ରଜକିଶୋର ଦାସ ଅତିଥିମାନଙ୍କ ପରିଚୟ ଦେବା ସଙ୍ଗେ କହିଥିଲେଯେ ଶାନ୍ତିଲତା ବାରିକ ଛୋଟରାୟଙ୍କ ମହାପ୍ରୟାଣ ଦିବସକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାକୁ ଦାବି ରଖିଥିଲେ। ଏହି ଅବସରରେ ମହାପ୍ରସାଦ କରକୁଂ ଶାନ୍ତିଲତା ବାରିକ ଛୋଟରାୟ ସଂଗିତ ସମ୍ମାନ –୨୦୨୬ ଓ ଶାନ୍ତିଲତା ସଂଗିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ ଖରିଥିବା ଶିଳ୍ପୀ ଶ୍ରୁଶ୍ରୀ ଶ୍ରେଷ୍ଠାଙ୍ଗନା ପଣ୍ଡିତାଙ୍କୁ ଶ୍ରେଷ୍ଠ ପ୍ରତୀଯୋଗୀ ସନମାନ ପ୍ରଦାନ କରାଯାଇଥିଲା। ବସନ୍ତ କୁମାର ଛୋଟରାୟଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପରେ ଓଡିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀମାନେ ସଙ୍ଗିତ ପରିବେଷଣ କରିଥିଲେ।



## ଗାଡ଼ି ଚୋରି ଅଭିଯୋଗରେ ଯୁବକ ଗିରଫ

ନିଆଳି,୧୧।୩(ନି.ପ୍ର): ନିଆଳି ଥାନା ଅନ୍ତର୍ଗତ ଦେବୀ କନ୍ଦଳ ଦୀପଞ୍ଚଳ କସର୍ଦା ପଂଚାୟତ ବୋତାଖାଲ ଗ୍ରାମର ଆଲୋକ କୁମାର ମହାପାତ୍ରଙ୍କ ବାଇକ ଚୋରି ହୋଇଥିବା ନେଇ ନିଆଳି ଥାନାରେ ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୨୦୦/୨୬ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣା ରେ ଉକ୍ତ ଥାନା ଅଧିନସ୍ତ ପୋଖରୀ ଗାଁ ପଂଚାୟତ କାନପୁର ଗ୍ରାମର ସନ୍ତୋଷ ସ୍ୱାଇଁ ୨୯ କୁ ଗିରଫ କରିଥିଲା। ତା ନିକଟରୁ ଗାଡି ଜବତ ହେବା ସହ ଗାଡି ଚୋରି ନିମନ୍ତେ ରେଞ୍ଚି, ପ୍ଲାସ, କଟର ଜବତ ହୋଇଛି। ପୂର୍ବରୁ ତା ନାମରେ ଆଉ ଏକ ମାମଲା ୧୧୯/୨୬ ରେ ରହିଥିବା ବେଳେ ମଙ୍ଗଳ ବାର ଦିନ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।



## କାଇପଦର ବୋଖାରୀ ବାବା ସତ୍ୟପୀରଙ୍କ ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୧୧।୩(ନି.ପ୍ର): ସର୍ବଧର୍ମ ପୀଠ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କାଇପଦର ଗ୍ରାମ ବାବା ବୋଖାରୀ (ସତ୍ୟପୀର)ଙ୍କ ବାର୍ଷିକ ଉସ ଉତ୍ସବ ଚଳିତ ମାସ ତା ୧୩.୦୩.୨୬ ଓ ୧୪.୦୩.୨୬ ରିଖ ଦୁଇ ଦିନ ଧରି ମହା ସମାରୋହରେ ପାଳନ କରାଯିବ। ଏଥିରେ ଓଡ଼ିଶା ତଥା ବାହାର ରାଜ୍ୟରୁ ଶ୍ରଦ୍ଧାଳୁମାନେ ପୀର ବାବାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଭିଡ଼ ଲଗାନ୍ତି। ପୀର ବାବା କମିଟି ତରଫରୁ ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଛି। ପରିଚାଳନା କମିଟିର ସଭାପତି ଏସ୍.କେ. ସନାଉଲ୍ଲା ଜଣାଇଛନ୍ତି।

# ବାରୁଅ ପଞ୍ଚୁଦୋଳରେ ମହାମେଳଣ

କେନ୍ଦ୍ରାପଡ଼ା,୧୧।୩(ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମରେ ପଞ୍ଚୁ ଦୋଳ ଏବଂ ହୋଲି ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀ ପରିସରରେ ଅନୁଷ୍ଠିତ ହୋଲି ମହୋତ୍ସବ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏକ ସୁସଜ୍ଜିତ ବିମାନରେ ବିରାଜିତ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଅନୁଷ୍ଠାନ ପରିସରରେ ପହଞ୍ଚିଲା ପରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, କେନ୍ଦ୍ର ନିର୍ଦ୍ଦେଶକ ଇଂଜିନିୟର ବିଶ୍ୱଜିତ ପରିଡା, ପ୍ରସାରଣ ସହାୟକ ଗୌରବ ଦାସ, ଅର୍ଚ୍ଚନା ପରିଡା, ରତ୍ନ ମଞ୍ଜରୀ ପରିଡା, ସୁଶ୍ରୀ ସଙ୍ଗୀତା ଜେନା, ରାଜଲକ୍ଷ୍ମୀ ପରିଡା, ଗୋବର୍ଦ୍ଧନ ଲେଙ୍କା, ନାରାୟଣ ସାମଲ, ଶୁକଦେବ ସାମଲ, ଭାଗିରଥୀ ପରିଡା, ବିଷ୍ଣୁ ଚରଣ ବାରିକ, ବିକ୍ରମ କେଶରୀ ପରିଡା ପ୍ରମୁଖ ହରିବୋଲ ହୁଳହୁଳି, ସଙ୍କୀର୍ତ୍ତନ ଏବଂ ଶଂଖ ଘଣ୍ଟ ନାଦ ମାଧ୍ୟମରେ ପ୍ରେମମୟୀ ଶ୍ରୀରାଧା ଓ ପରମ ପ୍ରେମମୟ ପୁରୁଷ ଶ୍ରୀକୃଷ୍ଣଙ୍କୁ ଭକ୍ତି ଭାବରେ ସ୍ୱାଗତ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଠାକୁର ରାଜା ଉମାକାନ୍ତ ପରିଡା ଏବଂ ପୂଜକ ରବୀନ୍ଦ୍ର ତ୍ରିପାଠୀ ଠାକୁରଙ୍କୁ ଅୀର ଏବଂ ଭୋଗଲାଗି କରିଥିଲେଛ ନିରୁପମା ଜେନା ଭଜନ ଗାଇଥିଲେଛ ଅଭିଲିପ୍ସା ସାହୁ, ଅଙ୍କିତା ଅର୍ପିତା ସାହୁ ଆଧାତ୍ମିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ହରିହର ଭେଟ ସମ୍ପନ୍ନ ହୋଇଥିଲା। ପବିତ୍ର ହୋଲି ମହୋତ୍ସବ ଉପଲକ୍ଷେ ବାରୁଅ ସ୍ଥିତ ସିଦ୍ଧ ମହାପୁରୁଷଙ୍କ ମଠ ପରିସରରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ବାରୋ, ତରାଣ୍ଡୋ, ଇଟୀପୁର, ଘିଗିଡିଆ, କଳାମାଟିଆ, ନିଳିକଣା ଏବଂ ପୋଇପାଟରୁ ଆସିଥିବା ବିମାନ ଗୁଡ଼ିକର ମହାମିଳନ ହୋଇଥିଲା। ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ନୃତ୍ୟ ପରିବେଷଣ କରାଯାଇଥିଲା। ଠାକୁରମାନେ ସିଦ୍ଧ ମହାପୁରୁଷ ମଠରୁ ଭବ୍ୟ ପୂଜାର୍ଚ୍ଚନା ପରେ ମେଲାଣି ନେଇ ।ରୋ ଗ୍ରାମର ଛଅ ଗୋଟି ୱାର୍ଡ ପରିକ୍ରମା କଲାପରେ ଶ୍ରୀ ପଞ୍ଚୁପାଣ୍ଡବ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ମହା ମେଲଣରେ ପଦାର୍ପଣ କରିଥିଲେ। ଏଥିରେ କୋରୋ ମିର୍ଜାପୁରର ବିମାନ ସାମିଲ ହୋଇଥିଲା ଛଗ୍ରାମବାସୀଙ୍କ ତରଫରୁ ଠାକୁରମାନଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ଆଧାତ୍ମିକ ନୃତ୍ୟ ପରିବେଷଣ କରିଥିଲେଛ ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରି ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଭାବ ବିହ୍ୱଳ କରିଥିଲେ। ହୋଲି ମହୋତ୍ସବ ଉପଲକ୍ଷେ ସିଦ୍ଧ ମହାପୁରୁଷ ନାଟ୍ୟ ପରିଷଦ ତରଫରୁ ଲୁହରେ ଲେଖା ମୋ କପାଳ ରେଖା ଏବଂ ଜନମ ନେଇଛି କାନ୍ଦିବା ପାଇଁ ରତିକାନ୍ତ ମହାନ୍ତିଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସଫଳତାର ସହିତ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ପଞ୍ଚୁଦୋଳର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବିଶିଷ୍ଟ ସମାଜସେବୀ ସରୋଜ କାନ୍ତ ପରିଡା, ପ୍ରମୋଦ କୁମାର ଲେଙ୍କା ଏବଂ ନାଟ୍ୟ ନିର୍ଦ୍ଦେଶକ ରତିକାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସୁମନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ମହିଳା ଦିବସ ପାଳିତ
# ୪୫ ଜଣ ‘ପରିବର୍ତ୍ତନର ସାରଥି’ ସମ୍ମାନିତ

ଦାନଗଦି/କଳିଙ୍ଗନଗର,୧୧।୩(ନି.ପ୍ର): ଆନ୍ତର୍ଜାତିକ ମହିଳା ଦିବସର ସ୍ମୃତିକୁ ଉଜ୍ଜୀବିତ ରଖି ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ବୁଧବାର ଦିନ ଦାନଗଦୀ ସ୍ଥିତ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗଗତ ସମାନତା ଏବଂ ସାମାଜିକ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟିଏସଏଫ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ବିକାଶ କ୍ଷେତ୍ରରେ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସଫଳତାକୁ ସମ୍ମାନ ଜଣାଯାଇଥିଲା। ଦାନଗଦୀ ଏବଂ ସୁକିନ୍ଦା ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଅଧିକ ମହିଳା ଏହି ଉତ୍ସବରେ ଉତ୍ସାହର ସହ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜେଣ୍ଡର ଷ୍ଟଡିଜ୍ ବିଭାଗର ଅବସରପ୍ରାପ୍ତ ପ୍ରଫେସର ନବନୀତା ରଥ, ଦାନଗଦୀ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଏବଂ ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ସମେତ ତ୍ରିଜଙ୍ଗା ପଞ୍ଚାୟତର ସରପଞ୍ଚ କାଗଜି ପାତ୍ର ଏବଂ ନଡ଼ିଆ ଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁ, ବିସ୍ଥାପନ ଓ ପୁନର୍ବାସ କଲୋନୀର ସଦସ୍ୟ ଏବଂ ରାଜ୍ୟ ସ୍ତରୀୟ ସମ୍ପଦ ବ୍ୟକ୍ତିମାନେ ମଧ ଉପସ୍ଥିତ ଥିଲେ। ଟିଏସଏଫର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ନୂତନ ପ୍ରୟାସ ଏବଂ ସେମାନଙ୍କ ସଫଳତା ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ୪୫ ଜଣ ମହିଳାଙ୍କୁ ସମ୍ବର୍ଦ୍ଧନା। ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ସମାଜରେ ପରିବର୍ତ୍ତନ ଆଣିଥିବାରୁ ସେମାନଙ୍କୁ ‘କାଟାଲିଷ୍ଟ ଫର ଚେଞ୍ଜ’ ବା ‘ପରିବର୍ତ୍ତନର ସାରଥି’ ଭାବେ ସମ୍ମାନିତ କରାଯାଇଥିଲା। ଏହା ସହିତ ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୂର୍ବରୁ ଦାନଗଦୀ ଏବଂ ସୁକିନ୍ଦା ବ୍ଲକର ୨୪ଟି ପଞ୍ଚାୟତ ସମେତ ଗୋବରଘାଟି, ସନସାଇଲୋ ଏବଂ ତ୍ରିଜଙ୍ଗା ପୁନର୍ବାସ କଲୋନୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ତୃଣମୂଳ ସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକ ମହିଳାମାନଙ୍କୁ ନିଜର ଅଭିଜ୍ଞତା ଆଦାନ ପ୍ରଦାନ, ଦକ୍ଷତା ପ୍ରଦର୍ଶନ କରିବା ଏବଂ ନେତୃତ୍ୱ ସମ୍ପର୍କରେ ଆଲୋଚନା କରିବା ପାଇଁ ଏକ ପ୍ରଶସ୍ତ ମଞ୍ଚ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପ୍ରାୟ ୧,୪୫୦ରୁ ଅଧିକ ମହିଳା ଏହି ପ୍ରୟାସରେ ସାମିଲ ହୋଇଥିଲେ, ଯାହା ଅଞ୍ଚଳରେ ବଢୁଥିବା ମହିଳା ସଶକ୍ତିକରଣ ଏବଂ ଉତ୍ସାହ କୁ ପ୍ରଦର୍ଶିତ କରୁଛି ।



# ମଣ୍ଡିରୁ ଉଠୁନି ଧାନ, ତାତିଲେ ଚାଷୀ



ହାଟଡିହି,୧୧।୩(ନି.ପ୍ର): ଦିନ ଦିନ ଧରି ପଡି ରହିଛି ଧାନ । ଧାନ ବିକ୍ରୀ ପାଇଁ ଆଣିଥିବା ଚାଷୀ ଏବେ ଚିନ୍ତାରେ । ମିଲରଙ୍କ ଅବ୍ୟବସ୍ଥା ଯୋଗୁଁ ଚାଷୀଙ୍କ ଧାନ ଏବେ ଖୋଲା ମେଲାରେ ପଡିଥିବା ବେଳେ ଛେଳି ଗୋରୁ ଏହାକୁ ଖାଇବାକୁ ଲାଗିଲେଣି । କେବେ ଉଠିବ ଧାନ ଆଉ କେବେ ଏମାନେ ପାଇବେ ଟଙ୍କା, ତାକୁ ନେଇ ଚିନ୍ତାରେ ପଡିଛନ୍ତି ଚାଷୀ । ଯାହାକୁ ନେଇ ଚାଷୀମାନେ ବଡରମ୍ପାସ ମଣ୍ଡି ସମ୍ମୁଖରେ ପ୍ରତିବାଦ କରିଛନ୍ତି।

ହାଟଡିହି ବ୍ଲକ ବଡରମ୍ପାସ ସେବା ସମବାୟ ସମିତି ମଣ୍ଡିରେ ଧାନ ବିକିବା ପାଇଁ ଆଣିଥିବା ବେଳେ ଅସୁରକ୍ଷିତ ଭାବେ ପଡି ରହିଛି। ଦିନ ଦିନ ଧରି ଶହ ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଛି । ଆକାଶକୁ ବାଦଲ ଢାଙ୍କୁ ଥିବା ବେଳେ ବର୍ଷାକୁ ନେଇ ଚାଷାକୁଳ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଯଦି ଅସରାଏ ବର୍ଷା ହୁଏ ତେବେ ଧାନ ଭିଜିବା ଓ ଗଜା ହେବା ଥୟ । ଏହି ସମବାୟ ସମିତିରେ ୧୧୪୯ଜଣ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକୃତ କରିଥିଲେ ଓ ୫୫ହଜାର ୫୩୧ କ୍ୱିଣ୍ଟାଲ ଧାନ ଉଠାଇବାକୁ ଅନୁମତି ମିଳିଛି । ହେଲେ ବର୍ତ୍ତମାନ ସୁଦ୍ଧା ୯୭୦ ଜଣ ଚାଷୀଙ୍କ ନିକଟରୁ ୪୬ହଜାର ୭୫୨ କୁଇଣ୍ଟାଲ ଧାନ ଉଠା ଯାଇଛି । ଏବେ କେଉଁ ଚାଷୀର ଟୋକନ ଅବଧି ଶେଷ ହେଲାଣି ତ ଆଉ କିଏ ଋଣ ସୁଝିବା ଚିନ୍ତାରେ । ସମିତିର ସମ୍ପାଦକ ମଧ୍ୟ ଠିକ ଭାବେ ମଣ୍ଡିକୁ ଆସୁ ନ ଥିବାରୁ ଚାଷୀମାନେ ଧାନ ବିକ୍ରି କରିପାରୁ ନାହାଁନ୍ତି । ସୁଶାନ୍ତ ବେହେରାଙ୍କ ଟୋକନ ଅବଧି ମାର୍ଚ୍ଚ ୪ତାରିଖରେ ଥିବାବେଳେ ଆଜି ପର୍ଯ୍ୟନ ତାଙ୍କ ଅଖି ସ୍କାନ କରାଯାଉନ । ସେ ମଣ୍ଡିରେ ମାସାଧିକ କାଳ ଧାନ ପକାଇଛନ୍ତି। ଗୋରୁଗାଈ ଓ ମୂଷା ଧାନ ଖାଉଛନ୍ତି। ଚାଷୀମାନେ ପାଳି କରି ରାତି ଉଜାଗର ରହି ଧାନ ଜଗୁଥିବା କହିଛନ୍ତି ।

ଆଜି ଅନେକ ଚାଷୀ ସମ୍ପାଦକଙ୍କୁ ଭେଟିବାରୁ ସେ ମିଲକୁ ଧାନ ନେଇଯିବାକୁ କହିଥିଲେ। ପଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଧାନ ଉଠାଯିବାକୁ ନେଇ କୌଣସି ସଠିକ ତଥ୍ୟ ଦେଇପାରୁ ନାହାଁନ୍ତି ମଣ୍ଡି କର୍ତ୍ତୃପକ୍ଷ । ଅନେକ ଅଭିଯୋଗ ପରେ ଆଜି ଗୋଟିଏ ଗାଡି ଆସିଥିଲା ଧାନ ନେବାକୁ। ହେଲେ ମଣ୍ଡିରେ ୫/୬ ଗାଡି ଧାନ ପଡିଥିବା ବେଳେ ଗୋଟିଏ ଗାଡିରେ କିପରି ଏତେ ଧାନ ଉଠିବ ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଡିକୁ ମଧ୍ୟ ଅନେକ ସମୟ ପର୍ଯ୍ୟନ୍ତ ଅଟକ ରଖାଯାଇଛି । ଏହା ବେଳେ ସମସ୍ତ ଚାଷୀଙ୍କ ଧାନ ଉଠାଇବାକୁ ଦାବି ହେଉଛି। ହେଲେ କେହି କର୍ଣ୍ଣପାତ କରୁନଥିବା ଦୀନବନ୍ଧୁ ବେହେରା, ଦିଲ୍ଲୀପ ପାତ୍ର, ରବୀନ୍ଦ୍ର ପାତ୍ର, ସୁଶାନ୍ତ ବେହେରା, କରୁଣାକର ସାହୁ, ଆନନ୍ଦଚନ୍ଦ୍ର ସାହୁ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି । ଉତ୍ତେଜନା ଖବର ପାଇ ସମିତି ସଭାପତି ନିରଞ୍ଜନ ସାହୁ, ସରପଞ୍ଚ ରବୀନ୍ଦ୍ର ଜେନା ପ୍ରମୁଖ ଧାନ ଉଠାଣ ନେଇ ଆଲୋଚନା କରିଛନ୍ତି । ସମ୍ପାଦକ ଦେବାଶିଷ ଧଳ କହିଛନ୍ତି ଯେ ମିଲର ଅବଶ୍ୟକ ମୁତାବକ ଗାଡି ପଠାଇ ନ ଥିବାରୁ ସମସ୍ୟା ଉପୁଜୁଛି। ସମସ୍ତ ଧାନ କିଣାଯିବ ବୋଲି ସେ କହିଛନ୍ତି ।

# ରାସ୍ତା କାମକୁ ନେଇ ବଳଭଦ୍ରପୁର ଗ୍ରାମରେ ଗୋଷ୍ଠୀ ସଂଘର୍ଷ, ୫ରୁ ଊର୍ଦ୍ଧ୍ୱ ଆହତ



ହାଟଡିହି,୧୧।୩(ନିପ୍ର): ରାସ୍ତା କାମକୁ ନେଇ ବଳଭଦ୍ରପୁର ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟି ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସୂଚନା ଅନୁଯାୟୀ, କୈଳାସ ଜେନା ଘର ଠାରୁ ବଳଭଦ୍ରପୁର ଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ୭ ଲକ୍ଷ ଟଙ୍କା ଆସିଥିଲା । ଦୁଇ ଗୋଷ୍ଠୀ କାମ କରିବାକୁ ଆଗ୍ରହୀ ଥିଲେ। ଉଭୟ ଗୋଷ୍ଠୀ ମାଟି ପକାଇ କାମ ଆରମ୍ଭ କରିବାରୁ ଛକାପଞ୍ଝା ଲାଗିଥିଲା । ଆଜି ଗୋଟିଏ ଗୋଷ୍ଠୀ ବାଉଁଶ ବାନ୍ଧି ପ୍ରଥମେ ରାସ୍ତା ବନ୍ଦ କରିଦେବାରୁ ଅନ୍ୟ ଗୋଷ୍ଠୀର ଟ୍ରାକ୍ଟର ମାଟି ପକାଇବାକୁ ଯାଇପାରି ନଥିଲା । ଫଳରେ ଅପର ଗୋଷ୍ଠୀ ଲୋକେ ଗାଁ ମୁଣ୍ଡରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଦେଇଥିଲେ। ଯାହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଝଗଡା ଓ ପାଟିତୁଣ୍ଡ ଆରମ୍ଭ ହୋଇଥିଲା । ଗୋଟିଏ ଗୋଷ୍ଠୀ ପୋଲିସକୁ ଡାକିଥିଲେ। ପୋଲିସ୍ ପଂହନ୍ତି ଉଭୟ ଗୋଷ୍ଠୀର ଲୋକଙ୍କୁ ଥାନାକୁ ଯିବାକୁ ପରାମର୍ଶ ଦେଇ ଚାଲି ଯାଇଥିଲା। ଉଭୟ ଗୋଷ୍ଠୀ ଥାନାକୁ ଯିବା ବାଟରେ ପରସ୍ପରକୁ କଟାକ୍ଷ କରିବାରୁ ଏହା ସଂଘର୍ଷର ରୂପ ନେଇଥିଲା। ଉଭୟ ପକ୍ଷ ଠେଙ୍ଗା ଓ ଲୁହାରଡରେ ପରସ୍ପରକୁ ଆକ୍ରମଣ କରିବାରୁ ହିରଣ୍ୟ ଜେନା, ନିମାଇଁ ଜେନା, ଶିବ ସୁନ୍ଦର ଜେନା, ବାବନ ଜେନା, ସମିର ଜେନା, ଗୁକୁନା ଜେନା, ପ୍ରଫୁଲ୍ଲ ଜେନା ଆହତ ହୋଇଥିଲେ । ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହିରଣ୍ୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏନେଇ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଆନନ୍ଦପୁର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଓଡ଼ାପଡ଼ା,୧୧।୩(ନିପ୍ର): ଓଡ଼ାପଡ଼ା ବ୍ଲକ ପରିସରରେ ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୬୪ ଜଣ ହିତାଧିକାରୀ ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୧୬୦ ଜଣଙ୍କୁ ସହାୟତା ପ୍ରଦାନ ନିମନ୍ତେ ମନୋନିତ କରାଯାଇଥିଲା। ୭୦ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରା ଯାଇଥିବା ବେଳେ ୫୧ଙ୍କୁ ଉପକରଣ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଢ଼େଙ୍କାନାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ସ୍ୱାଇଁ, ଓଡ଼ାପଡ଼ା ସାମାଜିକ ସୁରକ୍ଷା ଅଧିକାରୀ ସେଫାଳି ଶ୍ୱେତାପଦ୍ମା ବେହେରା ପରିଚାଳନା କରିଥିଲେ। ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ମୁକେଶ କୁମାର ରଥ ଓ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

## ବ୍ୟବହାର ଦ୍ୱାରା ଭାଷା ବଞ୍ଚି ରହେ

# ଓପିଏସ୍ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ



ଓଡ଼ାପଡ଼ା,୧୧।୩(ନିପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ରୋଡସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ହୋଇଯାଇଛି। ବିଭାଗମୁଖ୍ୟ ଡ.ଦେବାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ବ୍ୟବହାର ଦ୍ୱାରା ଭାଷା ବଞ୍ଚି ରହେ ବୋଲି କହିଥିଲେ। ଅଧ୍ୟାପକ ମଙ୍ଗରାଜ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ଲିପ୍ସାରାଣୀ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଡ.ଦାସ ଓଡ଼ିଆ ଭାଷାର ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ଉର୍ମିରାଣୀ ପରିଡ଼ା, ପ୍ରିୟଙ୍କା ଦାସ ଓ ଇତିଶ୍ରୀ ସେନାପତି ପ୍ରବନ୍ଧ ପାଠ କରିଥିଲେ। ପାଠଚକ୍ର ସହ ସମ୍ପାଦିକା ସତଫା ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସମ୍ପାଦକ ଶୁଭେନ୍ଦୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରାମଚନ୍ଦ୍ରପୁର,୧୧।୩(ନିପ୍ର): ଘଷିପୁରା ଥାନା ଧକୋଠା ପଂଚାୟତ ଜଳନଣ୍ଡା ଗାଁ ରାସ୍ତା ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଯୁବକଙ୍କ ବାଇକକୁ ଜବତ କରିବା ସହିତ ମୃତକ ଭଦ୍ରକ ଗ୍ରାମାଞ୍ଚଳ ଥାନା ଓଲଙ୍ଗ ଗାଁର ଅଭିଜିତ ସେଠୀ ବୋଲି



ଜାଣିପାରିଥିଲା। ଅଭିଜିତଙ୍କ ମୃତଦେହର କିଛି ଦୂରରେ ଏକ ବିଷ ବୋତଲ ମଧ୍ୟ ପଡିଥିଲା। ସେ କାହିଁକି ଏତେ ଦୂର ଆସି ଜୀବନ ହାରିଲେ ତାହା ଜଣାପଡିନାହିଁ । ଶବ ବ୍ୟବଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ଦାବି: ୧୬ରେ ଆମରଣ ଅନଶନ ଓ ସମୂହ ଆତ୍ମାହୁତି ଚେତାବନୀ



ଆନନ୍ଦପୁର,୧୧।୩(ନିପ୍ର): କେନ୍ଦୁଝର ଜିଲ୍ଲାର ୪ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ନିମନ୍ତେ ଦିଆଯାଇଥିବା ଆଦେଶକୁ ସଠିକ ଭାବେ ପୁନର୍ବାର ବିଚାର କରି ମାର୍ଚ୍ଚ ୧୬ତାରିଖ ଭିତରେ ନିଯୁକ୍ତିପତ୍ର ନ ଦେଲେ ୪ଜଣ ପ୍ରାର୍ଥୀ ସପରିବାର ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଆମରଣ ଅନଶମ ସହ ଆତ୍ମାହୁତି ଦେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ନିଳାମ୍ବର ପରିଡା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସେଠୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଯୁକ୍ତ ଦୁଇ ଧନ୍ଦାମୂଳକ କୃଷି ବିଭାଗରେ ତାଲିମ ନେଇଥିଲେ। ୨୦୦୮ରେ କେନ୍ଦୁଝର ଜିଲ୍ଲାରେ ୩୬ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ବାହାରିଥିଲା । ଏହା ଜିଲ୍ଲା ଜିଲ୍ଲାସ୍ତରୀୟ ନିଯୁକ୍ତି, କିନ୍ତୁ କେନ୍ଦୁଝର ଜିଲ୍ଲାର ପ୍ରାର୍ଥୀମାନଙ୍କୁ ସୁଯୋଗ ନ ଦେଇ ନୀତି ନିୟମକୁ ଉଲ୍ଲଂଘନ କରି ୪ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିରୁ ବଂଚିତ କରାଯାଇଥିଲା। ଏହି ୪ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ତା-୨୯/୦୯/୨୦୨୪ରେ କହିଥିଲେ, ଯଦି ଜିଲ୍ଲାରେ ଗ୍ରାମ୍ୟ କୃଷି ପଦବୀ ଖାଲି ଅଛି ଏହି ୪ ଜଣ ପ୍ରାର୍ଥୀଙ୍କବିଷୟ ବିଚାର କରି ନିଯୁକ୍ତି ଦିଆଯାଉ। ଏଥିନେଇ ବିଭାଗୀୟ ସଚିବଙ୍କୁ ୫୭ଥର ସାକ୍ଷାତ କରିବା ପରେ ବି ନିଯୁକ୍ତି ମିଳିନାହିଁ। ଆଶାୟୀ ୪ ପ୍ରାର୍ଥୀ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଆମରଣ ଅନଶନ କରିବା ସହିତ ସଚିବ ଓ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ମାର୍ଚ୍ଚ ୧୬ ତାରିଖରେ ପ୍ରାର୍ଥୀମାନେ ସପରିବାର ଆମରଣ ଅନଶମ ସହିତ ଆବଶ୍ୟକହେଲେ ସମୂହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ୫୫.୬୪ ଗ୍ରାମ ବ୍ରାଉନ ସୁଗାର ଜବତ, ୧୦ଗିରଫ

ତାଳଚେର,୧୧।୩(ନି.ପ୍ର): ମଙ୍ଗଳବାର ସନ୍ଧ୍ୟାରେ ଜନ୍ଦାବାହାଲ କେନାଲ ପାଖରେ ଥିବା ଏକ ବନ୍ଦ ଆଶ୍ରମ ପାଖରେ ବିପୁଳ ପରିମାଣର ବ୍ରାଉନ ସୁଗାର କାରବାର ହେଉଥିବା ଖବର ପାଇ ଏସପିଙ୍କ ନିର୍ଦ୍ଦେଶ ଓ ଏସଡିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ଆଇଆଇସି ଏକ ଟିମ ସହ ଚଢ଼ାଉ କରିଥିଲେ। ପୋଲିସ ଟିମ୍ ୫୫.୬୪ ଗ୍ରାମ ବ୍ରାଉନସୁଗାର(ଯାହାର ମୂଲ୍ୟ ୫,୬୦. ୦୦୦ଟଙ୍କା), ୮ମୋବାଇଲ୍ ଫୋନ୍, ୧୨ହଜାର ଟଙ୍କା ଓ ୪ ବାଇକ ଜବତ କରିଛି। ତାଳଚେର ବାଘୁଆବୋଲ ଅଂଚଳର କିଶାନ ବାରିକ (୨୫), ତାଳବେଡ଼ା ଗ୍ରାମର ଆଦିତ୍ୟ ସାହୁ (୨୬), ହାଟତୋଟାର କୀର୍ତ୍ତି ଆଜାଦ ପ୍ରଧାନ (୨୫), ହାଟତୋଟା ସୂର୍ଯ୍ୟନଗରର ପୂର୍ଣ୍ଣାନନ୍ଦ ସାହୁ (୨୭), କିଶୋର ଗଞ୍ଜ ପାଟଣା ପ୍ରଶାନ୍ତ ନାହାକ (୨୪), କର୍ଙ୍କିଳି ଗ୍ରାମର ଅମର ଦେହୁରୀ (୩୨), ସାଉଥବଲଣ୍ଡାର ସୁରଜ ଭଗତ (୨୮) ଓ ସୌରଭ ସିଂହ (୨୩), ମହାନ୍ତି ନାଏକ(୨୪),ବାଘୁଆବୋଲ ଅଂଳର ସୁବ୍ରତ ନାଏକ (୨୨)ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଏସଡିପିଓ ଜଣାଇଛନ୍ତି। ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଭିନ୍ନଭିନ୍ନ କେସ୍ ରହିଥିବା ପୋଲିସ୍ ସୂତ୍ରରୁ ଜଣାପଡ଼ିଛି।

# ସୁନ୍ଦରପାଳ-ସଢା ରାସ୍ତା ନିମ୍ନମାନର, ଅବଧି ସରିଲା, କାମ ସରିଲାନି



ହାଟଡିହି,୧୧।୩(ନିପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ସୁନ୍ଦରପାଳ-ସଢା ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଏପରିକି ରାସ୍ତା ନିର୍ମାଣ ଅବଧିର ୬ ମାସ ଅତିକ୍ରାନ୍ତ ପରେ ବି ଅଧା କାମ ସରିନି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ସୁନ୍ଦରପାଳ-ସଢା ୨ କିଲୋମିଟର ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇ ୨ କୋଟି ୧୫ଲକ୍ଷ ୪୭ହଜାର ୭୭ଟଙ୍କା ଯୋଗାଇ ଦେଇଥିଲେ ସରକାର। ଗତ ମାର୍ଚ୍ଚ ୨୩ରୁ କାମ ଆରମ୍ଭ କରାଯାଇ ତା-୧୯/୦୯/୨୦୨୫ରେ କାମ ସମ୍ପୂର୍ଣ୍ଣ କରାଯିବା ଲାଗି ଚୁକ୍ତି ହୋଇଥିଲା। ଠିକାଦାର ବହୁ ବିଳମ୍ବରେ କାମ ଆରମ୍ଭ କରିଥିଲେ ଏବଂ ୫୦ଭାଗ କାମ ସରିନି । ୧.୬୫୪ କିଲୋ ମିଟର ପିଚୁ ରାସ୍ତା ୦.୩୪୬ କିଲୋମିଟର କଂକ୍ରିଟ ରାସ୍ତା ଓ ୭ଟି କଲଭଟ ନିର୍ମାଣ କରାଯିବ। ସେହିପରି ୨୦ମିଟର ଡ୍ରେନ୍ ନିର୍ମାଣ ଲାଗି ଧାର୍ଯ୍ୟ ହୋଇଛି । କିନ୍ତୁ ଯେଉଁ କାମ ଚାଲିଛି ସେଥିରେ ସ୍ଥାନୀୟ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଂକ୍ରିଟ କାମରେ ଉପଯୁକ୍ତ ପରିମାଣର ସିମେଣ୍ଟ ଦିଆଯାଇନି। ରାସ୍ତାର ଉପଯୁକ୍ତ ସବ୍ ବେଶ ନିର୍ମାଣ ହେଉନଥିବା ଅଭିଯୋଗ ହୋଇଛି। ଯେପରି ଭାବେ କାମ ହେଉଛି ଆହୁରି ବର୍ଷେରୁ ଊର୍ଦ୍ଧ୍ୱ ସମୟ ଲାଗିଯିବ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରଜତ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗର ତଦନ୍ତ କରାଯାଇ ଉପଯୁକ୍ତ କାମ କରାଯିବ । କାମ କିପରି ଶୀଘ୍ର ସରିବ ସେନେଇ ବ୍ୟବସ୍ଥା କରାଯିବ।

# ଶେରଗଡ ବ୍ଲକ ଅଧ୍ୟକ୍ଷଙ୍କୁ ମରଣାନ୍ତକ ଆକ୍ରମଣ



କୋଦଳା,୧୧।୩ (ନିପ୍ର): ଶେରଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ବ୍ଲକ ପରିସରରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଠିକା କାମରେ ଲୁଟି ଖାଇବାକୁ ଉଦ୍ୟମ କରି ରକ୍ତ ମୁଖା ସାଜିଛନ୍ତି ଶାସକ ଦଳ ସମର୍ଥକ। ସର୍ବ ସମ୍ମୁଖରେ ଅଧ୍ୟକ୍ଷଙ୍କୁ ଆକ୍ରମଣ କରିବା ପରେ ସେମାନଙ୍କ ଗୁଣ୍ଡଗିରି ପଦାରେ ପଡିଛି। ଏଭଳି ଗୁଣ୍ଡାଗିରିକୁ ନେଇ ଆଜି ବିଧାନସଭାରେ ପ୍ରଶ୍ନ ଉଠିଛି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭିତରେ ପଶି ୧୦ ରୁ ଊର୍ଦ୍ଧ୍ୱ ଲୋକ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ବ୍ଲକ ଅଧ୍ୟକ୍ଷଙ୍କ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟାଳୟରେ ବସିଥିବା ସମୟରେ ଦଳେ ଲୋକ ଅତର୍କିତ ଆକ୍ରମଣ କରିଥିଲେ। କୁମାରପାଣି ପଞ୍ଚାୟତର ଠିକା କାମନେଇ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। କୃଷ୍ଣଚନ୍ଦ୍ର ନାୟକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ ଓ ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ଶେରଗଡ଼ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ହୁମ୍ମା ପଞ୍ଚୁଦୋଳ ଯାତ୍ରା ଉଦ୍‌ଯାପିତ

# ୧୩ ଠାକୁରଙ୍କ ମହାମିଳନ ସହ ହରିହର ଭେଟର ନିଆରା ପରମ୍ପରା



ଛତ୍ରପୁର,୧୧।୩(ନି.ପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପଞ୍ଚୁଦୋଳ ଯାତ୍ରାରେ ୧୩ଟି ଠାକୁରଙ୍କ ମହାମିଳନ ଏବଂ ହରିହର ଭେଟ ହୋଇଛି । ଯାହାକୁ ନେଇ ୧୬ ନଂ ଜାତୀୟ ରାଜପଥ ଉତ୍ସବମୁଖର ହୋଇଉଠିଥିଲା। ଯାତ୍ରା ଅବସରରେ ପାଳିବନ୍ଧ ପଞ୍ଚାୟତର କଣ୍ଟିଆଗଡ଼ ଗ୍ରାମର ମହାଦେବ ଶ୍ରୀଶ୍ରୀ ଚନ୍ଦ୍ରଶେଖର ସ୍ୱାମୀ ଖଟୁଆକୁଦା ଗ୍ରାମର ଶ୍ରୀଶ୍ରୀ ରାଜ ଗୋପାଳ ସ୍ୱାମୀ, ହୁମ୍ମା ବଡ଼ ସାହିର ମଦନମୋହନ ସ୍ୱାମୀ, ହୁମ୍ମା ବଡ଼ ସାହି (ପାଣିଗ୍ରାହୀ) ଗୌରୀ ଗଦାଧର ସ୍ୱାମୀ, ମଲାଡ଼ ପଞ୍ଚାୟତ ଲୁଙ୍ଗୁରୀ ଗ୍ରାମର ରାଧାକୃଷ୍ଣ ସ୍ୱାମୀ, କାଇଁଚପୁର ପଞ୍ଚାୟତ ଝାଡ଼କୁଦା ଗ୍ରାମର ରାଧାକୃଷ୍ଣ ସ୍ୱାମୀ, ଗୋପିନାଥ ସାହି ହୁମ୍ମାର ଶ୍ରୀ ଗୋପିନାଥ ସ୍ୱାମୀ, ହୁମ୍ମା ପଞ୍ଚାୟତର କଳାଯମୁନା ଗ୍ରାମର ରାଧାକୃଷ୍ଣ ସ୍ୱାମୀ, ହୁମ୍ମା ମାତା ମଠର ଗିରିଧାରୀ ସ୍ୱାମୀ, ହୁମ୍ମା ରେଡି ସାହିର ରାଧାମାଧବ ସ୍ୱାମୀ, ହୁଷା କୈବର୍ତ୍ତ ସାହିର ରାଧାକୃଷ୍ଣ ସ୍ୱାମୀ, ସୁବଳୟା ପଞ୍ଚାୟତର ବେଲପଡ଼ାର ରାଧାକୃଷ୍ଣ ସ୍ୱାମୀ ସମସ୍ତ ଠାକୁରମାନଙ୍କୁ ବିରାଟ ଶୋଭାଯାତ୍ରାରେ ଗିନି ମୃଦଙ୍ଗ, ଯୁବଗୋଷ୍ଠୀ ଦ୍ୱାରାଙ୍କ ଆଧୁନିକ ନୃତ୍ୟ ମାଧ୍ୟମରେ ଗଡ଼ ହୁମ୍ମା ଛକରେ ପହ ପହଞ୍ଚିବା ପରେ ଗଡ଼ ହୁମ୍ମା ଗ୍ରାମର ମଦନ ମୋହନ ସ୍ୱାମୀ ସମସ୍ତ ଠାକୁରମାନଙ୍କୁ ସ୍ୱାଗତ ଜଣାଇବା ପରେ ହୁମ୍ମା ହାଟ ଯାତ୍ରା ପଡ଼ିଆ ରେ ପହଞ୍ଚିଥିଲେ । ସୁସଜ୍ଜିତ ଦୋଳ ଠାକୁରମାନେ ଯାତ୍ର ପଡ଼ିଆରେ ପହଞ୍ଚବା ପରେ ଦୁଇଗୋଟି ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିଲା । ଠାକୁରମାନଙ୍କ ମହାମିଳନ ସମୟରେ ହଜାର ହଜାର ମହିଳା ପୁରୁଷ ଶ୍ରଦ୍ଧାଳୁ ହୁଳହୁଳି ହରିବୋଲ ଦେଇ ଠାକୁରମାନଙ୍କ ମହାମେଳନରେ ଅବଲୋକନ କରିଥିଲେ । ସେହିପରି ଶନିବାର ରାତ୍ରରେ ପ୍ରତ୍ୟେକ ଠାକୁରଙ୍କ ବିଜେ ସ୍ଥଳ ମନ୍ଦିର ସମ୍ମୁଖରେ ରାମାୟଣ, ଭାରତଲୀଳା, ନବରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା ।

# ଖେଳ ଇଣ୍ଡିଆ ଲିଗ୍: ମୟୂରଭଞ୍ଜ ପେନକାକ୍ ସିଲଟର ସଫଳତା




କରଞ୍ଜିଆ,୧୧।୩(ନିପ୍ର): ଇଷ୍ଟ ଜୋନ୍ ଅସ୍ମିତା ଖେଳ ଇଣ୍ଡିଆ ଲିଗ୍ ଚଳିତ ମାସ ୭ ଏବଂ ୮ ତାରିଖରେ ଝାରସୁଗୁଡା ଅଡିଟୋରିୟମ ତଥା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରାଳୟ ସହଯୋଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟରୁ ପ୍ରାୟ ୧୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ କରଞ୍ଜିଆ ଅଂଚଳର ପେନ୍‌କାକ୍ ସିଲଟ ପ୍ରତିଯୋଗୀମାନେ ଖୁବ ଭଲ ପ୍ରଦର୍ଶନ କରିଛନ୍ତି । ତନ୍ମଧ୍ୟରୁ ଉମାଦେବୀ ପାତ୍ର, ଗାୟତ୍ରୀ ବଡ୍ରା, ଭାଗ୍ୟଶ୍ରୀ ମହାନ୍ତ, ସମୀକ୍ଷା ପ୍ରିୟଦର୍ଶିନୀ ମହାନ୍ତ, ଅନୁଷ୍କାପ୍ରିୟା ନାୟକ, ଭାଗ୍ୟଲକ୍ଷ୍ମୀ ସୋରେନ ଦଳଗତ ଭାବେ ୧୧ଟି ସ୍ୱର୍ଣ୍ଣ ପଦକ ଏବଂ ୪ ଜଣ ଦଳଗତ ଭାବେ ୫ଟି ରୌପ୍ୟ ପଦକ ହାସଲ କରିଛନ୍ତି । ଦୀକ୍ଷାଦୀପଶିଖା ମହାକୁଡ, ନିରଞ୍ଜନା ବେହେରା, ଦିଶା ମହାନ୍ତ ଦଳଗତ ଭାବେ ୧୧ଟି କାଂଶ୍ୟ ପଦସ ହାସଲ କରି କରଞ୍ଜିଆ ଅଂଚଳ ତଥା ଓଡିଶାର ମଧ୍ୟ ଗୌରବ ଆଣିଛନ୍ତି । ଏହି ସଫଳତା ପାଇବା ପରେ ପିଲାମାନେ ତଥା ଅଭିଭାବକମାନେ କୋଚ ଉମାବତୀ ପାତ୍ର ଏବଂ ଗୁରୁ ଆଶିଷ ରଞ୍ଜନ ମହାନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଢେଙ୍କାନାଳ ସହରର ବିକାଶ ପାଇଁ ୧୩୦କୋଟି ଟଙ୍କାର ଉଚ୍ଚାକାଂକ୍ଷୀ ଯୋଜନା



ଢେଙ୍କାନାଳ,୧୧।୩(ନିପ୍ର): ଢେଙ୍କାନାଳ ପୌରାଞ୍ଚଳ ପାଇଁ ୧୩୦କୋଟି ଟଙ୍କାର ଉଚ୍ଚାକାଂକ୍ଷୀ ଯୋଜନା କରାଯାଇଥିବାର ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସୂଚନା ଦେଇଛନ୍ତି। ପୌରାଧ୍ୟକ୍ଷାଙ୍କ ନୂତନ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଲଗ୍ନ ତଥାକଥିତ ଗୁପ୍ତ ପ୍ରକୋଷ୍ଠରେ ଶ୍ରୀମତୀ ପାତ୍ର ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥଙ୍କୁ ଢେଙ୍କାନାଳ ସହରାଂଚଳର ବିକାଶ ସଂପର୍କିତ ଟିକିନିକି ତଥ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ ଯେ ସେ ଜଣେ ମହିଳା ହୋଇଥିବାରୁ ତାଙ୍କର ବ୍ୟକ୍ତିଗତ ବ୍ୟବହାର, ବିଶ୍ରାମ ଓ ବିଶେଷ ସାକ୍ଷାତ ଆଲୋଚନା ପାଇଁ ଏହି ପ୍ରକୋଷ୍ଠ ଉଦ୍ଦିଷ୍ଟ । ଏହା କୌଣସି ଗୁପ୍ତ କାରବାର ପାଇଁ ଉଦ୍ଦିଷ୍ଟ ନୁହେଁ।

୭୫ବର୍ଷର ପୁରାତନ ପୌରାଞ୍ଚଳ ବିକାଶ ପାଇଁ ଉତ୍ତର ଦିଗରେ ସିମିଳିଆ, ଦକ୍ଷିଣରେ ବଳରାମ ମନ୍ଦିର ସନ୍ନିକଟ ଏ.ଏନ୍.ଏମ୍ କେନ୍ଦ୍ର ସମ୍ମୁଖ ରାସ୍ତା, ପୂର୍ବରେ କଲେଜ୍ ବାଇପାସ୍ ଛକ ଏବଂ ପଶ୍ଚିମରେ କୋରିଆଁ ବାଇପାସ୍ ଛକରେ ସ୍ୱତନ୍ତ୍ର ପ୍ରବେଶ ତୋରଣ ପୂର୍ତ୍ତ ବିଭାଗ ସହଯୋଗରେ ନିର୍ମିତ ହେଉଛି । ଏଥିପାଇଁ ତୋରଣ ପିଛା ପ୍ରାୟ ୯୦ଲକ୍ଷ ଟଙ୍କାର ବ୍ୟୟ ବରାଦ ରହିଛି । କୋରିଆଁ ବାଇପାସ୍ ଛକର ଟ୍ରାଫିକ୍ କେନ୍ଦ୍ର ସ୍ଥଳରେ ଅଶ୍ୱାରୋହୀ ଛତ୍ରପତି ଶିବାଜୀଙ୍କ ଏକ ଭବ୍ୟ ପ୍ରତିକୃତି ନିର୍ମାଣ ହେବ । ଏଥିପାଇଁ ୪୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ ସଂଲଗ୍ନ ସ୍ଥାନରେ ଏକ ସ୍ମାର୍ଟ ପାର୍କ ୪କୋଟି ୭୦ଲକ୍ଷ ଟଙ୍କାରେ ଆଗେଇ ଚାଲିଛି । ଏହି ପାର୍କରେ ଆଲୋକ ସହ ମୃଦୁ ସଙ୍ଗୀତ ଝଙ୍କାରର ସମନ୍ୱୟ ଦେଖିବାକୁ ମିଳିବ ବୋଲି ପୌରାଧ୍ୟକ୍ଷା ଶ୍ରୀମତୀ ପାତ୍ର ପ୍ରକାଶ କରିଥିଲେ । ଯାଉଁଳି ପୋଖରୀର ରଥଗଡା ପାର୍ଶ୍ୱରେ ଚାରିଚକିଆ ଯାନର ରହଣି ବ୍ୟବସ୍ଥା କରାଯାଇ ସେଠାରୁ ବାଜିଚୌକ ଛକ ପର୍ଯ୍ୟନ୍ତ ନିରନ୍ତର ମାଗଣା ବ୍ୟାଟେରୀ ଗାଡିର ବ୍ୟବସ୍ଥା କରାଯିବ । ଏହାଦ୍ୱାରା ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ଓ ଭିଡ ନିୟନ୍ତ୍ରଣ ସହ ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତି ନିଜ ନିଜର ଆବଶ୍ୟକ ଜିନିଷପତ୍ର କିଣାକିଣି କରି ପୁନର୍ବାର ଗାଡି ପାର୍କିଂ ସ୍ଥାନକୁ ଫେରିପାରିବେ ।

ବରିଷ୍ଠ ନାଗରିକଙ୍କ ପାଇଁ ୧୫ଲକ୍ଷ ଟଙ୍କାର ଚିତବିନୋଦନ କେନ୍ଦ୍ର ଏବଂ ଇ-ପାଠାଗାର ଓ ପାଠାଗାର ବ୍ୟବସ୍ଥା ଥାଇ ଲିଫ୍ଟ ସଂଯୋଗ ଥିବା ଏକ ତିନିମହଲା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ୧କୋଟି ୬୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ମୋଟ୍ ୧୧କୋଟି ଟଙ୍କା ବ୍ୟୟରେ ସହରବାସୀଙ୍କ ସାମାଜିକ ଉତ୍ସବ ପାଳନ ଉଦ୍ଦେଶ୍ୟରେ ସହରର ଜୁବୁଲି ଟାଉନ୍ ବୁଢୀଠାକୁରାଣୀଙ୍କ ନିକଟତମ ସ୍ଥାନରେ, କାଲ୍‌ଟାକ୍ସ ରନ୍‌ବଜାର ଅଂଚଳରେ, ସିମିଳିଆ ଓ ମହିଷାପାଟ ଠାରେ ସାମାଜିକ ମଣ୍ଡପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ଏପରି ଅନେକ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ପୌରାଧ୍ୟକ୍ଷା କହିଥିଲେ। ସହରର ସୌନ୍ଦର୍ଯ୍ୟକରଣ କରାଯାଇ ଢେଙ୍କାନାଳ ରାଜପ୍ରାସାଦ ଓ ଗଡଜାତ ରାଜ୍ୟର ପ୍ରତିଷ୍ଠାତା ହରିସିଂହ ବିଦ୍ୟାଧରଙ୍କ ପ୍ରତିକୃତି ପ୍ରତିଷ୍ଠା କରାଯିବ। ଐତିହାସିକ କୁଟୁଣିଆ ପାହାଡ ଶୀର୍ଷରେ ଢେଙ୍କାସବରଙ୍କ ଏକ ବିଶାଳ ସ୍ମାରକି ମୂର୍ତ୍ତି ପ୍ରତିଷ୍ଠା ସହ ଉପରକୁ ଯିବା ପାଇଁ ପକ୍କା ବୁଲାଣି ରାସ୍ତା ଓ ମନୋରମ ଉଦ୍ୟାନ ଆଦି ପ୍ରତିଷ୍ଠା ବାବଦକୁ ପ୍ରାୟ ୭୦ କୋଟି ଟଙ୍କାର ଓକ ଉଚ୍ଚାକାଂକ୍ଷୀ ଯୋଜନା କରାଯାଇଛି ବୋଲି ଶ୍ରୀମତୀ ପାତ୍ର କହିଥିଲେ ।

# ଉଭିଦ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ



ଆନନ୍ଦପୁର,୧୧।୩(ନି.ପ୍ର): ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଉଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଭାରତୀ ସାହୁଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ଜାଗୁତି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ରେଖାଞ୍ଜଳୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ ଓ ଦେବାଙ୍ଗିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ସୁବ୍ରତ ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଭାରତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସର୍ବ ପ୍ରଥମେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଡ. ନିମାଇଁ ଚରଣ ରାଉତ, ଶକ୍ତିପ୍ରସାଦ ମହାପାତ୍ର, ପୁଷ୍ପଲତା ରାମ, ଅନିତା ଦାସ, ନରେଶ ସାହା, ସୁରୁଚୀ ସ୍ୱାଇଁ, ମନୋଜ ନାୟକ ଯୋଗଦେଥିଲେ। ପ୍ରମୁଖ ବକ୍ତା ଭାବେ ନର୍ଥ ଜୋନ୍ ଉଚ୍ଚ ମାଧ୍ୟମିସ ଶିକ୍ଷା ପରିଷଦର ଉପ ସଚିବ ଡ. ରାଜେଶ କୁମାର ପ୍ରଧାନ ଯୋଗ ଦେଇ ଦୈନନ୍ଦିନ ଜୀବନରେ ଉଭିଦ ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭାଗର ବୁଲେଟିନ୍ ବନାନୀକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ । ଶ୍ରୀଲେଖା ସାହୁ, ସଂଘମିତ୍ରା ରାଉତ, ହେମା ଗୁପ୍ତା, ଶବିନା ଆର ବେଗମ, ଆଦ୍ୟାଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାର ଉନ୍ନତି ଉପରେ ଆଇଆଇଟିରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୧୧ ।୩(ନିପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୧୩–୧୪ ମାର୍ଚ୍ଚ ୨୦୨୬ରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ) ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀ ୨୦୨୬: ଏନଇପି ୨୦୨୦ ମାଧ୍ୟମରେ ଅଗ୍ରଗତି ଆୟୋଜନ କରିବାକୁ ଯାଉଛି। ଏହି ଦୁଇ ଦିନିଆ ସମ୍ମିଳନୀ ଶିକ୍ଷା ପରିବେଶର ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରି ଜାତୀୟ ବୃତ୍ତିଗତ ମାନଦଣ୍ଡ ଶିକ୍ଷକ (ଏନପିଏସଟି) ଏବଂ ଜାତୀୟ ପରାମର୍ଶ ମିଶନ(ଏନଏମଏମ) ର ଦେଶବ୍ୟାପୀ କାର୍ଯ୍ୟକାରିତା ଉପରେ ବିଚାର ବିମର୍ଷ କରିବ। ୧୩ ମାର୍ଚ୍ଚ ୨୦୨୬ରେ ଅନୁଷ୍ଠିତ ଉଦଘାଟନୀ ଅଧିବେଶନରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଯୋଗଦେବେ। ଏହି ଅଧିବେଶନରେ ଏନସିଟିଇର ଅଧ୍ୟକ୍ଷ ପ୍ରଫେସର ପଙ୍କଜ ଆରୋରା ମୁଖ୍ୟ ଭାଷଣଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଅଭିଭାଷଣ ପ୍ରଦାନ କରିବେ। ଏହି ଦ୍ୱି–ଦିବସୀୟ ସମ୍ମିଳନୀ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ – ଆସାମ, ଅରୁଣାଚଳ ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ସିକିମ, ତ୍ରିପୁରା ଏବଂ ପଶ୍ଚିମବଙ୍ଗର ଅଂଶୀଦାରମାନଙ୍କ କ୍ଷମତା ନିର୍ମାଣ ଉପରେ ଧ୍ୟାନ ଦେବ ଯାହା ଦ୍ୱାରା ଜାତୀୟ ଶିକ୍ଷା ନୀତି () ୨୦୨୦ ଅଧୀନରେ ପରିକଳ୍ପିତ ଏହି ପ୍ରମୁଖପଦକ୍ଷେପଗୁଡ଼ିକର କାର୍ଯ୍ୟକାରୀତାକୁ ସମର୍ଥନ କରାଯାଇପାରିବ। ଏହି କନକ୍ଲେଭରେ ଏନପିଏସଟି ଡିଜିଟାଲ ପୋର୍ଟାଲ, କାର୍ଯ୍ୟାନ୍ୱୟନ ରଣନୀତି ଏବଂ ଅଂଶୀଦାରଙ୍କ ସହ ସମ୍ପର୍କ ଉପରେ ଧ୍ୟାନ ଦେଇ ଏକାଧିକ ବୈଷୟିକ ଅଧିବେଶନ, ପ୍ରଦର୍ଶନ ଏବଂ ହାତପାଖିଆ ଆଲୋଚନା ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନରେ ଜାତୀୟ ପରାମର୍ଶ ମିଶନ (ଏନଏମଏମ)ର ଦୃଷ୍ଟିକୋଣ, ଢାଞ୍ଚା ଏବଂ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରାଯିବ, ସହିତ ଏନଏମଏମ ଡିଜିଟାଲ ପ୍ଲାଟଫର୍ମର ପ୍ରଦର୍ଶନ ଏବଂ ଅଂଶଗ୍ରହଣକାରୀଙ୍କ ପାଇଁ ପାରସ୍ପରିକ ଆଲୋଚନା ଅଧିବେଶନ ମଧ୍ୟ କରାଯିବ। ଏନଇପି ୨୦୨୦ ର ପରିବର୍ତ୍ତନକାରୀ ଲକ୍ଷ୍ୟ ସହିତ ସମନ୍ୱୟ ରକ୍ଷା କରି ସାରା ଦେଶରେ ଶିକ୍ଷକଙ୍କ ବୃତ୍ତିଗତ ମାନଦଣ୍ଡ ଏବଂ ପରାମର୍ଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନୀତିନିର୍ଦ୍ଧାରକ, ଶିକ୍ଷକ ଶିକ୍ଷକ, ଅନୁଷ୍ଠାନିକ ନେତାଏବଂ ପ୍ରଶାସକଙ୍କ ମଧ୍ୟରେ ଆଲୋଚନାକୁ ସହଜ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।




# କିଟ୍‌ରେ ହେବ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ



ଭୁବନେଶ୍ୱର, ୧୧ ।୩(ନିପ୍ର): କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ। ଆସନ୍ତା ଏପ୍ରିଲରେ କିଟ୍ କ୍ୟାମ୍ପସରେ ଆୟୋଜିତ ହେବ ଏହି ମେଗା ଇଭେଣ୍ଟ। ଏ ନେଇ ଆଜି ମୁମ୍ବାଇଠାରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଫେମିନା ମିସ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ପ୍ରଥମ ଥର ପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ମେଗା ଇଭେଣ୍ଟ ଆୟୋଜନ କରାଯାଉଛି। ଏହା ସହିତ ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର କିଟ୍ ରେ ଆୟୋଜନ କରାଯାଉଛି।କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ ଅଫ୍ ଆର୍କିଟେକଚର ମହାନିର୍ଦ୍ଦେଶକ ପ୍ରଫେସର ଏସ୍ ଏସ୍ ରାୟ ଓ ଟାଇମ୍ ଗ୍ରୁପ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଗୋପ କୁମାର ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।ମୁମ୍ବାଇର ଟାଇମସ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୫ର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବୁଝାମଣା ସମୟରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଫେମିନା ମିସ୍ ଇଣ୍ଡିଆ ପକ୍ଷରୁ ଦୀର୍ଘ ୪ ମାସ ପୂର୍ବରୁ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ଭିତ୍ତିଭୂମି ବୁଲି ଦେଖିଥିଲେ। କିଟର ଅତି ସୁନ୍ଦର ଭିତ୍ତିଭୂମି ଦେଖି କିଟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଫେମିନା ମିସ୍ ଇଣ୍ଡିଆ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ସୂଚନା ଦେଇ ଶ୍ରୀ ସାମନ୍ତ କହିଲେ ଏହା ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ ହୋଇଥିବାରୁ ଏହା କିଟ୍, କିସ୍ ଓ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏଥିପାଇଁ ଶ୍ରୀ ସାମନ୍ତ ଟାଇମସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବିନୀତ ଜୈନ, ସିଇଓ ରୋହିତ ଗୋପକୁମାର ଓ ଫେମିନା ମିସ୍ ଇଣ୍ଡିଆ ଦଳକୁ ଧନ୍ୟବାଦ ଜଣାଇଥିଲେ।

# ଅନନ୍ୟା ଅନୁଷ୍ଠାନ ପକ୍ଷରୁ ସେବତୀର ଶବ ନାଟକ ମଞ୍ଚସ୍ଥ



ଭୁବନେଶ୍ୱର,୧୧/୩(ନିପ୍ର): ଭୁବନେଶ୍ୱରର ଏକ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ଅନନ୍ୟା' ପକ୍ଷରୁ ତିନିଦିନ ବ୍ୟାପି ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ସେବତୀର ଶବ' ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି ଅନନ୍ୟାର ସଭାପତି ଚିତ୍ତରଞ୍ଜନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ତଥା ନାଟକ ଜଗତର ସୁନାମଧନ୍ୟ ଅଭିନେତା ଶ୍ରୀଯୁକ୍ତ ବିନାୟମ ମିଶ୍ର ମୁଖ୍ୟଅତିଥି ରୂପେପ୍ରଦୀପ ପ୍ରଜ୍ୱଳନ କରିଥିଲେ ନାଟକର ମୂଳଗଳ୍ପ ଭାବେ ପଣ୍ଡିତ ଗୋଦାବରୀଶ ମିଶ୍ର, ନାଟ୍ୟରୂପ ଭାବେ ପ୍ରତାପ ରାଉତ ଏବଂ ଗୋପକୃଷ୍ଣ ନାୟକ ନାଟ୍ୟସମ୍ପାଦନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ। ସୁନୀଲ ପଟ୍ଟନାୟକ ଉକ୍ତ ନାଟକରେ ମାନୁ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମିଶ୍ର, ଦେବେନ୍ଦ୍ର ସୁନ୍ଦରାୟ, ରାଜେଶ ମହାନ୍ତି, ସ୍ୱସ୍ତିକ ଦାସ, ସଞ୍ଜୟ ଜେନା, ଅକ୍ଷୟ ଜେନା, ସୂର୍ଯ୍ୟ ନାରାୟଣ ପ୍ରଧାନ, ଧରିତ୍ରୀ ଖଣ୍ଟୁଆଳ ଓ ଦିପାଞ୍ଜଳି ମହାନ୍ତି ପ୍ରମୁଖ ଅଭିନୟ କରିଥିବାବେଳେ ସଙ୍ଗୀତ ପରିବେଷଣ ଭାବେପ୍ରତାପ ରାଉତ, ଆଲୋକ ସାଜସଜ୍ଜା ଭାବେ ସଞ୍ଜୟ ସାହା, ମଞ୍ଚସଜ୍ଜା ଭାବେ ତ୍ରିମୂର୍ତ୍ତି ଏବଂ ବେଶପୋଷାକ ଭାବେ ମାମା ଚିତ୍ରାଳୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ ଏଥିରେ ବହୁ ନାଟକପ୍ରେମୀ ଓ ପରିଦର୍ଶକ ଯୋଗଦାନ କରି ଏହାକୁ ସଫଳ କରିଥିଲେ ।

# କଥକ ନୃତ୍ୟାଙ୍ଗନା ସଂଗୀତାଙ୍କୁ ଡକ୍ଟରେଟ




ଭୁବନେଶ୍ୱର, ୧୧।୩(ନିପ୍ର): ଭାରତୀୟ ଶାସ୍ତ୍ରୀୟ କଥକନୃତ୍ୟର ଦେଶ ବିଦେଶରେ ପ୍ରଚାର ପ୍ରସାର କରି ଆସୁଥିବା ଅତି ବରିଷ୍ଠ ତଥା ବିଶିଷ୍ଟ କଥକନୃତ୍ୟ ଗୁରୁ ସଂଗୀତା ସାହୁଙ୍କୁ ଆମେରିକା ସ୍ଥିତ ସାଉଥ ୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର କଟକଠାରେ ସର୍ବପ୍ରଥମ ଓ ଏକମାତ୍ର ନିଜସ୍ୱ କଥକନୃତ୍ୟ ଶିକ୍ଷାନୁଷ୍ଠାନ ସଂଗୀତା କଥକ ନୃତ୍ୟ ଏକାଡେମୀ ମାଧ୍ୟମରେ ସାହସ୍ରାଧିକ ନୃତ୍ୟଶିଳ୍ପୀ ସୃଷ୍ଟି କରିବାସହ ଅନେକଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରାଇବାସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କଥକ ନୃତ୍ୟର ପ୍ରଚାର ପ୍ରସାର କରିଆସୁଛନ୍ତି ସଂଗୀତା। ନୂଆଦିଲ୍ଲୀସ୍ଥିତ ସମ୍ରାଟ ସମ୍ମିଳନୀ କକ୍ଷରେ ଭାରତ ସର୍ବୋଚ୍ଚ ଉଚ୍ଚନ୍ୟାୟାଳୟର ଆଇନ ବିଶାରଦ ଡ଼କ୍ଟର ଶିବାବାଲମୃଗନ, ଡ଼କ୍ଟର ବିଜୟ ଜୋଲି ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସରଗଣ ସଂଗୀତାଙ୍କୁ ସାର୍ଟିଫିକେଟ, ସ୍ମୃତିପଦକ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି। ଏହି ଉପାଧିଯୁକ୍ତ ସଂମ୍ମାନ ମୋର ବାପା, ମାଆ, ଭାଇ ଓ ଶଶୁର ଶ୍ରୀଯୁକ୍ତ ଖିରୋଦ ଚନ୍ଦ୍ର ସାହୁ, ଶାଶୁ କଲ୍ୟାଣୀ ସାହୁ ଓ ସମସ୍ତ ଯାଆ, ଦେଢଶୁର ଓ ପରିବାର ବର୍ଗଙ୍କ ସାହାଯ୍ୟ ସହଯୋଗ ଓ ମୋର ପୂଜ୍ୟ ଦର୍ଶକ ମାନଙ୍କ ଆଶୀର୍ବାଦରୁ ସମ୍ଭବ ହୋଇପାରିଛି ବୋଲି ନୃତ୍ୟଙ୍ଗନା ସଂଗୀତା ସାହୁ କହିଛନ୍ତି। ନୃତ୍ୟଶିଳ୍ପୀ ସଂଗୀତା ପଶ୍ଚିମବଙ୍ଗର ଝିଅ କଟକ କଲେଜଛକ ବିଶିଷ୍ଟ ବ୍ୟବସାୟୀ ତଥା ରାଜନୀତିଜ୍ଞ ଖିରୋଦ କୁମାର ସାହୁଙ୍କ ଅଧମ ପୁତ୍ର ଅରୁଣ କୁମାର ସାହୁଙ୍କୁ ବିବାହକରି ଯୌଥ ପରିବାରରେ ସୁଗୃହିଣୀ ଓ ନୃତ୍ୟଶିଳ୍ପୀ ଭାବରେ ଖୁ ସୁନାମ ଅର୍ଜନ କରୁଛନ୍ତି। ଏଥିପାଇଁ ବିଭିନ୍ନ କଳାକାର ଓ ବୁଦ୍ଧିଜୀବି ପ୍ରଶଂସା କରିଛନ୍ତି ।

# ସୋଆ ଆଇବିସିଏସ୍ ପକ୍ଷରୁ ବିଜିନେସ୍ ମେଳା 'ମାର୍କ–ଆଇଟି'



ଭୁବନେଶ୍ୱର, ୧୧।୩ (ନିପ୍ର) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ) ପକ୍ଷରୁ ବୁଧବାର କ୍ୟାମ୍ପସ୍ ୨ ପରିସରରେ 'ମାର୍କ –ଆଇଟି : ମ୍ୟାର୍କେଟିଂ ଫେୟାର୍ ୧.୦ –୨୦୨୬' ବିଜିନେସ୍ ମେଳା ଆୟୋଜିତ ହୋଇଯାଇଛି।ଏହି ଅବସରରେ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ ଉଦ୍‌?ଘାଟନ କରିବା ଅବସରରେ ଶ୍ରୀମତି ଦାସ କହିଥିଲେ ଯେ କେବଳ ଅଧ୍ୟୟନ ନୁହେଁ ବରଂ ଏଥି ସହିତ ଛାତ୍ରଛାତ୍ରୀମାନେ କିଭଳି ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିପାରିବେ ତାହାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ମେଳା ଏକ ଭିନ୍ନଧରଣ ପ୍ରୟାସ ଯାହାକି ପ୍ରଥମ ଥର ପାଇଁ ଆଇବିସିଏସ୍ ପକ୍ଷରୁ ଆୟୋଜନ କରାଇଛି ବୋଲି ଶ୍ରୀମତି ଦାସ କହିଥିଲେ ଏଭଳି ପ୍ରୟାସ ଦ୍ୱାରା ଛାତଛାତ୍ରୀମାନେ ନିଜ ଭିତରେ ଥିବା ଅଭିନବ ଚିନ୍ତାଧାରା, କଳାକୌଶଳକୁ ପ୍ରସ୍ଫୁଟିତ କରିପାରିବେ ବୋଲି ସେ କହିଥିଲେ ପ୍ରତିବର୍ଷ ଏଭଳି ବିଜିନେସ୍ ମେଳା ଆୟୋଜିତ ହେଲେ ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ବହୁ ଉପକୃତ ହୋଇପାରିବେ ବୋଲି ଶ୍ରୀମତି ଦାସ କହିଥିଲେ । ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଏଭଳି ବିଜିନେସ ମେଳା ଦ୍ୱାରା ଛାତ୍ରଛାତ୍ରୀମାନେ ମାର୍କେଟିଂ ଦିଗ ପ୍ରତି ଆକୃଷ୍ଟ ହେବେ ବୋଲି କହିଥିଲେ ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ମାର୍କେଟିଂର ସମସ୍ତ ଜ୍ଞାନ କୌଶଳ ଆହରଣ କରିପାରିବେ ବୋଲି କୁଳପତି ଆଶାବ୍ୟକ୍ତ କରିଥିଲେ ।ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ , ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡ.) ଅୟସକାନ୍ତ ମହାନ୍ତି ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଓ ଆଇବିସିଏସ୍‌ର ଆସୋସିଏଟ୍‌ଡିନ୍‌ପ୍ରଫେସରମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲି ଚୋରା ଚାଲାଣ, କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି



କୋରାପୁଟ,୧୧।୩(ନିପ୍ର): କୋରାପୁଟ ଜିଲ୍ଲାର ବିଭିନ୍ନ ନଦୀକୂଳରୁ ଉଠୁଛି ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ବାଲି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଟ କରୁଛନ୍ତି ବାଲି ମାଫିଆ। ଜୟପୁର ଲଘୁ ଖଣିଜ ବିଭାଗ ଅଧୀନ କୋଲାବ ନଦୀ, ଶାବରୀ ନଦୀ, ଇନ୍ଦ୍ରାବତୀ ଓ ସୁରୁଲି ନଦୀରେ ଚାଲିଛି ବାଲି ମାଫିଆଙ୍କ ରାଜ। ଜିଲ୍ଲାରେ ୫୫ ଟି ବାଲିଘାଟ ରହିଥିବା ବେଳେ ସେଥିରୁ ୧୩ଟି ଲିଜ୍ ଦିଆଯାଇଛି। ଅନ୍ୟ ୪୨ ଟି ବିନା ଲିଜ୍‌ରେ ଚାଲିଛି ଓ ବାଲି ଲୁଟ୍‌ର କେନ୍ଦ୍ର ପାଲଟିଥିବା ସୂଚନା ମିଳିଚି। ଲିଜ୍ ଦିଆଯାଇଥିବା ୧୩ ଘାଟର ଇ–ପାସ୍ ଜେନେରେଟ୍ ହୋଇଥିବା ବେଳେ ରୟାଲିଟି ଆଦାୟ କରାଯାଉଛି ବୋଲି ଲଘୁ ଖଣିଜ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ଘାଟ ଲିଜ୍ ହୋଇନାହିଁ ସେଠାରୁ ବାଲି ଉଠାଯାଉଛି ଏବଂ ଯେଉଁଠି ଘାଟ ନାହିଁ କିନ୍ତୁ ବିପୁଳ ପରିମାଣରେ ବାଲି ରହିଛି ସେଠାରୁ ମଧ୍ୟ ବାଲି ଚୋରା ଚାଲାଣ ହେଉଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଜୟପୁର ତହସିଲ ଫାମ୍ପୁଣି ପଞ୍ଚାୟତର ବାର୍ଲାହାଣ୍ଡି ଗ୍ରାମ ନିକଟରେ। ଜୟପୁର ପେପର୍ ମିଲକୁ ଜଳ ଯୋଗାଉଥିବା ପମ୍ପ ହାଉସ୍ ଠାରୁ ମାତ୍ର ୨ଶହ ମିଟର ମଧ୍ୟରେ ସେଠାରେ ମେସିନ୍ ସାହାଯ୍ୟରେ ବାଲି ଚୋରା ଚାଲାଣ ହେଉଛି। ଏମିତି କିଛି ଅଞ୍ଚଳ ରହିଛି ଯେଉଁଗୁଡ଼ିକର ଜନଜୀବନ ପ୍ରତି ବାଲିଘାଟ ବିପଦ ସୃଷ୍ଟି କରୁଛି। ୩୨୬ନଂ ଜାତୀୟ ରାଜପଥ ବୈପାରିଗୁଡା ତହସିଲ ଅନ୍ତର୍ଗତ ମହୁଲି ବ୍ରିଜ୍ ନିକଟ ନଦୀ ଗର୍ଭରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଯଦ୍ୱାରା ବ୍ରିଜ୍ ଭୁଶୁଡିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ବ୍ରିଜ୍ ଠାରୁ ଦୁଇ ଶହ ମିଟର ଦୂରରୁ ବାଲି ବାହାର କରିବାକୁ ଚୁକ୍ତି ହୋଇଥିବା ଲିଜ୍‌ଧାରୀ ୫୦ରୁ ୧୦୦ ମିଟର ମଧ୍ୟରେ ବାଲି ଉତ୍ତୋଳନ କରଛନ୍ତି। ଏଥିପାଇଁ ଜାତୀୟ ରାଜପଥ ଅସୁରକ୍ଷିତ ହୋଇ ପଡ଼ିଛି। ଯେଉଁ ବାଲିଘାଟ ଗୁଡ଼ିକ ଲିଜ୍ ହୋଇନାହିଁ ଉକ୍ତ ଘାଟଗୁଡ଼ିକରେ ଦିନ ରାତି ଚାଲିଛି ବାଲି ଚୋରା ଚାଲାଣ । ଅନ୍ଧାରରେ ହେଉଛି ଲକ୍ଷ ଲକ୍ଷ ଟଙ୍କାର ଖେଳ। ରାତି ସହିତ ଯେମିତି ଶୋଇଯାଇଛି ଜୟପୁର ଲଘୁ ଖଣିଜ ବିଭାଗ। ଯେଉଁ କାରଣରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ, ଜୟପୁର ଲଘୁ ଖଣିଜ ବିଭାଗରେ କମ୍ କର୍ମଚାରୀ ଥିବା ଯୋଗୁଁ ବାଲି ଚୋରା ଚାଲାଣକୁ ରୋକିବାରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ବାଲିଘାଟ ଲିଜ୍ ପ୍ରଦାନ କ୍ଷମତା ତହସିଲଦାରଙ୍କୁ ଦିଆଗଲେ ବାଲି ଚୋରା ଚାଲାଣ ରୋକିବାରେ ସୁଫଳ ମିଳିପାରନ୍ତା ବୋଲିଆଲୋଚନା ହେଉଛି।

# ଡିଏସ୍‌ପି ୱିନ୍‌ଭେଷ୍ଟର ପଲ୍‌ସ୍ ୨୦୨୫–୨୬ ଉନ୍‌ମୋଚିତ

ମୁମ୍ବାଇ,୧୧।୩(ଏଜେନ୍ସି): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ, ୟୁଗଭ୍ ସହିତ ସହଭାଗୀତାରେ ୧୩ଟି ସହରରେ ୫,୦୫୦ ସହରାଞ୍ଚଳ ପୁଞ୍ଜିନିବେଶକାରୀଙ୍କ ସମ୍ପର୍କରେ ରାଷ୍ଟ୍ରବ୍ୟାପୀ ଅଧ୍ୟୟନ କରିବାକୁ ଡିଏସ୍‌ପି ୱିନ୍‌ଭେଷ୍ଟର ପଲ୍‌ସ୍ ୨୦୨୫–୨୬ ଉନ୍ମୋଚନ କରିଛି। ଯେଉଁଥିରେ ଭାରତର ପୁଞ୍ଜିନିବେଶ ଦୃଶ୍ୟପଟ୍ଟରେ ନିର୍ଣ୍ଣାୟକ ସ୍ଥାନାନ୍ତରଣ ସମ୍ପର୍କରେ ପ୍ରକାଶ କରାଯାଇଛି । ମହିଳାମାନେ ଅଧିକରୁ ଅଧିକ ସେମାନଙ୍କର ଆର୍ଥିକ ନିଷ୍ପତ୍ତିଗୁଡିକର ଦାୟିତ୍ୱ ନିଜେ ନେଉଥିବା ପରିଲକ୍ଷିତ ହୋଇଛି। ଲିଙ୍ଗ ନିର୍ବିଶେଷରେ ୮୪% ପୁଞ୍ଜି ନିବେଶକ କହିଛନ୍ତି, ସେମାନେ ନିଜସ୍ୱ ପୁଞ୍ଜିନିବେଶ ନିଷ୍ପତ୍ତି ନେବା କ୍ଷେତ୍ରରେ ପୂର୍ଣ୍ଣ ଆତ୍ମବିଶ୍ୱାସୀ ମନେ କରିଥାନ୍ତି। ମାତ୍ର ୩୩% କହିଛନ୍ତି, ଏହା ହାସଲ କରିବା ନିମନ୍ତେ ସେମାନଙ୍କର ଉଭୟ ଆର୍ଥିକ ଲକ୍ଷ୍ୟ ଏବଂ ଏକ ସୁସଂହତ ଯୋଜନା ରହିଛି। ଅନେକ ଦୀର୍ଘସୂତ୍ରୀ ପୁଞ୍ଜିନିବେଶକୁ ତିନିବର୍ଷ ଅଥବା ତାହାଠାରୁ କମ୍ ଭାବରେ ବର୍ଣ୍ଣନା କରିଥିବାବେଳେ ମାତ୍ର ୨୮% ସ୍ପଷ୍ଟ ଭାବରେ ଦୀର୍ଘସୂତ୍ରୀ ପୁଞ୍ଜିନିବେଶକୁ ପାଞ୍ଚବର୍ଷ ଅଥବା ତାହାଠାରୁ ଅଧିକ ସମୟ ସହିତ ଯୋଡିଛନ୍ତି। ରିଟର୍ଣ୍ଣ (ଆୟ)କୁ ନେଇ ଆଶା ଆକାଂକ୍ଷା ପୁନଶ୍ଚ ଏହି ଆଚରଣଗତ ତାରତମ୍ୟକୁ ପ୍ରଦର୍ଶିତ କରୁଛି । ତିରିଶ ପ୍ରତିଶତ କହିଛନ୍ତି, ମୁଦ୍ରାସ୍ଫୀତିକୁ ପରାସ୍ତ କରିବା ପର୍ଯ୍ୟାପ୍ତ, ୨୨% ବଜାରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଥିବାବେଳେ ୨୧% ସେମାନଙ୍କର ରିଟର୍ଣ୍ଣକୁ ସାଙ୍ଗସାଥୀ ଅଥବା ସମକକ୍ଷଙ୍କ ସହିତ ବେଞ୍ଚମାର୍କ କରିଛନ୍ତି। ଅନୁଧ୍ୟାନରେ କୁହାଯାଇଛି ଯେ ସଶକ୍ତିକରଣ ଏବଂ ସୁଯୋଗରେ ଉନ୍ନତି ଘଟିଥିବାବେଳେ ଶୃଙ୍ଖଳିତ ଯୋଜନା ପ୍ରସ୍ତୁତି ଏବଂ ସମୟଗତ ସ୍ପଷ୍ଟତା ସୁଯୋଗର କ୍ଷେତ୍ର ହୋଇ ରହିଛି। ଜୀବନଧାରଣ ମାନରେ ଉନ୍ନତି ଏବଂ ଅବସର ନିମନ୍ତେ ସଞ୍ଚୟ ଯୋଜନା ଶୀର୍ଷ ଆର୍ଥିକ ଲକ୍ଷ୍ୟସମୂହ ହୋଇ ରହିଥିବାବେଳେ ଜୀବନଶୈଳୀଗତ ପସନ୍ଦ ପ୍ରସାରିତ ହେଉଛି । ଏକଚାଳିଶ ପ୍ରତିଶତ ମହିଳା– ବିଶେଷକରି ୨୫ରୁ ୪୪ ବର୍ଷ ବୟସ ବର୍ଗରେ, ଏକ ବାସଗୃହ କିଣିବା ଅପେକ୍ଷା ଭ୍ରମଣକୁ ଅଗ୍ରାଧିକାର ଦେଉଛନ୍ତି । ୬୨%ରୁ ଅଧିକ ମ୍ୟୁଚୁଆଲ ଫଣ୍ଡ ନିବେଶକ କହିଛନ୍ତି, ବଜାର ନିମ୍ନମୁଖୀ ହେଲେ ମଧ୍ୟ ସେମାନେ ପୁଞ୍ଜିନିବେଶ ଜାରି ରଖିବେ, ଏଥିରୁ ବର୍ଦ୍ଧିତ ମଜଭୁତପଣର ସୂଚନା ମିଳୁଛି । ଏହାଦ୍ୱାରା ମହିଳାମାନେ ଯେତେବେଳେ ଆତ୍ମବିଶ୍ୱାସର ସହିତ ପୁଞ୍ଜିନିବେଶ କରନ୍ତି, ସେତେବେଳେ ପରିବାରଗୁଡିକ ଅଧିକ ସୁରକ୍ଷିତ ହୁଅନ୍ତି ଓ ଦୀର୍ଘସୂତ୍ରୀ ଫଳାଫଳରେ ଉନ୍ନତି ଘଟିଥାଏ ବୋଲି ବାର୍ତ୍ତା ଦେଉଛି।

# କୁଜଙ୍ଗ ମହୋତ୍ସବ ପାଇଁ ପ୍ରସ୍ତୁତି



କୁଜଙ୍ଗ, ୧୧/୩(ନିପ୍ର) କୁଜଙ୍ଗ ମହୋତ୍ସବ ନିମନ୍ତେଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ମହୋତ୍ସବ କମିଟି ର ସଭାପତି ତଥା ତହସିଲଦାର ସ୍ୱରୁପ ନନ୍ଦନ ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ବିରବର ସାମନ୍ତ ଟ୍ରଷ୍ଟ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବ ଆସନ୍ତା ଏପ୍ରିଲ ୯ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନଧରି ମହାଆଡ଼ମ୍ବର ରେ ପାଳନ କରାଯିବ।ଉଦଘାଟନୀ ସଂନ୍ଧ୍ୟା ରେ କୁଜଙ୍ଗ ର ଗାନ୍ଧୀ ସ୍ୱର୍ଗତ ନାରାୟଣ ବିରବର ସାମନ୍ତ ଙ୍କ ପ୍ରତିମୂର୍ତ୍ତିକୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉନ୍ମୋଚନ କରିବା ସହ ଶାନ୍ତି ଶୃଙ୍ଖଳା, ଟ୍ରାଫିକ ସମସ୍ୟା, ପାନୀୟଜଳ, ସ୍ୱଚ୍ଛପରିମଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏହି ବୈଠକ ରେ ମହୋତ୍ସବ କମିଟିର ସମ୍ପାଦକ ବିଡିଓ ଦିପକ ପ୍ରସାଦ ସ୍ୱାଇଁ, ଥାନା ଅଧିକାରୀ ବଶିଂଧର ପ୍ରଧାନ, ଅଗ୍ନିଶମ ଅଧିକାରୀ, ବିଦ୍ୟୁତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, ପ୍ରାଣୀଚିକିତ୍ସକ, ଟ୍ରଷ୍ଟ ବୋଡ ର ସମସ୍ତ ସଭ୍ୟ, ଭାଜପାନେତୃମଣ୍ଡଳୀ, ମଣ୍ଡଳସଭାପତି, ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କସମେତମହୋତ୍ସବକମିଟିର ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତଥିଲେ।

# ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘର ବୈଠକ

ରାୟଗଡ଼ା,୧୧।୩(ନିପ୍ର): ଭାରତୀୟ ମଜଦୂର ସଙ୍ଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଙ୍ଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ ଠକ୍କର ବାପା ଆଶ୍ରମରେ ଅନଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଙ୍ଘ ର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଯୋଗଦେଥିଲେ। ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମ କୁମାର ପଟ୍ଟନାୟକ ଯୋଗ ଦେଇ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ ସିକ୍ୟୁରିଟି ଗାର୍ଡ, ଡାଟା ଏଣ୍ଟ୍ରି ଅପରେଟର, ଆଟେଣ୍ଡାଣ୍ଟ, ସଫେଇ ଓ ହାଉସ କିପିଙ୍ଗ୍ କର୍ମଚାରୀମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଦାବି କରାଯାଇ ଆସୁଥିଲେ ସୁଦ୍ଧା ସମାଧାନ ହୋଇପାରିଲାନାହିଁ। ଦାବିଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କସହ ଆଲୋଚନା କରି ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟତଃ କର୍ମଚାରୀମାନଙ୍କୁ ପରିଚୟପତ୍ର ପ୍ରଦାନ, ଇପିଏଫ ଏବଂ ଇଏସଆଇ ପ୍ରତିମାସରେ ଜମା କରିବା, ପ୍ରତି ମାସରେ ଠିକ ସମୟରେ ଦରମା ଦେବା ସୁରକ୍ଷା ସରଞ୍ଜାମ ଯୋଗାଣ, ବର୍ଷକୁ ୨ ହଳ ୟୁନିଫର୍ମ ପ୍ରଦାନ, ପୂର୍ବ ଏଜେନ୍ସୀର ବକେୟା ୨ ମାସର ଦରମା ପ୍ରଦାନ, ବିଶ୍ରାମ ଗୃହ ବ୍ୟବସ୍ଥା ଆଦି ଦାବି କରାଯାଇଛି। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ସାହୁ , ମଳିକ ରାଓ ମଣ୍ଡଙ୍ଗି, ଗୋବିନ୍ଦ କଣ୍ଡାଗିରୀ, କାହ୍ନୁ ଲାବଲା, ମନୋରଞ୍ଜନ ହିମରିକା ପରିଚାଳନା କରିଥିଲେ।



# ଉତ୍କଳ ସମ୍ମିଳନୀ ଦ୍ୱାରା ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ ପାଳନ




ଜଗତସିଂହପୁର , ୧୧–୩ (ନି ପ୍ର ): ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ବାବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଜିଲ୍ଲା ସଭାପତି ଆଇନଜୀବୀ ଶିବ ପ୍ରସାଦ ମାଝୀ।ଅତିଥି ଭାବେ ଯୋଗଦେଇଥିଲେ ଜିଲ୍ଲା ଉତ୍କଳ ସମ୍ମିଳନୀର ଉପ ସଭାପତି ଗୋବିନ୍ଦ ଓଝା,କୋଷାଧକ୍ଷ ରି ମହାନ୍ତି,ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ମିଶ୍ର, ବିଶ୍ୱଜିତ ମହାନ୍ତି,ଅନିରୁଦ୍ଧ ସାବତ ଭାଗିରଥି ଦଲେଇ, ବିଜୟିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ସରକାରୀ ସ୍ତରରେ ମଧ୍ୟ ଓଡ଼ିଆ ଭାଷାର ପ୍ରଚଳନ କରିବା ଏବଂ ବ୍ୟବସାୟ ବଣିଜ ଅନୁଷ୍ଠାନମାନଙ୍କରେ ଓଡ଼ିଆ ବିଜ୍ଞାପନ ପଟା ପ୍ରଚଳନ କରିବା ଉଚିତ୍? ବୋଲି ସଭାପତି ଶିବ ପ୍ରସାଦ ମାଝୀ କହିଛନ୍ତି, କୋର୍ଟ କଚେରୀରେ ମଧ୍ୟ ଓଡ଼ିଆ ଭାଷାରେ ଜଜମେଣ୍ଟ କରିବାପାଇଁ ମତ ପ୍ରକାଶ ପାଇଥିଲା। ଶେଷରେ ଆଇନଜୀ ନବୀନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟ ବୃଦ୍ଧାଙ୍କ ପାଇଁ ପ୍ରଶାସନର ସହାନୁଭୂତି

ଖପ୍ରାଖୋଲ, ୧୧।୩ (ଅଶୋକ କୁମାର ବାଗ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଘୁନସର ପଞ୍ଚାୟତର ଝାକ୍ରିପାଲି ଗାଁରେ ସୁଶୀଳା ହଂସ (୬୫) ନାମକ ଜଣେ ବୃଦ୍ଧା ଅସହାୟ ଅବସ୍ଥାରେ ଜୀବନ ଯାପନ କରୁଥିବା ଘଟଣା ସାମ୍ନାକୁ ଆସିଛି। କିଛି ବର୍ଷ ପୂର୍ବରୁ ସେ ତାଙ୍କ ସ୍ୱାମୀଙ୍କ ସହ ଏହି ଗାଁକୁ ଆସି ଲୋକମାନଙ୍କ ଘରେ ମୂଳ ଲାଗି ଜୀବିକା ଚାଲାଉଥିଲେ। କିନ୍ତୁ ଦୁଇ ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଏକାକୀ ଓ ଅସହାୟ ହୋଇପଡ଼ିଛନ୍ତି। ବୟସର ଭାର ଓ ଦୁର୍ବଳ ସ୍ୱାସ୍ଥ୍ୟ କାରଣରୁ ବର୍ତ୍ତମାନ ସେ କୌଣସି କାମ କରିବାକୁ ସକ୍ଷମ ନୁହେଁ। ଗାଁରେ ତାଙ୍କର ନିକଟ ସମ୍ପର୍କୀୟ ମଧ୍ୟ କେହି ନଥିବାରୁ ସେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଗତ କିଛି ଦିନ ଧରି ସେ ଅସୁସ୍ଥ ରହିଥିବା ମଧ୍ୟ ଜଣାପଡ଼ିଛି ଓ ସହଯୋଗ ପାଇଁ ଅପେକ୍ଷାରେ ରହିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ମୁନିଗୁଡ଼ା:୧୧/୩(ନି.ପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ସଦଭାବନା ସଭାଗୃହ ପରିସରରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡ଼ା ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି,ଗୁଣୁପୁର ଉପ ଜିଲ୍ଲାପାଳ ଧୂଆଳ ଅଭିଷେକ ଦିଲୀପ, ସିଡିଏମପିଏଚଓ ଡା.ସରୋଜିନୀ ଦେବୀ,ଡିଏଫଓ ଓହଲ ସଚିନ ଆନାସାହେବ,ସିଡିଓ କମ ଇଓ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ,ପିଏ ଆଇଟିଡିଏ ଗୁଣୁପୁର ଅଜୟ କୁମାର ପ୍ରଧାନ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଘୋଷନାର ବରିହା,ଡ଼ିଏସଡିଓ ସ୍ୱର୍ଣ୍ଣଲତା ରାଉତ ପ୍ରମୁଖଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ମୋଟ ୭୩ଟି ଅଭିଯୋଗ ଗ୍ରହଣ କରିଥିଲେ, ସେଥି ମଧ୍ୟରୁ ୫୭ଟି ବ୍ୟକ୍ତିଗତ ଓ ୧୬ ଗୋଟି ଗୋଷ୍ଠିଗତ ଅଭିଯୋଗ ଥିଲା ଆବାସ ଯୋଜନାରେ ଘର,ସ୍ୱାସ୍ଥ୍ୟଗତ ସମସ୍ୟା, ଭତ୍ତା,ଭିନ୍ନକ୍ଷମ ମାନଙ୍କ ସମସ୍ୟା ସହ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଗୁଡିକ ଥିଲା। ଏହି ଅଭିଯୋଗ ଶିବିରରେ ଅନ୍ୟ ମାନଙ୍କ ମୁନିଗୁଡା ତହସିଲଦାର ଏମ.ଅନୁରାଧା, ରେଞ୍ଜର ପ୍ରବୀଣ ଦାସ,ଡିଇଓ ରାମଚନ୍ଦ୍ର ନାହାକ,ଏସଡିପିଓ ସନ୍ତସିନି ଓରାମ,ବିଇଓ ଗଣେଶ ଶବର,ସହକାରୀ ଯନ୍ତ୍ରୀ ଭି ଶ୍ରୀନିବାସ ରାଓ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା,ବିପିଏମ୍ ମମତା ରାଉଳ,ଆଇଆଇସି କେଶବ ସଡ଼ଙ୍ଗି ପ୍ରମୁଖ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ।ରେଡ କ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ଜଣଙ୍କୁ ୪୦ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା।ଉକ୍ତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ମୁନିଗୁଡା ବ୍ଲକର ବଡ଼ବାବୁ ଜିତେନ୍ଦ୍ର ଧର,ଦେବେନ୍ଦ୍ର ପାଣିଗ୍ରାହୀ,ଅଜିତ ନାଗ,କଳ୍ପନା ସାହୁ,ଯନ୍ତ୍ରୀ ଅମ୍ବିକା ଦାସ,ସନ୍ଧ୍ୟାରାନି ମଲ୍ଲିକ,ଅଭିଷେକ ମୋଦି,ସଞ୍ଜୟ ନାୟକ,ଜେପିଓ ମନୋରଞ୍ଜନ ବେହେରା,ଏପିଓ ମାର୍ଶାଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିପରିଚାଳନାରେ ସହଯୋଗ କରିଥିଲେ

# ବରିଷ୍ଠ ନାଗରିକଙ୍କ ଅଧିକାର ଓ ସୁରକ୍ଷା ନେଇ ସଚେତନତା ଶିବିର



ସମ୍ବଲପୁର, ୧୧।୩(ନିପ୍ର): ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଦସ୍ୟମାନଙ୍କ ପାଇଁ ଆଇନଗତ ଅଧିକାର ଓ ସୁରକ୍ଷା ବିଷୟରେ ବୁଧବାର କୁଚିଣ୍ଡା ଟାଉନ ହଲ୍‌ରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ପ୍ରଶାସନ, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଭୁବନେଶ୍ୱରସ୍ଥିତ ହେଲ୍ପ ଏଜ୍ ଇଣ୍ଡିଆଙ୍କ ମିଳିତ ଉଦ୍ୟମରେ ପର୍ବାହ୍ନ ୧୧ଟାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କୋଷାଧ୍ୟକ୍ଷ ନାରାୟଣ ସାହୁ, ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପାଣି, କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ସଭାପତି ଓ ଜିଲ୍ଲା ସଂଘର ଉପସଭାପତି ଧୀରେନ୍ଦ୍ର କୁମାର ମହାନ୍ତି, ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ଅଗ୍ରୱାଲ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡ଼ିଆ, କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ସୁଶୀଲ କୁମାର କର, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁବୋଧ କୁମାର ନାୟକ, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌର ଚନ୍ଦ୍ର ପାଣି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତି, ହେଲ୍ପ ଏଜ ଇଣ୍ଡିଆର ଦେବଶ୍ରୀ ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘଗୁଡ଼ିକର ସଭାପତି ଓ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଶେଷ କରି ସାନ୍ତନୁ କୁମାର ସାହୁ ଓ ଉପଦେଷ୍ଟା ଜୟପ୍ରକାଶ ଗୁପ୍ତାଙ୍କୁ ସମ୍ମାନିତ ଜଣାଯାଇଥିଲା। ଶିବିରରେ ବାମରା, କେଞ୍ଚୁପାଣି, ଗଡ଼ପୋଷ, କୁନ୍ତରା, କୁଚିଣ୍ଡା, ରେଙ୍ଗାଲି ଓ ଜମନକିରା ଅଞ୍ଚଳ ସହ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର, ସୁରକ୍ଷା ଓ ସରକାରୀ ସୁବିଧା ସମ୍ପର୍କରେ ବିଶେଷଜ୍ଞମାନେ ସଚେତନତା ସୃଷ୍ଟି କରିଥିଲେ।

# ଓଡ଼ିଆ ଗୌରବ ୨୦୨୬ ସମ୍ମାନରେ ସମ୍ମାନିତ ହେବେ ବ୍ୟଙ୍ଗ କବି ରବୀନ୍ଦ୍ର ରାଉତ



ନୟାଗଡ଼,୧୧।୩(ନିପ୍ର):ଓଡ଼ିଶାର ସର୍ବ ଜନାଦୃତ ସର୍ବ ପ୍ରଥମ ରାଜନୈତିକ ହାସ୍ୟ ବ୍ୟଙ୍ଗ କାର୍ଯ୍ୟକ୍ରମ ଦି ଗ୍ରେଟ ଓଡ଼ିଶା ପଲିଟିକାଲ ସର୍କସର ଅଭିନେତା ତଥା ବ୍ୟଙ୍ଗ କବି ରବୀନ୍ଦ୍ର ରାଉତଙ୍କୁ ମଧ୍ୟପ୍ରଦେଶ ଇନ୍ଦୋର ଠାରେ ଇନ୍ଦୋର ପ୍ରବାସୀ ଓଡ଼ିଆ ସମାଜ ଦ୍ୱାରା ଉତ୍କଳ ଦିବସ ଅବସରରେ ଓଡ଼ିଆ ଗୌରବ ୨୦୨୬ ସମ୍ମାନରେ ସମ୍ମାନିତ କରାଯିବ।ମେଡିକ୍ୟାପ୍ସ ବିଶ୍ୱ ବିଦ୍ୟାଳୟରେ ଏକ ସ୍ବତନ୍ତ୍ର ଉତ୍ସବରେ ଏପ୍ରିଲ ୫ତାରିଖରେ ସମ୍ମାନୀତ କରିବା ପାଇଁ ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଅଛି। ରବୀନ୍ଦ୍ର ଏହା ପୂର୍ବରୁ ରାଜ୍ୟ ବାହାରେ ମୁମ୍ବାଇ ଓ ଚେନ୍ନାଇ ଠାରେ ସମ୍ମାନୀତ ହୋଇଛନ୍ତି। ଯାହାକି ଏହା ନୟାଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ପାଲଟିଛି। ନୟାଗଡ଼ ସହରତଳି ଗାଁ ମୁକ୍ତାପୁରରେ ଏକ କ୍ଷୁଦ୍ର ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ରବୀନ୍ଦ୍ର ୨୦୧୦ ମସିହାରେ ପଲିଟିକାଲ ସର୍କସରେ ଭାଗନେଇ ସେହିବର୍ଷ ରାଜ୍ୟସ୍ତରରେ ବିଜୟୀ ହୋଇ ନୟାଗଡ଼ ଜିଲ୍ଲାକୁ ଗୌରାବାନ୍ୱିତ କରିଥିଲେ। ଏହା ପରଠୁ ସେ ଆଉ କେବେ ପଛକୁ ଫେରି ନାହାଁନ୍ତି । ଅନେକବାର ଦୁର୍ଘଟଣାର ଶିକାର ହୋଇଥିଲେ ମଧ ସେ କଳା ଜଗତରୁ କେବେ ଦୁରେଇ ଯାଇ ନାହାଁନ୍ତି । ଦୀର୍ଘ ୧୬ବର୍ଷ ମଧ୍ୟରେ ଅନେକ ଓଡ଼ିଆ ଧାରା ବାହିକ, ଚଳଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଖାଲି ସେତିକି ନୁହେଁବ୍ୟଙ୍ଗ କଲମ ଭଳି ଏକ ମାସିକ ହାସ୍ୟ ବ୍ୟଙ୍ଗ ପତ୍ରିକାର ସମ୍ପାଦନା କାର୍ଯ୍ୟ ମଧ ସେ ତୁଲାଉଛନ୍ତି । ଏଭଳି ଜଣେ ଉଦୀୟମାନ ଯୁବ ଅଭିନେତା, ବ୍ୟଙ୍ଗ କବି ତଥା ସମ୍ପାଦକଙ୍କୁ ପାଇ ନୟାଗଡ଼ ଜିଲ୍ଲା କାହିଁକି ସାରା ରାଜ୍ୟ ଗୌରାବାନ୍ୱିତ ।

# ଅସହାୟ ମହିଳା ଓ ଶିଶୁକୁ ପ୍ରଶାସନ ସୁରକ୍ଷା ଯୋଗାଇ ଦେବାକୁ ଦାବି



–କଣ୍ଟିଲୋ,୧୧।୩(ନି.ପ୍ର) ବର୍ତ୍ତମାନ ସାରା ରାଜ୍ୟରେ ପିଲାଚୋରି ସମ୍ବନ୍ଧୀୟ ଖବର ବିଭିନ୍ନ ପତ୍ରପତ୍ରିକା ଓ ଇଲେକ୍ଟ୍ରୋନିକ୍ସ ମିଡିଆରେ ଖବର ପ୍ରକାଶ ପାଇବା ପରେ ଗାଁ ଗହଳିରେ ଏକପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ବର୍ତ୍ତମାନ ସମୟରେ ସହର ବଜାର କିମ୍ବା ଗାଁ ଗହଳିରେ ଅପରିଚିତ ପୁରୁଷ ଅବା ମହିଳା ଙ୍କୁ ଦେଖିଲେ ପିଲାଚୋର ଭାବି ମାଡଗାଳି ଦେଉଥିବା ସମୟରେ କଣ୍ଟିଲୋ ବଜାର ଉପରେ ମଙ୍ଗଳବାର ଦିନ ମଧ୍ୟାହ୍ନ ସମୟରୁ ଜଣେ ମହିଳା କାଖରେ ଏକ ଛୋଟ ପିଲା କୁ ଧରି ବୁଲୁଥିବାର ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସମୟରେ ଗାଁ ଗହଳିରେ ଏଭଳି ମହିଳାଙ୍କ ଉପସ୍ଥିତି କୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କେହିକେହି ପିଲାଚୋରି ହୋଇଥିବା ବୋଲି କୁହାକୁହି ହେଉଥିବା ସ୍ଥଳେ ଉକ୍ତ ମହିଳାଙ୍କୁ ନାମ ପଚାରିବାରୁ କେବଳ ସଞ୍ଜୁ ସ୍ବାଇଁ ବୋଲି କହୁଥିଲେ।ସେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅନ୍ତର୍ଗତ କଞ୍ଚଡ ଶାଶୁଘର।ଶାଶୁଘର ନିର୍ଯାତନା ଦେଉଥିବା କାରଁଣରୁ ୧ ବର୍ଷ ରୁ ଉର୍ଦ୍ଧ ଦିନ ଧରି ଘରଛାଡ଼ି ଛୋଟପିଲାକୁ ଧରି ଚାଲିଆସି ବିଭିନ୍ନ ଗାଁ ଗଣ୍ଡାରେ ବୁଲି ବୁଲି ଏଠିକି ପଳାଇ ଆସିଛି ବୋଲି ଆମ ପ୍ରତିନିଧି ଓ ଉପସ୍ଥିତ ଜନସାଧାରଣଙ୍କ ଆଗରେ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ସମସ୍ତ ସୂଚନା ମିଳିବା ପରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ବାଗତ କୁମାର ଦାସ ଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ କରି ସେମାନଙ୍କ ନିରାପତ୍ତା ପାଇଁ କହିଥିଲେ ମଧ ବୁଧବାର ସନ୍ଧ୍ୟାରେ ପୁନଶ୍ଚ ବଜାର ଉପରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସମୟରେ ଜଣେ ମହିଳା ଗୋଟେ ଛୋଟ ପିଲାକୁ ଧରି ବଜାର ଛକ ଉପରେ ରହି କୈଣସି ଦୋକାନ ବାରଣ୍ଡାରେ ରାତ୍ରି ଯାପନ କରିବା କେତେ ବିପଦ ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅସହାୟ ସଞ୍ଜୁ ଓ ତାର ଛୋଟ ଛୁଆ କୁ ସୁରକ୍ଷା ଦେବା ସହିତ ଥଇଥାନର ବ୍ୟବସ୍ଥା କରିବାପାଇଁ ସାଧାରଣରେ ଦାବିହେଉଛି।

# ଓକିଲ ସଂଘ ନିର୍ବାଚନ ପାଇଁ ସରିଲା ମନୋନୟନପତ୍ର ଦାଖଲ

ଜଗତସିଂହପୁର,୧୧।୩(ନିପ୍ର): ମାର୍ଚ୍ଚ ୨୮ ତାରିଖରେ ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ସମେତ ରାଜ୍ୟରେ ଥିବା ସମସ୍ତ ବାର୍ ଆସୋସିଏସନ୍ ନିର୍ବାଚନ ଅନୁଷ୍ଠିତ ହେବ। ୨୦୨୬-୨୭ ବର୍ଷ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ନିର୍ବାଚନ ପାଇଁ ଜିଲ୍ଲା ଓକିଲ ସଂଘ ଗୃହରେ ମାର୍ଚ୍ଚ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ପଦ ପାଇଁ ଆଇନଜୀବୀ ସୁବ୍ରତ ଶତପଥୀ, ଆଇନଜୀବୀ ରବିନ୍ଦ୍ର କୁମାର ସ୍ୱାଇଁ ଓ ଆଇନଜୀବୀ ସଲିଲ୍ କୁମାର ଘୋଷ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉପସଭାପତି ପଦ ପାଇଁ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଦାସ ଓ ଉମାଶଙ୍କର ସ୍ୱାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସଂପାଦକ ପଦବୀରେ ଆଇନଜୀବୀ ସରୋଜ କୁମାର ବିଶ୍ୱାଳ ଓ ଶାରଦା ପ୍ରସାଦ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବା ବେଳେ ଯୁଗ୍ମ ସମ୍ପାଦକ ପାଇଁ ଆଇନଜୀବୀ ଦର୍ଯ୍ୟୋଧନ ରାଉତ ଓ ପ୍ରଭାତ ରଞ୍ଜନ ପଲାଉରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। କୋଷାଧ୍ୟକ୍ଷ ପଦ ପାଇଁ ଆଇନଜୀବୀ ଗୋପବନ୍ଧୁ ଚୌଧୁରୀ, ଆଇନଜୀବୀ ସୌରଭ କୁମାର ମଲ୍ଲିକ୍ ଓ ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାୟ ନାମାଙ୍କନ କରିଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଆଇନଜୀବୀ ରୋଜାଲିନ ସାହୁ, ରାଜଶ୍ରୀ ମହାନ୍ତି, କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ, ତେଜସ୍ୱିନୀ ପଣ୍ଡା, ଆଦିତ୍ୟ ବେହେରା, ବିଭୁପ୍ରସାଦ ନନ୍ଦ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମାର୍ଚ୍ଚ ୧୩ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ହୋଇଛି ଓ ୧୪ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୮ ତାରିଖ ସକାଳ ୭.୩୦ ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଭୋଟଦାନ କରାଯାଇ ୪ଟାରୁ ଗଣତି ହେବ ।

# ହାଇଡ୍ରୋସିଲ ରୋଗୀଙ୍କ ପାଇଁ ଅସ୍ତ୍ରୋପଚାର ଶିବିର



ରାଇରଙ୍ଗପୁର, ୧୧/୩ (ନିପ୍ର):ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଫାଇଲେରିଆ ରୋଗର ନିରାକରଣ ଅଭିଯାନ ପରିପ୍ରେକ୍ଷୀରେ ହାଇଡ୍ରୋସିଲ ରୋଗୀ ମାନଙ୍କ ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଲେପ୍ରା ସୋସାଇଟି, ମୟୂରଭଞ୍ଜଙ୍କ ମିଳିତ ସହଯୋଗରେ ଏକ ଜିଲ୍ଲା ସ୍ତରୀୟ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି. ବି. ଡ଼ି.), ମୟୂରଭଞ୍ଜ ଡାକ୍ତର ବିଜୟ କୁମାର ଦାଶ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ା. ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ପରିଚାଳନା ହୋଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡ଼ା. ସତ୍ୟପ୍ରକାଶ ଧଳ, ଡ଼ା. ଚିନ୍ମୟ କୁମାର ଦଳେଇ,ଆନାସ୍ଥେସିଆ ବିଶେଷଜ୍ଞ ଡ଼ା. ସତ୍ୟଜିତ ନିହାର ସିଂ ,ମେଡିକାଲ ଅଫିସର ଡ଼ା. ଦେବେନ୍ଦ୍ର ନାଥ ଟୁଡୁଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୮ଜଣ ହାଇଡ୍ରୋସିଲ ରୋଗୀଙ୍କୁ ମାଗଣାରେ ସଫଳ ଅସ୍ତ୍ରୋପଚାର କରାଯାଇଅଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶ୍ରୀ ତପନ କୁମାର ସାହୁ, ଲେପ୍ରା ସୋସାଇଟିର ପ୍ରକଳ୍ପ ଅଧିକାରୀ ପ୍ରହଲ୍ଲାଦ ମଙ୍ଗରାଜ, ହସ୍ପିଟାଲ ପରିଚାଳକ ଶ୍ରୀ ଆଲୋକ କୁମାର ଗୋଛାୟତ,ନର୍ସିଂ ଅଫିସର ସବିତା ଷଡଙ୍ଗୀ, ଫାର୍ମାସିଷ୍ଟ ପ୍ରିୟମ ସିଂ, ପରିଚାରକ ପବିତ୍ର ବେହେରା, ସରସ୍ୱତୀ ବାରିକ, ସଫେଇ କର୍ମଚାରୀ ଅଜୟ କାରୁଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାସ୍ତା ଉପରେ ଶବରଖି ଅବରୋଧ କଲେ ପରିବାର ଓ ଗ୍ରାମବାସୀ



ରଘୁନାଥପୁର ତା ୧୧/୩(ନିପ୍ର)ରଘୁନାଥପୁର ଥାନାଅଧିନ ଖଣ୍ଡତରୀଠାରେ ଆସାମିମାନଙ୍କୁ ଗିରଫ ଦାବୀରେ କଟକ ପାରାଦ୍ୱୀପ ରାସ୍ତାଅବରୋଧ କଲେ ଗ୍ରାମବାସୀ।ଘଟଣାରୁପ୍ରକାଶ ଖଣ୍ଡତରୀ ଗ୍ରାମର ଚିତ୍ତରଞ୍ଜନ ମଲ୍ଲିକ ଙ୍କ ପୁଅ ଶୁଭମ ମଲ୍ଲିକ(୨୩)ଗତ ମଙ୍ଗଳବାର ମହାନଦୀ ପଠାରେ ଏକ ବାଉଁଶ ମଞ୍ଚାଉପରେ ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ।ଗ୍ରାମବାସୀଙ୍କ ଠାରୁ ଖବରପାଇ ପୋଲିସ ଓ ଗ୍ରାମବାସୀ ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ରଘୁନାଥପୁର ମେଡିକାଲ ଓ ପରେପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।ସେଠାରେ ଡାକ୍ତର ଶୁଭମକୁ ମତ ଘୋଷଣାକରିଥିଲେ।ବୁଧବାର ଶବବ୍ୟବଚ୍ଛେଦପରେ ମତଶୁଭମ ଙ୍କ ମରାଶରୀର ଗ୍ରାମରେ ପହଞ୍ଚି ବାପରେ ପରିବାର ଲୋକଙ୍କୁ ଏହିଘଟଣା ଉପରେ ସନ୍ଦେହ ଜାତହୋଇଥିଲା।ତେବେ ଏହାକୁ ନେଇ ପରିବାର ଲୋକେ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ତାର ୩ଜଣ ସାଙ୍ଗଜୀବନରୁ ମାରିଦେଇଛନ୍ତି।ଏହାକୁ ନେଇ ପରିବାର ଓ ଗ୍ରାମବାସୀ ମାନେ ଅପରାହ୍ନ ରେ ଖଣ୍ଡତରି ଠାରେ କଟକ ପାରାଦ୍ୱୀପ ରାସ୍ତାରେ ଶବରଖି ଆସାମୀ ମାନଙ୍କୁ ଗିରଫ ଦାବୀରେ ରାସ୍ତାଅବରୋଧ କରିଥିଲେ।ଖପର ପାଇ କଂଗ୍ରେସ ନେତା ଇଂ ହିମାଂଶୁ ଭୁଷଣ ମଲ୍ଲିକ ପହଞ୍ଚି ଗ୍ରାମବାସୀ ମାନଙ୍କସହ ମିଶି ଆସାମୀ ଙ୍କୁ ତୁରନ୍ତ ଗିରଫ କରିବାପାଇଁ ଅଡିବସିଥିଲେ।ଘଟଣାସ୍ଥଳରେ ତିର୍ତୋଲ ଏସଡିପିଓ ଅଜୟ କୁମାର ଦାସ,ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠି,କିଷ୍ଟାନନ୍ଦପୁର ଆଇଆଇସି ସୁବ୍ରତ ଦାଶ ଓ ଅନ୍ୟପୋଲିସ କର୍ମଚାରୀମାନେ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରି ତୁରନ୍ତ ତଦନ୍ତକରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହତ ହୋଇଥିଲା।ତେବେ ରଘୁନାଥପୁର ଆଇଆଇସି ଶ୍ରୀ ସେଠି ଅଭିଯୋଗ କୁ ଭିତିକରି ୬୨/୨୬ରେ କେଶରୁଜକରି ଅଧିକ ତଦନ୍ତ ଚଳାଇଥିବା ଜଣାଯାଇଛି।

# ଜିମ୍ ଓ ପାର୍କ ଅଞ୍ଚଳରେ କେବେ ଜଳିବ ଆଲୁଅ ?



କୋରାପୁଟ,୧୨।୬(ନି ପ୍ର):କୋରାପୁଟ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ତିନିରେ ରହିଛି ଓପେନ ଜିମ ଏବଂ ଶିଶୁ ପାର୍କ।ଅଭିଭାବକ ଏବଂ ପିଲାମାନେ ସକାଳ ଓ ସନ୍ଧ୍ୟାରେ ଏଠାକୁ ଆସି ବ୍ୟାୟାମ କରିଥାନ୍ତି।ଏହି ଅଞ୍ଚଳ ଅନେକ ଦିନ ହେବ ଅନ୍ଧାରରେ ରହିଛି। ଯଦ୍ୱାରା ସନ୍ଧ୍ୟାରେ ଅଭିଭାବକ ଓ ପିଲାମାନେ ଏଠାକୁ ଆସୁ ନାହାନ୍ତି।ଓପେନ ଜିମର ଉଭୟ ପାର୍ଶ୍ୱ ଅନ୍ଧାରରେ ରହିଥିବା କୋରାପୁଟ ପୌର ପରିଷଦର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯିବା ପରେ ଗତ ଫେବୃଆରୀ ମାସ ୨୭ ତାରିଖ ଦିନ ଗୋଟିଏ ପାର୍ଶ୍ୱର ୪ ଟି ଖୁଣ୍ଟରେ ଲାଇଟ ଜଳୁଥିଲା। ମରାମତି ହେବାର ଦୁଇ ଦିନ ପରେ ଉକ୍ତ ପାର୍ଶ୍ୱର ଲାଇଟ ଜଳୁନାହିଁ। କେବୁଲ ଚୋରୀ ହୋଇଯାଇଥିବାରୁ ଏହି ସମସ୍ୟା ଉପୁଜିଛି ବୋଲି କୋରାପୁଟ ପୌର ପରିଷଦର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଶିବଲାଲ ସୁରେନ କହିଛନ୍ତି। ଅଳ୍ପ ଦିନ ମଧ୍ୟରେ ମରାମତି କରାଯିବ ବୋଲି ସେ କହିଛନ୍ତି। ଓପେନ ସ୍ପେସର ଉନ୍ନତିକରଣ ନିମନ୍ତେ ମୁକ୍ତା ଯୋଜନାରୁ ୨୮ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ୨୦୨୩ ମସିହା ଅକ୍ଟୋବର ମାସ ୨୫ ତାରିଖ ଦିନ ଉଦ୍ଘାଟନ କରାଯାଇଥିଲା। ଷ୍ଟ୍ରେଟ ଲାଇଟ କିଛି ଅଂଶରେ ପଡୁଛି।କିନ୍ତୁ ତାହା ପର୍ଯ୍ୟାପ୍ତ ପରିମାଣର ଲାଇଟ୍ ହେଉ ନ ଥିବାରୁ ସନ୍ଧ୍ୟା ସମୟରେ ଓପେନ ଜିମ ଏବଂ ଶିଶୁ ପାର୍କ ଖାଲି ଖାଲି ରହୁଛି।କୋରାପୁଟ ପୌର ପରିଷଦ କର୍ତ୍ତୃପକ୍ଷ ତୁରନ୍ତ ମରାମତି କରି ଲାଇଟ ଜଳିବାର ବ୍ୟବସ୍ଥା କରିବା ସହ ପରିବେଶକୁ ନିୟମିତ ସଫା କରିବାକୁ ଦାବି ହେଉଛି।

# ସମସ୍ୟା ଘେରରେ ବାଟପଳସା ସ୍କୁଲ: ବାରଣ୍ଡାରେ ପଢୁଛନ୍ତି ପିଲା




କରଞ୍ଜିଆ,୧୧। ୩ (ନିପ୍ର): କରଞ୍ଜିଆ ବ୍ଲକ ସ୍ଥିତ ବାଟପଳସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସ୍ଥା ଦୟନୀୟ ହୋଇ ପଡିଛି। ଶ୍ରେଣୀ ଗୃହ ବିପଜ୍ଜନକ ଅବସ୍ଥାରେ ଥିବାରୁ ବାରଣ୍ଡାରେ ପଢୁଛନ୍ତି ଛାତ୍ରଛାତ୍ରୀ। ସଂପ୍ରତି ପରୀକ୍ଷା ଚାଲିଛି। ଏପରିକି ପିଲାମାନେ ବାରଣ୍ଡାରେ ବସି ପରୀକ୍ଷା ଦେଉଥିବା ଦେଖାଯାଇଛି। ଆମ ପ୍ରତିନିଧି ଉକ୍ତ ବିଦ୍ୟାଳୟକୁ ଯାଇ ଏସବୁ ଦେଖିବା ପରେ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ଗତ ମେ ମାସରେ ହୋଇଥିବା କାଳବୈଶାଖୀ ଯୋଗୁଁ ଶ୍ରେଣୀ ଗୃହ ଭଗ୍ନ ଅବସ୍ଥାରେ ରହିଥିବାରୁ ପିଲାମାନେ ବାରଣ୍ଡାରେ ପଢୁଛନ୍ତି ଓ ପରୀକ୍ଷା ମଧ ଦେଉଛନ୍ତି ବୋଲି ଉତ୍ତର ମିଳିଥିଲା।ବିଭାଗୀୟ ଉଚ୍ଚ ଅଧିକାରୀ, ବିଡିଓ ଏବଂ ବାରିପଦା ଏଡିଇଓ ତଦାରଖ କରି ଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରବଳ ବର୍ଷା ଓ ଖରାରେ ମଧ ବାରଣ୍ଡାରେ ବସି ପଢୁଛନ୍ତି ବୋଲି ପିଲାମାନେ କହିଥିଲେ। ଆହୁରି ଚିନ୍ତାର ବିଷୟ, ସେଠାରେ ବୁଲା କୁକୁରମାନେ ବୁଲୁଛନ୍ତି। ଫଳରେ ପିଲାମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଅନ୍ୟପକ୍ଷରେ ପ୍ରାୟ ୨ ମାସ ହେବ ଏକ ନୂତନ ଗୃହ କାମ ଶେଷ ହୋଇଥିଲେ ମଧ ଏହା ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇ ନାହିଁ। ଗୋଟିଏ ଶ୍ରେଣୀ ଗୃହରେ ୩ କ୍ଲାସ ହୋଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆହୁରି ମଧ ଏଠାରେ ମାନସିକ ସ୍ତରରେ ଅସୁସ୍ଥ ପିଲାମାନେ ମଧ ପଢୁଛନ୍ତି, କିନ୍ତୁ ମେଡିକାଲ ଟିମ ଅନୁଧ୍ୟାନ କରିଥିଲେ ସୁଦ୍ଧା ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇନାହିଁ। ମେଡିକାଲ ଟିମ କେତେବେଳେ ୬ ମାସ ତ କେତେବେଳେ ୮ମାସକୁ ଥରେ ଯାଉଛନ୍ତି। ମାନସିକ ଅକ୍ଷମ ପିଲାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଗଲେ ସେମାନେ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସହାୟତା ପାଇପାରନ୍ତେ। ପିଲା କିମ୍ବା ସେମାନଙ୍କ ପିତା ମାତାଙ୍କୁ ଏବିଷୟରେ ଅବଗତ କରାଯାଉ ନାହିଁ। ଯେଉଁ ବିଦ୍ୟାଳୟରେ ଏଭଳି ଶିକ୍ଷାର୍ଥୀ ଥିବେ ସେଠାରେ ଶିକ୍ଷା ଦେବା ପାଇଁ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହେବା ଆବଶ୍ୟକ। କିନ୍ତୁ ଏଠାରେ ସେପରି କିଛି ନାହିଁ। ପାନୀୟ ଜଳ ଓ ଶୌଚାଳୟ କଥା ତ କହିଲେ ନ ସରେ। ଦୂଷିତ ପାନ୍ୟ ଜଳ ସହିତ ପିଲାମାନେ ଭଙ୍ଗା ଶୌଚାଳୟ ବ୍ୟବହାର କରୁଛନ୍ତି। ହେଲେ ଏକ ସୂଚନା ଫଳକରେ ୧ଲକ୍ଷ ୫୦ ହଜାର ଟଙ୍କା ମରାମତିରେ ଖର୍ଚ୍ଚ ହୋଇଥିଲା ବୋଲି ଉଲ୍ଲେଖ ରହିଛି। ରୋଷେଇ ଗୃହରେ ଆବଶ୍ୟକ ସ୍ଥାନର ଅଭାବ ଯୋଗୁ ହଷ୍ଟେଲ ରୋଷେଇ ଗୃହରେ ପ୍ରାୟ ୨୦୦ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ଏସବୁ ଅସୁବିଧା ନେଇଁ ଅଭିଯୋଗ ଶୁଣାଣି ବୈଠକରେ ସ୍କୁଲ କମିଟି ପକ୍ଷରୁ ଲିଖିତ ଅଭିଯୋଗ ମଧ ହୋଇଥିଲା। ଏ ପର୍ଯ୍ୟନ୍ତ ସମାଧାନ ହୋଇନାହିଁ। ଅଫିସରମାନେ ବାତାନୁକୁଳିତ ଅଫିସରେ କାମ କରୁଥିବା ବେଳେ ମଫସଲ ଅଞ୍ଚଳର ଏହି ସ୍କୁଲ ପିଲାମାନେ ଅସୁରକ୍ଷିତ ଅବସ୍ଥାରେ ପଢୁଛନ୍ତି। ସ୍କୁଲକୁ କେତେ ଅନୁଦାନ ଆସିଛି ଓ କି ପ୍ରକାର ବିକାଶ ହୋଇଛି ତାର ତଦନ୍ତ ହେବା ଜରୁରୀ ବୋଲି ସାଧାରଣରେ ଦାବି ହେଉଛି। ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ଥିବାରୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଛାଡୁନାହାନ୍ତି। ଫଳରେ ଦିନକୁ ଦିନ ପିଲାସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଯଥାଶୀଘ୍ର ବିଦ୍ୟାଳୟ ନବକଳେବର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅନାଥ ଗରିବ ପିଲାଙ୍କର ମା’ ପ୍ରଭାସିନୀ



ନୟାଗଡ଼,୧୧।୩(ନିପ୍ର):ଦେବକୀ ନହେଲେ ନାହିଁ, କିନ୍ତୁ ମାଯଶୋଦା ସାଜି ଦୁଃଖୀ ,ରଙ୍କୀ, ଅନାଥ ଗରୀବ ପିଲାମାନଙ୍କର ସେବା କରିବାକୁ ଜୀବନର ବ୍ରତ ଭାବେ ପଣ କରିଥିବା ପ୍ରଭାସିନୀ ଏବେ ସବୁରି ପ୍ରିୟ,ସବୁଠି ତାଙ୍କର ପ୍ରଶଂସା। ପିଲା ଦିନରୁ ଗାଁ ପରିବେଶରେ ଜୀବନ ଅତିବାହିତ କରୁଥିବା ପ୍ରଭାସିନୀ ଜଣେ ମାଧ୍ୟବିତ୍ତ ପରିବାରର ଝିଅ।ଘର ଓଡ଼ଗାଁ ବ୍ଲକ ରାବେରା ଗ୍ରାମରେ । ବାପା ଜଣେ ପୋଲିସ କର୍ମଚାରୀ ଥିଲାବେଳେ ମା ଗୃହିଣୀ। ତିନି ଭାଇ ଦୁଇ ଭଉଣୀରେ ସେ ଘରର ସାନ ଝିଅ। ଅବିବାହିତ ଜୀବନରେ ନାନା ସଂଘର୍ଷ ଭିତରେ ଗତିକରି ବହୁ ଜାଗାରେ ଚାକିରୀ ଛାଡି ସମାଜ ସେବାକୁ ଆପଣେଇ ନେଇଥିଲେ ସେ। ପିଲାବେଳୁ ସେ ଏହି ସମାଜ ସେବା କାମରେ ନିଜକୁ ସମର୍ପି ଦେଇଥିଲା ବେଳେ ଗରିବ ପିଲାଙ୍କୁ ମାଗଣାରେ ପାଠ ପଢେଇବା ସହିତ ସବୁକ୍ଷେତ୍ରରେ ସାହାଯ୍ୟର ହାତ ବଢ଼େଇ ବିପଦ ଆପଦ ସମୟରେ ଆଗରେ ଠିଆ ହୋଇଥାଆନ୍ତି ସେ । ପ୍ରଭାସିନୀ ଏମଏଏଲବି,ଏମ ଏସ ଡବ୍ଲୁ,ଏମପିଇଡି ଯୋଗ୍ୟତା ହାସଲ କରି ଗୋଟିଏ ମିସନାରୀ ସ୍କୁଲରେ ଚାକିରୀ ଜୀବନ ଆରମ୍ଭ କରନ୍ତି।୨୦୦୬ ମସିହାରେ ପ୍ରଥମେ ସେ କେତୋଟି ଅନାଥ ପିଲାଙ୍କୁ ନେଇ ଅନାଥ ଆଶ୍ରମ ଗଢିଲେ। ସେହିଆଶ୍ରମ ପିଲାମାନେ ବାହାରକୁ ପଢିବାକୁ ଗଲେ କାଳେ କିଛି ଅସୁବିଧା ହେବ ଏହାକୁ ଆଖି ଆଗରେ ରଖି ୨୦୦୭ ମସିହାରେ ମଦର ଆବାସିକ ନାମରେ ଏକ ବିଦ୍ୟାଳୟ ଟିଏ ଗଢିଲେ। ଏବଂ ମାଗା ଯାଚାରେ ବହୁ କଷ୍ଟରେ ଅନୁଷ୍ଠାନଟିକୁ ଚଳେଇଲେ। ପିଲାମାନଙ୍କର ଯତ୍ନରେ ଅନ୍ୟ ଗରୀବ ପିଲାମାନେ ମଧ ଏଠାକୁ ଆସିବାକୁ ଆକର୍ଷିତ ହେଲେ।ଯାହାକି ଧୀରେ ଧୀରେ ପିଲା ସଂଖ୍ୟା ବଢିବାକୁ ଲାଗିଲା। ନୀରିହ ଗରିବ ଓ ଅନାଥ ପିଲାଙ୍କୁ ଦେଖି ମାଜୀବନ ଚିହିଁକି ଉଠିଲା।କୋଳେଇ ନେଲେ ୩ଶହ ପିଲାଙ୍କୁ ଯଶୋଦା ମାର ମାତୃସୁଲଭ ମମତାରେ। ଖାଇବା,ପିଇବା, ପିନ୍ଧିବାରେ କିଛିବି ଊଣା କଲେନି ପିଲାଙ୍କର।ନିଜେ ଯେତେ ଅସୁବିଧାରେ ରହିଲେବି ସବୁ ପ୍ରକାର ବ୍ୟବସ୍ଥା ତାଙ୍କ ପାଇଁ ଖଞ୍ଜି ଦେଲେ। ଖାଲି ସେତିକି ନୁହେଁ, ନୟାଗଡ଼ ଜିଲ୍ଲାରେ ଗରିବ ମହିଳା ମାନଙ୍କୁ ନିଜ ଗୋଡ଼ରେ କିଭଳି ଠିଆ ହେବାକୁ ପଡିବ ସେହି ବାବଦରେ ତାଲିମ ଦେବାକୁ ପ୍ରୟାସ ଆରମ୍ଭ କଲେ। ବିଭିନ୍ନ ସାମାଜିକ କାଯ୍ୟରେ ନିଜକୁ ନିୟୋଜିତ କଲେ। ନୟାଗଡ଼ ଜିଲ୍ଲାରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ ରୋକିବା ଉପରେ ମଧ ସଚେତନତାର କାମ କଲେ।ଅନାଥାଶ୍ରମରୁ ବହୁ ଝିଅ ମାନଙ୍କୁ ବାହାଘର କରେଇବା ସହିତ ଅନେକ ପିଲାଙ୍କୁ ନିଜର ଜୀବିକା ନିର୍ବାହ କରିବା ପାଇଁ ବିଭିନ୍ନ ଜାଗାରେ କର୍ମ ନିଯୁକ୍ତିରେ ଥଇଥାନ ମଧ୍ୟ କରେଇଛନ୍ତି।ମହିଳା ସଶକ୍ତି କରଣରେ ସେ କାମ କରି ଉଚ୍ଚ ପ୍ରଶଂସିତ ହେବା ସହିତ ତାଙ୍କୁ ଏଥିପାଇଁ ଦୁଇ ଦୁଇ ଥର ରାଜ୍ୟପାଳ ପୁରସ୍କାର ମିଳିଛି। ଏପରିକି ରାଜ୍ୟସ୍ତରରେ ଓ ଜଲ୍ଲାସ୍ତରରେ ବିଭିନ୍ନ ପ୍ରକାର କ୍ଷେତ୍ରରେ ସେ ସମ୍ମାନୀତ ହୋଇଛନ୍ତି।

# ଭିନ୍ନକ୍ଷମଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



ଖଣ୍ଡପଡ଼ା ୧୧।୩ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ବାଇଧର ରାଉତ (୪୨)ଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ମିଳୁନଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଦ୍ଧିତ ହାରରେ ଭତ୍ତା ପାଇବା ଆଶାରେ ଭିନ୍ନକ୍ଷମ ବ୍ୟକ୍ତି ଜଣକ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ନେହୁରା ହେବା ସହ ବାରମ୍ବାର ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ ପ୍ରଶାସନିକ ଅଧିକାରୀ ନତୁବା ଲୋକ ପ୍ରତିନିଧିମାନେ କେହି ହେଲେ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନଥିବାରୁ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି।ଭିନ୍ନକ୍ଷମ ବ୍ୟକ୍ତି ବାଇଧର ବହୁ କଷ୍ଟରେ ବସ ଯୋଗେ ବ୍ଲକ କାର୍ଯ୍ୟାଳୟକୁ ବୁଧବାର ଆସି ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଗ୍ରାମକୁ ଫେରିଥିବା ବେଳେ କେବେ ଆଉ ତାଙ୍କୁ ମାସିକ ଭତ୍ତା ୩୫୦୦ ଟଙ୍କା ମିଳିବ ସେ ନେଇ ସେ ଆଶଙ୍କା ପ୍ରକାଶ କରିଛନ୍ତି। ବାଇଧରଙ୍କ ପ୍ରତି ନୟାଗଡ ଜିଲ୍ଲାପାଳ ସଦୟ ହୋଇ ଚଳିତ ମାସ ଠାରୁ ତାଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ କରିବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।

# ଜେଏସଡବ୍ଲ୍ୟୁ ସମର୍ଥ କେନ୍ଦ୍ରରେ ମହିଳା ଦିବସ ପାଳିତ



ପାରାଦୀପ, ୧୧।୩(ନିପ୍ର) ନୁଆଗାଁରେ ଅବସ୍ଥିତ ଜେଏସଡବ୍ଲୁ ଫାଉଣ୍ଡେସନର ସମର୍ଥ ଯୁବ ବିକାଶ କେନ୍ଦ୍ରରେ ମହିଳା ଦିବସ ଉତ୍ସାହ ଓ ଉଦ୍ଦୀପନା ର ସହିତ ପାଳିତ ହୋଇଯାଇଛି।ଏହି ଅବସରରେ ଉକ୍ତ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ମାଆମାନଙ୍କୁ ସମ୍ମାନ ଜଣାଇ ଏକ ଅର୍ଥପୂର୍ଣ୍ଣ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମାଆମାନଙ୍କର ଶକ୍ତି, ସମର୍ପଣ ଓ ତ୍ୟାଗକୁ ସ୍ୱୀକାର କରାଯାଇଥିଲା। ଯେଉଁମାନେ ନିଜ ସନ୍ତାନଙ୍କ ଭବିଷ୍ୟତ ଗଢ଼ିବାରେ ମୁଖ୍ୟ ଭୂମିକା ନିଭାଇ ଥାଆନ୍ତି।ଉକ୍ତ ଉତ୍ସବ କୁ ମାଆମାନେ ଆନନ୍ଦମୟ ପରିବେଶରେ କେକ କାଟି ମହିଳା ଦିବସ କୁ ପାଳନ କରିଥିଲେ। ଏହି ଉପଲକ୍ଷେ ମାଆ ମାନଙ୍କୁ ସମ୍ମାନ ସ୍ୱରୂପ ଉପହାର ପ୍ରଦାନ କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୁଆଗାଁ ସରପଞ୍ଚ ଶ୍ରୀମତୀ ସୁଚିତ୍ରା ମନ୍ତ୍ରୀ, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡର ଉପାଧ୍ୟକ୍ଷ (ପ୍ରଶାସନ) ଶ୍ରୀ ମନୋଜ ସିଂହ,ଜେଏସଡବ୍ଲୁ ଫାଉଣ୍ଡେସନ (ସିଏସଆର)ର ଲୋକେସନ ହେଡ୍ ଶ୍ରୀ ଅଭିଜିତ ମହାନ୍ତି ଏବଂ ଗୁରୁକୁଳ ଫାଉଣ୍ଡେସନର ମୁଖ୍ୟ ଶ୍ରୀ ସୂରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୬ରୁ ଜାପାନ ଖୋଲିବ ତୈଳ ଭଣ୍ଡାର



**ଟୋକିଓ, ୧୧।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ଜାପାନ ଏନର୍ଜୀ ମାର୍କେଟକୁ ସ୍ଥିର ରଖିବା ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି। ଜାପାନ ପ୍ରଧାନମନ୍ତ୍ରୀ ସାନେ ତାକାଇଚୀ ବୁଧବାର ଜାପାନ ରଣନୈତିକ ତୈଳ ଭଣ୍ଡାରର ଗୋଟିଏ ଅଂଶ ଜାରି କରିଛନ୍ତି। ଏପରି କରିବାରେ ଜାପାନ ଜି-୭ ଦେଶଙ୍କ ମଧ୍ୟରେ ପ୍ରଥମ ଦେଶ ପାଲଟିଛି। ପ୍ରଧାନମନ୍ତ୍ରୀ ତାକାଇଚୀ ଟୋକିଓରେ କହିଛନ୍ତି ଯେ ଜାପାନ ମାର୍ଚ୍ଚ ୧୬ ତାରିଖରୁ ଘରୋଇ କ୍ଷେତ୍ରର ତୈଳ ଭଣ୍ଡାରରୁ ୧୫ ଦିନର ଖର୍ଚ୍ଚ ଭଳି ଓ ସରକାରୀ ତୈଳ ଭଣ୍ଡାରରୁ ଏକ ମାସର ଖର୍ଚ୍ଚ ଭଳି ତୈଳ ବଜାରକୁ ଛାଡିବାକୁ ଯୋଜନା କରୁଛନ୍ତି।

ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଉପସାଗରୀୟ କ୍ଷେତ୍ରରେ ଜାରି ଇରାନ-ଇସ୍ରାଏଲ ଯୁଦ୍ଧ କାରଣରୁ ଯୋଗାଣରେ ବାଧା ଓ ମୂଲ୍ୟରେ ହେଉଥିବା ପଡ ଉଠକୁ କମ କରିବା। କ୍ରୁଡ ଅଏଲ ପାଇଁ ଜାପାନ ମଧ୍ୟପ୍ରାଚ୍ୟ ଦେଶଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଇରାନ ଯୁଦ୍ଧ ଓ ହରମୁଜ ପ୍ରଣାଳୀରେ ଉତ୍ତେଜନା କାରଣରୁ ଅଶୋଧିତ ତୈଳ ଯୋଗାଣ ଉପରେ ବିପଦର ବାଦଲ ଢାଙ୍କି ହୋଇ ରହିଛି। ଏହି କାରଣରୁ ଜାପାନ ଏବେ ଏପରି ପଦକ୍ଷେପ ନେଇଛି।

## ମୋଜତାବା ସମ୍ପୂର୍ଣ୍ଣ ସୁରକ୍ଷିତ

**ତେହେରାନ, ୧୧।୩ (ଏଜେନ୍ସି):** ଆମେରିକା-ଇସ୍ରାଏଲ୍ ଆକ୍ରମଣ ଏବଂ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଘମାଘୋଟ ଯୁଦ୍ଧ ମଧ୍ୟରେ ଇରାନର ନୂଆ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଯୁଦ୍ଧରେ ଆହତ ହୋଇଥିଲେ ମଧ୍ୟ ୫୬ ବର୍ଷୀୟ ମୋଜତାବା ବର୍ତ୍ତମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ସୁସ୍ଥ ଅଛନ୍ତି ବୋଲି ଇରାନ ରାଷ୍ଟ୍ରପତି ମାସୁଦ ପେଜେଶ୍ କିଆନଙ୍କ ପୁତ୍ର ୟୁସେଫ୍ ପେଜେଶ୍‌କିଆନ ସୂଚନା ଦେଇଛନ୍ତି।



ସେ କହିଛନ୍ତି, ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ପୂର୍ବତନ ସର୍ବୋଚ୍ଚ ନେତା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ମୋଜତାବାଙ୍କୁ ଦେଶର ସୁପ୍ରିମ୍ ଲିଡର ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସେ ସାର୍ବଜନୀନ ଭାବେ କେଉଁଠି ନଜର ଆସିନଥିବାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଅନେକ କଳ୍ପନାଜଳ୍ପନା ଲାଗିରହିଥିଲା।

ଏହାର ଅବସାନ ଘଟାଇ ସରକାରୀ ଉପଦେଷ୍ଟା ତଥା ରାଷ୍ଟ୍ରପତିଙ୍କ ପୁତ୍ର ୟୁସେଫ୍ ନିଜ ଟେଲିଗ୍ରାମ୍ ଆକାଉଣ୍ଟରେ ଲେଖିଛନ୍ତି, ମୁଁ ଖବର ପାଇଲି ଯେ ମୋଜତାବା ଖାମେନେଇ ଆହତ ହୋଇଛନ୍ତି। ଏହାପରେ ମୁଁ କିଛି ସମ୍ପର୍କୀୟ ଓ ବନ୍ଧୁମାନଙ୍କୁ ପଚାରି ବୁଝିଲି। ସେମାନେ ମୋତେ କହିଲେ ଯେ, ଭଗବାନଙ୍କ କୃପାରୁ ସେ ସୁରକ୍ଷିତ ଏବଂ ସୁସ୍ଥ ଅଛନ୍ତି। ଏହା ପୂର୍ବରୁ ଇରାନର ରାଷ୍ଟ୍ରୀୟ ଗଣମାଧ୍ୟମ ମୋଜତାବାଙ୍କୁ ରମଜାନ ଯୁଦ୍ଧର ଜଣେ ଆହତ ଯୋଦ୍ଧା ବୋଲି ସମ୍ବୋଧିତ କରିଥିଲା, କିନ୍ତୁ ତାଙ୍କ ଆଘାତ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନଥିଲା। ଆମେରିକାର ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ମୋଜତାବା ଖାମେନେଇଙ୍କ ଗୋଡ଼ ସମେତ ଶରୀରର କେତେକ ସ୍ଥାନରେ ଆଘାତ ଲାଗିଛି। ତେବେ ସେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ ଏକ ଅତ୍ୟନ୍ତ ସୁରକ୍ଷିତ ତଥା ଗୁପ୍ତ ସ୍ଥାନରେ ଆଶ୍ରୟ ନେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ତାଙ୍କର ଯୋଗାଯୋଗ ବ୍ୟବସ୍ଥାକୁ ଅତ୍ୟନ୍ତ ସୀମିତ ରଖାଯାଇଛି।

ଚଳିତ ମାସ ଆରମ୍ଭରେ ଇରାନର ଆସେମ୍ବ୍ଲି ଅଫ୍ ଏକ୍ସପର୍ଟ୍ସ ଦ୍ୱାରା ମୋଜତାବାଙ୍କୁ ନୂଆ ସୁପ୍ରିମ ଲିଡର ଭାବେ ଚୟନ କରାଯାଇଥିଲା। ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନର ଇତିହାସରେ ଏହା ପ୍ରଥମଥର, ଯେତେବେଳେ ସର୍ବୋଚ୍ଚ ନେତା ପଦବୀ ଜଣେ ପିତାଙ୍କ ପରେ ତାଙ୍କ ପୁତ୍ରଙ୍କୁ ହସ୍ତାନ୍ତର କରାଯାଇଛି।

### ତୈଳ ଦର ନିୟନ୍ତ୍ରଣ ପ୍ରୟାସ

# ବିଶ୍ୱ ବଜାରକୁ ବିପୁଳ ତୈଳ ଛାଡ଼ିବ ଆଇଇଏ

**ନୂଆଦିଲ୍ଲୀ, ୧୧।୩(ଏଜେନ୍ସି):** ଇରାନ ଉପରେ ଆମେରିକା-ଇସ୍ରାଏଲ୍ ଆକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ତୈଳ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ଏହାର ତୈଳ ଭଣ୍ଡାରରୁ ସବୁଠାରୁ ବଡ଼ ଯୋଗାଣ ପାଇଁ ପ୍ରସ୍ତୁତ ହେଉଛି। ବିଶ୍ୱର ଏହି ଶକ୍ତି ନିରୀକ୍ଷକ ସଂସ୍ଥା ଏହାର ୩୨ଟି ସଦସ୍ୟ ଦେଶକୁ ପ୍ରାୟ ୪୦ କୋଟି (୪୦୦ ମିଲିୟନ୍) ବ୍ୟାରେଲ୍ ଜରୁରୀକାଳୀନ ଅଶୋଧିତ ତୈଳ ବଜାରକୁ ଛାଡ଼ିବ। ଏହା ଗୋଷ୍ଠୀର ସମୁଦାୟ ମହଜୁଦର ଏକ ତୃତୀୟାଂଶ ଏବଂ ପୂର୍ବାପେକ୍ଷା ଦୁଇ ଗୁଣରୁ ଅଧିକ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଅନୁଯାୟୀ ଏହି ଜରୁରୀକାଳୀନ ହସ୍ତକ୍ଷେପ ୨୦୨୨ରେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଜାରି କରାଯାଇଥିବା ୧୮.୨ କୋଟି ବ୍ୟାରେଲ୍ ତୈଳ ଠାରୁ ଯଥେଷ୍ଟ ଅଧିକ ହେବ।



ଯୋଜନା ଅନୁଯାୟୀ, ୩୨ଟି ସଦସ୍ୟ ଦେଶଙ୍କ ପାଖରେ ବିଶ୍ୱ ବଜାରକୁ ତୈଳ ଛାଡ଼ିବା ପାଇଁ ୯୦ ଦିନ ସମୟ ରହିବ। ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବନ୍ଦ ହେବା କାରଣରୁ ଦୈନିକ ପ୍ରାୟ ୨ କୋଟି ବ୍ୟାରେଲ୍ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ପ୍ୟାରିସ୍ ଭିତ୍ତିକ ଏହି ଆଇଇଏ ଏକ ବୈଠକ କରି ସୁପାରିଶ ପ୍ରକାଶ କରିବ। ଏହାପରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ଅଧ୍ୟକ୍ଷତାରେ ଜି-୭ ନେତାଙ୍କ ବୈଠକ ଅନୁଷ୍ଠିତ ହେବ।

ବୁଧବାର ସକାଳେ ଜି- ୭ ଦେଶର ନେତୃବୃନ୍ଦ କହିଛନ୍ତି ଯେ ସେମାନେ ମୂଳତଃ ଯୋଗାଣ ସମସ୍ୟା ଏବଂ ବଜାରର ଅସ୍ଥିରତାକୁ ଦୂର କରିବା ପାଇଁ ତୈଳ ଭଣ୍ଡାରର ଜରୁରୀ ବ୍ୟବହାରକୁ ସମର୍ଥନ କରନ୍ତି। ମଙ୍ଗଳବାର ଜି-୭ ସଦସ୍ୟ ଦେଶର ଶକ୍ତି ଅଧିକାରୀଙ୍କ ମଧ୍ୟରେ ଏକ ଜରୁରୀକାଳୀନ ବୈଠକ ବସି ଏହି ପ୍ରସ୍ତାବ ଆସିଥିଲା। ତୈଳ ଦରରେ ଐତିହାସିକ ବୃଦ୍ଧି ପରେ ଜରୁରୀକାଳୀନ ଭଣ୍ଡାର ବ୍ୟବହାର କରିବାକୁ ବିଚାର କରାଯାଉଛି। ଯଦି ବୈଠକରେ କୌଣସି ଗୋଟିଏ ବି ସଦସ୍ୟ ଦେଶ ଆପତ୍ତି କରନ୍ତି, ତେବେ ଏହି ପ୍ରକ୍ରିୟା ବିଳମ୍ବ ହୋଇପାରେ।

୧୯୭୦ ଦଶକର ମଧ୍ୟପ୍ରାଚ୍ୟ ତୈଳ ସଙ୍କଟ ପରେ ଗଠିତ ଏହି ସଂଗଠନର ସଦସ୍ୟମାନେ ଅତିକମରେ ୯୦ ଦିନର ଅଶୋଧିତ ତୈଳ ମହଜୁଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଯୋଗାଣ ବାଧାପ୍ରାପ୍ତ ହେଲେ ଏଠାରୁ ବଜାରକୁ ତୈଳ ଛଡ଼ାଯାଇଥାଏ।

## ୟୁଏସ୍‌ଏରେ ତୈଳ ବିଶୋଧନାଗାର ନିର୍ମାଣ କରିବ ରିଲାଏନ୍ସ

### ମୁକେଶ ଅମ୍ବାନୀଙ୍କୁ ଧନ୍ୟବାଦ ଜଣାଇଲେ ଟ୍ରମ୍ପ




**ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ଶକ୍ତି କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଘୋଷଣା କରିଛନ୍ତି। ଆମେରିକାର ଟେକ୍ସାସ ସ୍ଥିତ ବ୍ରାଉନ୍ସଭିଲ୍ ଠାରେ ଏକ ବିଶାଳ ତୈଳ ବିଶୋଧନାଗାର ନିର୍ମାଣ ପାଇଁ ୩୦୦ ବିଲିୟନର (ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା) ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ବୃହତ ପ୍ରକଳ୍ପ ପାଇଁ ଟ୍ରମ୍ପ ଭାରତ ଏବଂ ଏହାର ସର୍ବବୃହତ ଘରୋଇ ଶକ୍ତି କମ୍ପାନୀ 'ରିଲାଏନ୍ସ'କୁ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଇଛନ୍ତି।

ଗତ ୫୦ ବର୍ଷ ମଧ୍ୟରେ ଆମେରିକାରେ ଏହା ପ୍ରଥମ ସମ୍ପୂର୍ଣ୍ଣ ନୂତନ ତୈଳ ବିଶୋଧନାଗାର ହେବ। ଟ୍ରମ୍ପ ଏହାକୁ ''ଆମେରିକା ଫାଷ୍ଟ ରିଫାଇନିଂ'' ଭାବେ ନାମିତ କରିବା ସହ ଏହା ବିଶ୍ୱର ସବୁଠାରୁ ସ୍ୱଚ୍ଛ ବିଶୋଧନାଗାର ହେବ ବୋଲି ଦାବି କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଟେକ୍ସାସ ଅଞ୍ଚଳରେ ହଜାର ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ-ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ତୈଳ ପରିବହନ ବନ୍ଦ ରହିଛି। ଏଭଳି ସଙ୍କଟ ସମୟରେ ଆମେରିକା ନିଜର ଶକ୍ତି ସ୍ୱାବଲମ୍ବୀତା ବଢ଼ାଇବା ପାଇଁ ଏହି ବଡ଼ ନିଷ୍ପତ୍ତି ନେଇଛି।

ଟ୍ରମ୍ପଙ୍କ ଲେଖିଛନ୍ତି ''ଭାରତୀୟ ସହଭାଗୀ ଏବଂ ରିଲାଏନ୍ସକୁ ଏହି ଅଭୁତପୂର୍ବ ପୁଞ୍ଜିନିବେଶ ପାଇଁ ଧନ୍ୟବାଦ। ଏହା ଆମେରିକାର ଶକ୍ତି ପ୍ରାଧାନ୍ୟକୁ ପୁନଃପ୍ରତିଷ୍ଠିତ କରିବ।''

## ସିଏପିଏଫ୍ ଜେନେରାଲ ଆଡମିନିଷ୍ଟ୍ରେସନ ବିଲ୍‌କୁ ଅନୁମୋଦନ

**ନୂଆଦିଲ୍ଲୀ, ୧୧।୩(ଏଜେନ୍ସି):** ସୁରକ୍ଷା ବଳରେ ଆଇପିଏସ୍ ରାଜ। କେନ୍ଦ୍ର ସରକାର ଆଣିଲେ ନୂଆ ଆଇନ। କେନ୍ଦ୍ର କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ସିଏପିଏଫ୍ ଜେନେରାଲ ଆଡମିନିଷ୍ଟ୍ରେସନ ବିଲ୍‌କୁ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆଇଟିବିପି ଭଳି କେନ୍ଦ୍ରୀୟ ସୁରକ୍ଷା ବଳର ବଡ଼ ପଦବୀଗୁଡ଼ିକରେ ଆଇପିଏସ୍ ଅଫିସରମାନଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆହୁରି ମଜବୁତ ହେବ। ବିଲ୍ ଅନୁସାରେ ଡିଆଇଜି ଏବଂ ଆଇଜି ପାହ୍ୟାର ବଡ଼ ପଦବୀଗୁଡ଼ିକରେ ଆଇପିଏସ୍ ଅଫିସରମାନେ ପୂର୍ବଭଳି ଡେପୁଟେସନ୍‌ରେ ଆସି କାମ କରିପାରିବେ। ବର୍ତ୍ତମାନର ନିୟମ ଅନୁସାରେ ଡିଆଇଜି ସ୍ତରରେ ୨୦% ଏବଂ ଆଇଜି ସ୍ତରରେ ୫୦% ପଦବୀ ଆଇପିଏସ୍ ମାନଙ୍କ ପାଇଁ ସଂରକ୍ଷିତ ଅଛି। ୨୦୨୫ ମସିହାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଥିଲେ ଯେ, ସୁରକ୍ଷା ବଳର ନିଜସ୍ୱ ଅଫିସରମାନଙ୍କୁ ଅଧିକ ପଦୋନ୍ନତି ମିଳିବା ଦରକାର ଏବଂ ଆଇପିଏସ୍ ମାନଙ୍କ ସଂଖ୍ୟା ଧୀରେ ଧୀରେ କମାଇବା ଉଚିତ। ସୁପ୍ରିମକୋର୍ଟଙ୍କ ସେହି ନିର୍ଦ୍ଦେଶକୁ ଆଇନଗତ ଭାବେ ବଦଳାଇବା ପାଇଁ କେନ୍ଦ୍ର ସରକାର ଏହି ନୂଆ ବିଲ୍ ଆଣିଛନ୍ତି। ସରକାରଙ୍କ ଯୁକ୍ତି ହେଉଛି ଯେ, ଆଇପିଏସ୍ ଅଫିସରମାନେ ରହିଲେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହଜ ହେବ। ସୁରକ୍ଷା ବଳର ନିଜସ୍ୱ ଅଫିସରମାନେ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ କହିବା କଥା ହେଉଛି, ବାହାରୁ ଅଫିସର ଆସି ବଡ଼ ପଦବୀରେ ବସିବା ଯୋଗୁଁ ସୁରକ୍ଷା ବଳରେ ବର୍ଷ ବର୍ଷ ଧରି କାମ କରୁଥିବା ଅଫିସରମାନଙ୍କର ପଦୋନ୍ନତି ବାଧାପ୍ରାପ୍ତ ହେଉଛି।



## ଖାଲଖମା ରାସ୍ତା ଯୋଗୁ ଜୀବନ ପାଇଲେ ବ୍ରେନ ଡେଡ୍ ମହିଳା

**ପିଲିଭିତ, ୧୧।୩(ଏଜେନ୍ସି):** ଆଶ୍ଚର୍ଯ୍ୟ ଓ ଅବିଶ୍ୱସନୀୟ। ରାସ୍ତାରେ ଥିବା ଖାଲଖମା ଦୁର୍ଘଟଣା ଏବଂ ମୃତ୍ୟୁର କାରଣ ସାଜିଥାଏ, ସେଠି ଖାଲ ଯୋଗୁଁ ମହିଳାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଡାକ୍ତରଙ୍କ ଦ୍ୱାରା 'ବ୍ରେନ୍ ଡେଡ୍' ଘୋଷଣା ହୋଇସାରିଥିବା ଜଣେ ମହିଳା ଆମ୍ବୁଲାନ୍ସରେ ଫେରୁଥିବା ସମୟରେ ଏକ ବଡ଼ ଖାଲରେ ପଡ଼ି ଝଟକା ଖାଇବା ପରେ ଆଶ୍ଚର୍ଯ୍ୟଜନକ ଭାବେ ପୁଣି ବଞ୍ଚି ଉଠିଛନ୍ତି।

ପୀଡ଼ିତା ମହିଳାଙ୍କ ନାମ ବିନୀତା ଶୁକ୍ଳା। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବରେଲିର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କର ବଞ୍ଚିବାର କୌଣସି ଆଶା ନାହିଁ ଏବଂ ସେ 'ବ୍ରେନ୍ ଡେଡ୍' ହୋଇଯାଇଛନ୍ତି ବୋଲି ଡାକ୍ତରମାନେ ସ୍ପଷ୍ଟ କହିଦେଇଥିଲେ। ଏହାପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରିଦିଆଯାଇଥିଲା। ଆଉ ଘରେ ଶେଷକୃତ୍ୟ ପ୍ରସ୍ତୁତି ମଧ୍ୟ କରିଦେଇଥିଲେ।



ବିନୀତାଙ୍କ ସ୍ୱାମୀ କୁଳଦୀପ କୁମାର ଶୁକ୍ଳା ଏକ ଆମ୍ବୁଲାନ୍ସ ଯୋଗେ ପତ୍ନୀଙ୍କୁ ଧରି ଘରକୁ ଫେରୁଥିଲେ। ମହିଳା ଆମ୍ବୁଲାନ୍ସରେ ଫେରୁଥିବା ସମୟରେ ଏକ ବଡ଼ ଖାଲରେ ପଡ଼ି ଝଟକା ଖାଇବା ପରେ ଆଶ୍ଚର୍ଯ୍ୟଜନକ ଭାବେ ପୁଣି ବଞ୍ଚି ଉଠିଛନ୍ତି। ଆଉ ସେ ଆମ୍ବୁଲାନ୍ସକୁ ବୁଲାଇ ପିଲିଭିତ ସ୍ଥିତ ନ୍ୟୁରୋସିଟି ହସ୍ପିଟାଲକୁ ନେଇ ବିନୀତାଙ୍କୁ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

## ବିମାନ ଟିକେଟ୍ ମୂଲ୍ୟରେ ବୃଦ୍ଧି

**ନୂଆଦିଲ୍ଲୀ, ୧୧।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ମହଙ୍ଗା ହେବାରେ ଲାଗିଛି ବିମାନ ଇନ୍ଧନ। ପ୍ରଭାବରେ ବିଶ୍ବର ବିଭିନ୍ନ ପ୍ରାନ୍ତର ଏୟାରଲାଇନ୍ସ ଟିକଟ ମୂଲ୍ୟ ବଢ଼ାଇବା ଆରମ୍ଭ କରିଛନ୍ତି। ଭଡା ବୃଦ୍ଧି ନେଇ ଏୟାର ଇଣ୍ଡିଆ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଘରୋଇ ବିମାନ ପାଇଁ ୩୯୯ ଟଙ୍କା ବୃଦ୍ଧି ପାଇଥିବା ବେଳେ ଅନ୍ତର୍ଜାତୀୟ ଭଡାରେ ୨୫ରୁ ୫୦ ଡଲାର ବଢ଼ିଛି। ଆସନ୍ତାକାଲିଠୁ ନୂଆ ଦର ଲାଗୁ ହେବ।



ଆଭିଏସନ ଟର୍ବାଇନ୍ ଫୁଏଲ୍ - ଏଟିଏଫ୍ ମୂଲ୍ୟ ହଠାତ୍ ବଢ଼ିଯିବା କାରଣରୁ କମ୍ପାନିଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଯାଇଛି। ତାହାକୁ ଦୃଷ୍ଟିରେ ରଖି ସେମାନେ ଟିକଟ୍ ମୂଲ୍ୟ ବଢ଼ାଉଛନ୍ତି। ଅଷ୍ଟ୍ରେଲିଆର କ୍ୱାଣ୍ଟାସ୍ ଏୟାରୱେଜ୍, ସ୍କାଣ୍ଡିନାଭିଆର ଏସ୍ ଏଏସ୍ ଓ ନ୍ୟୁଜିଲ୍ୟାଣ୍ଡର ଏୟାର ନ୍ୟୁଜିଲ୍ୟାଣ୍ଡ୍ ଟିକଟ ଦର ବଢ଼ାଇଛନ୍ତି। ଯୁଦ୍ଧ ପୂର୍ବରୁ ବିମାନ ଇନ୍ଧନର ବ୍ୟାରେଲ୍ ପିଛା ଦର ୮୫-୯୦ ଡଲାର ଥିଲା। ଏବେ ତାହା ୧୫୦-୨୦୦ ଡଲାରରେ ପହଞ୍ଚିଛି।

ହର୍ମୁଜ ପ୍ରଣାଳୀ ଦେଇ ତେଲ ଜାହାଜ ସ୍ବାଭାବିକ ଭାବେ ଚଳାଚଳ କରିପାରୁନଥିବାରୁ ତେଲ ଦର ବଢ଼ୁଛି। ଯଦି ଏହି ସ୍ଥିତି ଲମ୍ବା ସମୟ ଲାଗିରହିବ ତେବେ ବିମାନ ଟିକଟ ଆହୁରି ମହଙ୍ଗା ହେବ ଓ ବିମାନ ଯାତ୍ରା ଚାହିଦା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ଆକାଶମାର୍ଗ ବନ୍ଦ ଓ ସୀମିତ କ୍ଷମତା କାରଣରୁ ଏସିଆ ଓ ୟୁରୋପ ମଧ୍ୟରେ ବିମାନ ଭଡ଼ା ଆକାଶଛୁଆଁ ସ୍ତରରେ ପହଞ୍ଚିଛି। ହଂକଂ ଏୟାରଲାଇନ୍ସ ମଧ୍ୟ ତେଲର ବର୍ଦ୍ଧିତ ଦରକୁ ନେଇ ଚିନ୍ତା ପ୍ରକଟ କରିଛି। ଏହା ହଂକଂ, ମାଳଦ୍ବୀପ, ବାଂଲାଦେଶ ଓ ନେପାଳ ମଧ୍ୟରେ ଯାତ୍ରାକୁ ପ୍ରଭାବିତ କରିବ ବୋଲି କମ୍ପାନି ଆଶଙ୍କା କରୁଛି।

## ଗ୍ୟାସ ସିଲିଣ୍ଡର ଅଭାବ ଗୁଜବ

### ଆତଙ୍କିତ ନହେବାକୁ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି):** ଦେଶରେ ଏଲପିଜି ସଙ୍କଟକୁ ନେଇ ବ୍ୟାପୁଥିବା ଗୁଜବ ଓ ଭ୍ରମାତ୍ମକ ଖବର ଯୋଗୁଁ ଉପଭୋକ୍ତାଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଏହି କାରଣରୁ ଅନେକ ସ୍ଥାନରେ ଗ୍ୟାସ ସିଲିଣ୍ଡର ହୋର୍ଡିଂ ବା ମହଜୁଦ କରିବା ଏବଂ ପ୍ୟାନିକ୍ ବୁକିଂ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜନସାଧାରଣଙ୍କୁ ଆଶ୍ୱାସନା ଦେବା ସହ ଗୁରୁତ୍ୱପୂର୍ଣ୍ଣ ସୂଚନା ଜାରି କରିଛନ୍ତି।



ସରକାରଙ୍କ ନିର୍ଦ୍ଦେଶକ୍ରମେ ଦେଶରେ ଘରୋଇ ଏଲପିଜି ଉତ୍ପାଦନକୁ ୨୫% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସିଲିଣ୍ଡର ଅଭାବ ନେଇ ବ୍ୟାପୁଥିବା ମିଥ୍ୟା ଖବର ଉପରେ ବିଶ୍ୱାସ ନକରିବାକୁ ଏବଂ ଶାନ୍ତି ବଜାୟ ରଖିବାକୁ ସରକାରୀ ଅଧିକାରୀମାନେ ଅନୁରୋଧ କରିଛନ୍ତି।

ପେଟ୍ରୋଲିୟମ ମନ୍ତ୍ରାଳୟର ଅଧିକାରୀ ସୁଜାତା ଶର୍ମା କହିଛନ୍ତି ଯେ, ଏଲପିଜି ଭର୍ତ୍ତି କାର୍ଗୋ ଜାହାଜ ଭାରତ ଅଭିମୁଖେ ଆସୁଛି ଏବଂ ଆସନ୍ତା ୧-୨ ଦିନ ମଧ୍ୟରେ ଏହା ପହଞ୍ଚିଯିବ। ଭାରତ ତାର ମୋଟ ଏଲପିଜି ଆବଶ୍ୟକତାର ପ୍ରାୟ ୬୦% ଆମଦାନୀ କରିଥାଏ। ଏଥିମଧ୍ୟରୁ ୯୦% ଆମଦାନୀ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ହୋଇଥାଏ। ସାମ୍ପ୍ରତିକ ସ୍ଥିତିକୁ ସମୀକ୍ଷା କରିବା ପାଇଁ ପେଟ୍ରୋଲିୟମ, ବୈଦେଶିକ ବ୍ୟାପାର ଏବଂ ଜଳପଥ ମନ୍ତ୍ରାଳୟ ପକ୍ଷରୁ ମିଳିତ ଭାବେ ଏହି ସୂଚନା ଦିଆଯାଇଛି।

### ଭୟଙ୍କର ହେଉଛି ଯୁଦ୍ଧ

# ଇରାନର ୧୬ ଯୁଦ୍ଧ ଜାହାଜ ଧ୍ୱଂସ କଲା ଆମେରିକା

**ୱାଶିଂଟନ, ୧୧।୩(ଏଜେନ୍ସି):** ଗର୍ଜୁଛି ମିସାଇଲ, ବର୍ଷୁଛି ନିଆଁ। ବୋମାମାଡ଼ରେ ଥରୁଛି ମଧ୍ୟପ୍ରାଚ୍ୟ। ତୁହାକୁ ତୁହା ଖସୁଛି ଡ୍ରୋନ୍। ଘମାଘୋଟ ହେଉଛି ଯୁଦ୍ଧ। ଆଜି ତେହେରାନରେ ଭୟାନକ ଆକ୍ରମଣ କରିଛି ଇସ୍ରାଏଲ। ଦୀର୍ଘ ଏକ ଘଣ୍ଟାଏ ଧରି ଏୟାର ରେଡ୍। ଖସିଥିଲା ମାଳମାଳ ଡ୍ରୋନ୍। ଜଳ, ସ୍ଥଳ, ଆକାଶ ସବୁଠି ମହା ବିଧ୍ବଂସର ଖେଳ। ନଇଁନଥିବା ଇରାନ ଉପରେ ପ୍ରଚଣ୍ଡ ହମଲା କରୁଛନ୍ତି ଆମେରିକା ଓ ଇସ୍ରାଏଲ ସେନା। ସମୁଦ୍ରରେ ଇରାନର ୧୬ ଯୁଦ୍ଧ ଜାହାଜକୁ ଧ୍ୱଂସ କରିଛନ୍ତି ଆମେରିକା। ସମୁଦ୍ର ମଝିରେ ସର୍ଜିକାଲ ଷ୍ଟ୍ରାଇକ୍ ର ଭିଡିଓ ଜାରି କରିଛି ପେଣ୍ଟାଗନ। ଆମେରିକାର ସେଣ୍ଟ୍ରାଲ କମାଣ୍ଡ କହିଛି, ଧ୍ବଂସ ହୋଇଥିବା ଇରାନର ଏହି ୧୬ ଯୁଦ୍ଧ ଜାହାଜ ସମୁଦ୍ର ଭିତରେ ମାଇନ୍ ବିଛାଇବାର କ୍ଷମତା ରଖିଥିଲେ। ଏଗୁଡ଼ିକୁ ଏୟାର ଷ୍ଟ୍ରାଇକ୍‌ରେ ବୁଡ଼ାଇ ଦିଆଯାଇଛି। ଷ୍ଟ୍ରେଟ୍ ଅଫ ହର୍ମୁଜରେ ଗୋଟେ ଲିଟର ତେଲ ନଛାଡ଼ିବାକୁ ଧମକ ଦେଇଥିବା ଇରାନ୍ ଏବେ ସମୁଦ୍ର ତଳେ ମାଇନ ବିଛାଇବା ଆରମ୍ଭ କରିଛି। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ସମୁଦ୍ର ତଳେ ବିଛାଇଥିବା ବୋମାକୁ ହଟାଉ ଇରାନ। ନହେଲେ ଏଭଳି ପରିଣାମ ଭୋଗିବ, ଯାହା ଦୁନିଆ ପୂର୍ବରୁ କେବେ ବି ଦେଖି ନଥିବ।



ଆମେରିକା ନୌସେନା ହର୍ମୁଜ ପ୍ରଣାଳୀକୁ ସୁରକ୍ଷା ଦେବା ଆରମ୍ଭ କରିଛି। ଆମେରିକା ନୌସେନାର ସୁରକ୍ଷା ବଳୟ ଭିତରେ କିଛି ତେଲ ଟ୍ୟାଙ୍କର ଆସିଛି। ଫଳରେ ତୈଳ ଦର ୧୫ ପ୍ରତିଶତ ହ୍ରାସ ପାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୧୦ ରୁ ୧୨୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଷ୍ଟ୍ରେଟ୍ ଅଫ୍ ହରମୁଜ ଦେଇ ଦୁନିଆର ପ୍ରାୟ ୨୦% ତୈଳ ପରିବହନ ହୋଇଥାଏ। ବ୍ରେଣ୍ଟ ଅଶୋଧିତ ତୈଳ ଦର ୯୦ ଡଲାରରୁ କମି ଏବେ ୮୦ ରୁ ୮୭ ଡଲାର ପାଖାପାଖି ପହଞ୍ଚିଛି। ଅନ୍ୟପଟେ ଆମେରିକାର ଧମକ ସତ୍ତ୍ବେ ଆଜି ୩ଟି ତୈଳ ଟ୍ୟାଙ୍କର ଉପରେ ରକେଟ୍ ମାଡ଼ ହୋଇଛି। ଏଥିରେ ଗୋଟିଏ କାର୍ଗୋ ଜାହାଜରେ ନିଆଁ ଲାଗି ଯାଇଥିଲା। ପରେ ନିଆଁକୁ ଆୟତ୍ତ କରାଯାଇଥିଲା।

### ଦୁବାଇ ଏୟାରପୋର୍ଟରେ ପୁଣି ଆଟାକ୍

# ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଖସିଲା ଡ୍ରୋନ

**ନୂଆଦିଲ୍ଲୀ, ୧୧।୩(ଏଜେନ୍ସି):** ପୁଣି ଟାର୍ଗେଟରେ ଦୁବାଇ ଏୟାରପୋର୍ଟ। ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଖସିଲା ଡ୍ରୋନ। ଜଣେ ଭାରତୀୟଙ୍କ ସମେତ ୪ ଜଣ ଆହତ। ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଆକାଶମାର୍ଗରେ ଦୁଇଟି ସନ୍ଦିଗ୍ଧ ଡ୍ରୋନକୁ ପ୍ରତିରକ୍ଷା ବାହିନୀ ଦ୍ୱାରା ଗୁଳିକରି ଖସାଇ ଦିଆଯାଇଥିଲା। ଡ୍ରୋନ ଖସିବାରୁ ୪ ଜଣ ବ୍ୟକ୍ତି ସାମାନ୍ୟ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଭାରତୀୟ ନାଗରିକ ଥିବା ସୂଚନା ରହିଛି। ଏହି ଘଟଣା ସତ୍ତ୍ୱେ ଦୁବାଇ ବିମାନବନ୍ଦରରେ ବିମାନ ଚଳାଚଳ ସ୍ୱାଭାବିକ ରହିଛି। କୌଣସି ବିମାନ ବାତିଲ କିମ୍ବା ବିଳମ୍ବ ହୋଇନାହିଁ। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ସ୍ପଷ୍ଟ କରିଛି ଦୁବାଇ। ଏହି ଡ୍ରୋନ କେଉଁଠାରୁ ଆସିଥିଲା ସେ ନେଇ ତଦନ୍ତ ଜାରି ରଖିଛି ସୁରକ୍ଷା ଏଜେନ୍ସି। ନାଗରିକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଇଛି।



ସେପଟେ ଦୋହାରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। କତାର ରାଜଧାନୀ ଦୋହାର ଅନେକ ସ୍ଥାନରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ଏହି ବିସ୍ଫୋରଣ ବହୁ ଶକ୍ତିଶାଳୀ ଥିବା ସୂଚନା ମିଳିଛି। ଗଲ୍ଫ ଉପରେ ଇରାନର ପ୍ରତିଶୋଧମୂଳକ ଆକ୍ରମଣ ଦ୍ୱାଦଶ ଦିନରେ ପହଞ୍ଚିଛି। ଆହୁରି ଆକ୍ରମଣ ଆଶଙ୍କା ଥିବାରୁ ନାଗରିକମାନଙ୍କୁ ବାହାରକୁ ନବାହାରିବାକୁ ଦୋହା ଗୃହ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ଝରକା ଏବଂ ଖୋଲା ସ୍ଥାନଠାରୁ ଦୂରରେ ରହିବାକୁ କୁହାଯାଇଛି।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida